

କଂଗ୍ରେସ ସହ ମେଣ୍ଟ କରିବେ ବିଜୟ
ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 44 ଭାଗ ୩୪ | ସଂଖ୍ୟା ୪୪ | Wednesday 6 May 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର ୬ ମେ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ବଙ୍ଗ ପାଇଁ ବଡ଼ ନିଷ୍ପତ୍ତି ନେବେ କଳିଙ୍ଗ ମୁଖ୍ୟମନ୍ତ୍ରୀ

# ଶାହଙ୍କ ସହ ସିଏମ୍ ବାଛିବେ ମୋହନ

**ମୋହନ ମୋଦି ଓ ଶାହଙ୍କ ନିକଟତର ହେବା ଚର୍ଚ୍ଚା**

**ପ୍ରଚାର କରିଥିବା ୬ ନେତାଙ୍କ ମଧ୍ୟରୁ ଜିତିଛନ୍ତି ୫**

**ଟାଗୋରଙ୍କ ଜୟନ୍ତୀରେ ଶପଥ ଗ୍ରହଣ ସମାରୋହ!**





ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ): ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପଶ୍ଚିମବଙ୍ଗ ବିଜେପି ବିଧାୟକ ଦଳ ନେତା ନିର୍ବାଚନରେ ସହ-ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରୀୟ ବିଜେପି ପକ୍ଷରୁ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ପଶ୍ଚିମବଙ୍ଗରେ ଦଳୀୟ ପ୍ରଚାରର ମଙ୍ଗ ଧରିଥିବା ବିଜେପିର ଚାଣକ୍ୟ ଅମିତ ଶାହଙ୍କ ସହଯୋଗୀ ଭାବେ ନେତା ନିର୍ବାଚନ ସଂକ୍ରାନ୍ତ ଦାୟିତ୍ୱ ପାଇଛନ୍ତି ଶ୍ରୀ ମାଝୀ। ଶାହ ସଦ୍ୟ ସମାପ୍ତ ପଶ୍ଚିମବଙ୍ଗ ନିର୍ବାଚନରେ ଅଙ୍ଗ, ବଙ୍ଗ ଓ କଳିଙ୍ଗର ପ୍ରସଙ୍ଗ ଉଠାଇଥିଲେ। ଏପରି ସ୍ଥିତିରେ ବଙ୍ଗ ମୁଖ୍ୟମନ୍ତ୍ରୀ ଚୟନରେ କଳିଙ୍ଗର ମୁଖ୍ୟମନ୍ତ୍ରୀ ସାମିଲ ହେବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହୋଇଛି।

ସଦ୍ୟ ସମାପ୍ତ ୫ ରାଜ୍ୟ ନିର୍ବାଚନରେ ପଶ୍ଚିମବଙ୍ଗ ଚର୍ଚ୍ଚାର କେନ୍ଦ୍ରବିନ୍ଦୁରେ ଥିଲା। ଗତକାଲି ହୋଇଥିବା ଗଣତି ପରେ ୨୦୬ ଆସନରେ ରେକର୍ଡ ବିଜୟ ସହ ବିଜେପି ପ୍ରଥମ ଥର ପଶ୍ଚିମବଙ୍ଗରେ କ୍ଷମତାକୁ ଆସିଛି। ପୂରା ପୂର୍ବ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫୋକସରେ ରହିଛି। ହେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଚୟନରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ଭଳି ତୁଙ୍ଗ ନେତୃତ୍ୱଙ୍କ ସହଯୋଗୀ ହେବା ଏକ ଭିନ୍ନ ବାର୍ତ୍ତା ଦେଇଥିବା ଚର୍ଚ୍ଚା ହେଉଛି। ଆଦିବାସୀ ଓ ଗରିବବହୁଳ ପୂର୍ବ ଭାରତରେ ମୋହନଙ୍କ ରାଜନୈତିକ ଚେହେରାକୁ ଗୁରୁତ୍ୱପୂର୍ଣ୍ଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଆଗ୍ରହୀ ଥିବା ପୂର୍ବରୁ ଚର୍ଚ୍ଚା ହୋଇଆସୁଛି। ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ସାମିଲ ହୋଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ୬ଟି ବିଧାନସଭା କ୍ଷେତ୍ରରେ ଧୂଆଁଧାର ପ୍ରଚାର କରିଥିଲେ ଏବଂ ସେଠାରେ ପ୍ରବଳ ଜନସମାଗମ ବି ଦେଖିବାକୁ ମିଳିଥିଲା। ଏହି ୬ଟି ଆସନରୁ ୫ଟିରେ ବିଜେପି ପ୍ରାର୍ଥୀମାନେ ବୃହତ୍ ବ୍ୟବଧାନରେ ବିଜୟ ବି ହାସଲ କରିଛନ୍ତି। ପଶ୍ଚିମବଙ୍ଗ ବିଜେପି ବିଧାୟକ ଦଳ ନେତା ନିର୍ବାଚନରେ ଶାହଙ୍କ ସହଯୋଗୀ ଭୂମିକାରେ ଶ୍ରୀ ମାଝୀ ରହିବା ଅନେକ ରାଜନୈତିକ ସନ୍ଦେଶ ଦେଉଥିବା ଚର୍ଚ୍ଚା ହେଉଛି।

ରାଜ୍ୟ ନିର୍ବାଚନରେ ବିଜେପି ସାଧାରଣତଃ କେବେ ବି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରେନାହିଁ। ତେଣୁ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହଙ୍କ ଚେହେରା ଆଧାରରେ ଗତ ନିର୍ବାଚନ ଲଢ଼ିଥିଲା ବିଜେପି। ପ୍ରଧାନମନ୍ତ୍ରୀ ନିଜେ ରାଜ୍ୟବ୍ୟାପୀ ଏକ ବଡ଼ ର୍ୟାଲି କରିଥିଲେ। ପାଖାପାଖି ମାସେ ଧରି ପ୍ରଧାନମନ୍ତ୍ରୀ ମୋଦି ଜଣେ ସମର୍ପିତ ଦଳୀୟ କର୍ମୀ ଭାବେ ପ୍ରଚାର କରିଥିଲେ। ଏହା ପୂର୍ବରୁ ଶ୍ରୀ ମାଝୀ ଝାଡ଼ଖଣ୍ଡ ନିର୍ବାଚନରେ ବିଜେପି ➪ପୃଷ୍ଠା-୬

### ରେଳ ମାନଚିତ୍ରରେ ବଡ଼ ପରିବର୍ତ୍ତନ

## ଗଠନ ହେଲା ଦକ୍ଷିଣ ତଟ ରେଳବାଇ



- ରାୟଗଡ଼ାକୁ ନୂଆ ମଣ୍ଡଳ ମାନ୍ୟତା
- ଭାଗ ହେଲା ୱାଲଟିୟର ଡିଭିଜନ୍

ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ): ରେଳ ମାନଚିତ୍ରରେ ବଡ଼ ପରିବର୍ତ୍ତନ ହୋଇଛି। ଗଠନ ହେଲା 'ଦକ୍ଷିଣ ତଟ ରେଳବାଇ'। ଆସନ୍ତା ଜୁନ୍ ୧ ତାରିଖରୁ ଏହି ନୂଆ ରେଳ ଜୋନ୍ କରାଯିବ, ଯାହାର ମୁଖ୍ୟାଳୟ ବିଶାଖାପାଟଣାରେ ରହିବ। ଏଥିସହ ରାୟଗଡ଼ାକୁ ନୂଆ ରେଳ ମଣ୍ଡଳ ଭାବେ ମାନ୍ୟତା ଦିଆଯାଇଛି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ଏହି ନିଷ୍ପତ୍ତି ନିଆଯିବା ସହ ରେଳବାଇରେ ବଡ଼ ପୁନର୍ଗଠନ କରାଯାଇଛି। ଏ ସମ୍ପର୍କିତ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି। ନୂଆ ରେଳ ଜୋନ ଓ ମଣ୍ଡଳ ଗଠନ ପାଇଁ ପୂର୍ବତଟ ରେଳବାଇ ସହ ଦକ୍ଷିଣ-କେନ୍ଦ୍ର ରେଳବାଇର ମଧ୍ୟ ପୁନର୍ଗଠନ କରାଯାଇଛି।

ପୂର୍ବତଟ ରେଳବାଇ ଅଧିନରେ ଥିବା ଓ୍ୱାଲଟିୟର ଡିଭିଜନକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ଗୋଟେ ଭାଗକୁ ନେଇ ରାୟଗଡା ଡିଭିଜନ ଗଠନ ହୋଇଛି। ଏହା ପୂର୍ବତଟ ରେଳବାଇ ଅଧିନରେ ରହିବ। ଅନ୍ୟ ଭାଗକୁ ବିଶାଖାପାଟଣା ଡିଭିଜନ କରାଯାଇ ନୂତନ ଭାବେ ଗଠନ ହୋଇଥିବା ଦକ୍ଷିଣ ତଟ ରେଳବାଇ ଜୋନ ଅଧିନରେ ରହିବ। ବର୍ତ୍ତମାନ ରାୟଗଡା ଡିଭିଜନ ଅଧିନରେ ରହିବ ୬୯୬ କିଲୋମିଟର ରେଳପଥ। ସେଥିମଧ୍ୟରେ ରହିଛି ୧୬୪ କିମି କୋଟାପୁଟ-ସିଙ୍ଗାପୁର ରୋଡ୍, କୋଟାଭାସଲା-କିରାଣ୍ଡୁଲର ୪୪୨ କିମି ରେଳପଥ, କୁନେରୁ-ଥେରୁଭାଲିର ୩୬ କିମି ଓ ଗୁଣୁପୁର-ପାରଳାଖେମୁଣ୍ଡିର ୫୪ କିମି ରେଳପଥ। ଏହିସବୁ ରେଳପଥ ପୂର୍ବରୁ ୱାଲଟିୟର ଡିଭିଜନରେ ଥିଲା। ଦକ୍ଷିଣ ତଟ ରେଳବାଇ ➪ପୃଷ୍ଠା-୬

### ସ୍ପଞ୍ଜ ଆଇରନ୍ କାରଖାନାରେ ଅଘଟଣ

## ଗ୍ୟାସ୍ ନେଲା ୩ ଶ୍ରମିକଙ୍କ ଜୀବନ

**ପାଇପ୍ ସଫା ସମୟରେ ଗ୍ୟାସ୍ ଲିକ୍!**



ଅନୁଗୋଳ,୫।୫(ସଂଚାର ବ୍ୟୁରୋ): ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ନିଶା ଥାନାଞ୍ଚଳସ୍ଥିତ ମେଟାଲିକ୍ ସ୍ପଞ୍ଜ ଆଇରନ ପ୍ଲାଣ୍ଟରେ ଘଟିଛି ବଡ଼ ଧରଣର ଦୁର୍ଘଟଣା। ଏଥିରେ ୩ ଜଣ ଶ୍ରମିକଙ୍କ ଜୀବନ ଯାଇଛି। ଖବର ଅନୁସାରେ, ଗତକାଲି ବିଳମ୍ବିତ ରାତିରେ ଡିଆରଆଇ ୟୁନିଟରେ ମେଣ୍ଟେନାନ୍ସ କାମ ଚାଲିଥିବା ସମୟରେ ଶ୍ରମିକମାନେ ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ। ସେତେବେଳେ ସେଠାରେ କାମ କରୁଥିବା ଶ୍ରୀଧର ବୋଗେନ (୩୭), ମଣ୍ଟୁ କମାର (୩୨) ଓ ମଙ୍ଗଳ ମାଝୀ (୪୦) ଗ୍ୟାସ ପ୍ରଭାବରେ ଅଣନିଃଶ୍ୱାସୀ ହେବା ସହ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ସ୍ଥାନୀୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ପରବର୍ତ୍ତୀ ସମୟରେ କଟକକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ କଟକରେ ପହଞ୍ଚିବା ପୂର୍ବରୁ ହିନ୍ଦୋଳ ନିକଟରେ ସେମାନଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି।

ମୃତକମାନଙ୍କ ମଧ୍ୟରୁ ଶ୍ରୀଧର ଓ ମଣ୍ଟୁ ସୁନ୍ଦରଗଡ଼ ଜିଲ୍ଲା ଟାଙ୍ଗରପାଲି ବ୍ଲକ୍ ତିନିଗୁଡ଼ା ଗ୍ରାମର ହୋଇଥିବା ବେଳେ ମଙ୍ଗଳ ରାଜଗାଙ୍ଗପୁର ସୁନାଖଣି ଗ୍ରାମର ବାସିନ୍ଦା। ଏହି ଅଘଟଣ ସମ୍ବନ୍ଧରେ ଖବର ପ୍ରକାଶ ପାଇବା ପରେ ମୃତକଙ୍କ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଘଟଣା ପରେ ମୃତଦେହଗୁଡ଼ିକୁ ହିନ୍ଦୋଳ ଡାକ୍ତରଖାନାରେ ରଖାଯାଇଛି। ପରିବାର ସଦସ୍ୟମାନେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ତେବେ ଏହି ଘଟଣାକୁ ନେଇ ପ୍ଲାଣ୍ଟ ସମ୍ମୁଖରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ଅଘଟଣ ସମୟରେ ଶ୍ରମିକମାନେ ପାଇପ୍‌ଲାଇନ୍ ସଫା କରୁଥିଲେ ବୋଲି ନିଶା ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ➪ପୃଷ୍ଠା-୬

### ଗୁଜରାଟରେ ଉଚ୍ଚସ୍ତରୀୟ ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

## ଅହମ୍ମଦାବାଦରୁ ପୂର୍ବାଞ୍ଚଳ ଅଭିବୃଦ୍ଧି ଅଭିଯାନ

**ଓଡ଼ିଶାର ଶିଳ୍ପ ସମ୍ଭାବନା ପ୍ରଦର୍ଶିତ**

**ଜଗନ୍ନାଥ ଧାମରୁ ଦ୍ୱାରିକା ପର୍ଯ୍ୟନ୍ତ ଅତୁଟ ସାଂସ୍କୃତିକ ସମ୍ପର୍କ**




ଅହମ୍ମଦାବାଦ,୫।୫: 'ଗୁଜରାଟ ଭାରତର ପଶ୍ଚିମ ଭାଗକୁ ସମୃଦ୍ଧ କରିଛି। ବର୍ତ୍ତମାନ ଭାରତର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦ୍ରୁତ ଅଭିବୃଦ୍ଧି ଓ ରଣନୈତିକ ଯୋଜନା ସହ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି। ଏଥିସହ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକମାନଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି' ବୋଲି ଆଜି ଗୁଜରାଟର ଅହମ୍ମଦାବାଦରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବେ ଯୋଗଦାନ କରିଛନ୍ତି। ଏହା ଓଡ଼ିଶାର ବିକଶିତ ଶିଳ୍ପ ବ୍ୟବସ୍ଥା ପ୍ରତି ବଢ଼ୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି। ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପୂର୍ବ ଭାରତର ଅଭ୍ୟୁଦୟ ସହ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ। ପଶ୍ଚିମ ଭାରତ ସହ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ। ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମେ ଗୁଜରାଟକୁ ଏକ ସ୍ପଷ୍ଟ ସନ୍ଦେଶ ନେଇ ଆସିଛୁ। ଭାରତର ➪ପୃଷ୍ଠା-୬

## ଆଦିବାସୀଙ୍କ ସ୍ୱର ଚାପିବାକୁ ରାଜଧାନୀରୁ ଷଡ଼ଯନ୍ତ୍ର

**ବକ୍ସାଇଟ୍ ଖଣି ଖନନର ଗୋଲାପୀ ଚିତ୍ର ପ୍ରକାଶ**

**ବେଦାନ୍ତ ପାଇଁ ବୁମେରାଂ ହେବେ ବାବୁ**




ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ): ରାୟଗଡ଼ାର ଆଦିବାସୀମାନଙ୍କ ସ୍ୱର ଚାପିବାକୁ ରାଜଧାନୀରୁ ଆରମ୍ଭ ହୋଇଛି ଷଡ଼ଯନ୍ତ୍ର। ସିଜିମାଳି ଅଞ୍ଚଳରେ ବକ୍ସାଇଟ୍ ଖଣି ଖନନକୁ ବିରୋଧ କରୁଥିବା ଆଦିବାସୀଙ୍କୁ ବିଭ୍ରାନ୍ତ ପାଇଁ ଖବର ପ୍ରକାଶ ପାଉଥିବା ବେଳେ ଏଭଳି ଖବର ପଛରେ କିଏ ରହିଛି, ତାହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଛି। ନିଜ ଭିଟାମାଟିର ହକ୍ ପାଇଁ ରାୟଗଡ଼ା ଜିଲ୍ଲା ସିଜିମାଳି ଅଞ୍ଚଳର ଆଦିବାସୀମାନେ ଗତ କିଛି ଦିନ ହେଲା ସ୍ୱର ଉଠାଇ ଆସୁଛନ୍ତି। ସେମାନେ ନିୟମିତ ଭାବେ ରାୟଗଡ଼ାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏଠାରେ ଥିବା ବକ୍ସାଇଟ୍ ଖଣିକୁ ବେଦାନ୍ତ କମ୍ପାନୀକୁ ଦିଆଯାଇଥିବା ବେଳେ ସେମାନେ ଖଣି ଖନନକୁ ବିରୋଧ କରୁଛନ୍ତି। ଏଥିଯୋଗୁଁ ଖଣି ଅନୁମତି ପାଇଥିଲେ ମଧ୍ୟ ତିନି ବର୍ଷ ହେଲା ବେଦାନ୍ତ ରାସ୍ତା ତିଆରି କରିପାରୁନାହିଁ। ରାୟଗଡ଼ାର ଏହି ଆଦିବାସୀମାନେ ବିଭିନ୍ନ ଫୋରମରେ ନିଜର ଦାବି ଉପସ୍ଥାପନ କରିବା ସହ ରାଷ୍ଟ୍ରପତିଙ୍କ ନିକଟରେ ସେମାନଙ୍କ ଦାବି ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଆଦିବାସୀମାନଙ୍କ ଏହି ଆନ୍ଦୋଳନ ସପକ୍ଷରେ କିଛି ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ରହିଥିବା ଅଧିକାଂଶ ଜାଣିଛନ୍ତି। ଏପରିକି ଖଣି ଖନନ ଦାୟିତ୍ୱ ନେଇଥିବା ଆନ୍ଧ୍ର ପ୍ରଦେଶର କମ୍ପାନୀର ମନମୁଖୀ କାର୍ଯ୍ୟ ପାଇଁ ଆଦିବାସୀମାନେ ଅଧିକ ପ୍ରତିକ୍ରିୟାଶୀଳ ହୋଇପଡୁଛନ୍ତି।

ଆନ୍ଦୋଳନ ସହ ଆଦିବାସୀମାନଙ୍କ ମତ ହେଉଛି ଯେ ବେଦାନ୍ତ ଦୁଇ ଦଶନ୍ଧି ହେଲା କଳାହାଣ୍ଡି ଜିଲ୍ଲାରେ ରହିଛି। ହେଲେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସଆର) ପାଇଁ ବାସ୍ତବରେ ଟଙ୍କା ଖର୍ଚ୍ଚ କରୁନାହିଁ। ସ୍ଥାନୀୟ ଲୋକଙ୍କ ପାଇଁ ନିଜସ୍ୱ ଡାକ୍ତରଖାନା, ବିଦ୍ୟାଳୟ, ମହାବିଦ୍ୟାଳୟ ତ ଦୂରର କଥା, ପାର୍କଟିଏ ବି କରିନାହିଁ। ରାଜ୍ୟର ଅନ୍ୟ ସ୍ଥାନରେ ସିଏସଆର କାର୍ଯ୍ୟକଳାପ ମଧ୍ୟ ସ୍ୱପ୍ନ। ସବୁକିଛି କେବଳ କାଗଜପତ୍ରରେ ଚାଲିଥିବା ଅଭିଯୋଗ ହେଉଛି।

ଏସବୁ ସତ୍ତ୍ୱେ ବି ଶିଳ୍ପ ବିକାଶ ପାଇଁ ଅଣ୍ଟା ଭିଡ଼ିଥିବା ରାଜ୍ୟ ସରକାର ଏବେ ଆଦିବାସୀମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ➪ପୃଷ୍ଠା-୬



## ପଶ୍ଚିମବଙ୍ଗ ତାତି ଦେଖି ବିଜେଡି ସାବଧାନ

**ତରବରିଆ ଭାବେ ଆରମ୍ଭ ହେଲା ଘଳିଆ ବନ୍ଧା**

**ବିବାଦରେ ଥିବା ଜିଲ୍ଲାରେ ନିଯୁକ୍ତ ହେଲେ ସଭାପତି**

ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଗଡ଼ ଭାଙ୍ଗିବା ଦେଖି ରାଜ୍ୟ ବିଜେଡି ନେତୃତ୍ୱ ସାବଧାନ ହୋଇଯାଇଛନ୍ତି। ସଙ୍ଗଠନ ପ୍ରତି ମନଧ୍ୟାନ ଦେଉ ନ ଥିବା ନେତୃତ୍ୱ ଏବେ ରାଜ୍ୟ ପଦଧିକାରୀଙ୍କଠାରୁ ଆରମ୍ଭ କରି ଖାଲି ଥିବା ଜିଲ୍ଲା ସଭାପତି ପଦ ସହ ଯୁବ ଓ ଛାତ୍ର ସଂଗଠନରେ ବି ନୂଆ ନିଯୁକ୍ତି ଦେଇଛନ୍ତି। ଏହି କ୍ରମରେ ଆଜି ଦୀର୍ଘ ବର୍ଷ ପରେ ଦଳକୁ ଫେରିଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ଦଳର ରାଜ୍ୟ ଉପସଭାପତି ଦାୟିତ୍ୱ ଦେଇଛନ୍ତି ନବୀନ ପଟ୍ଟନାୟକ। ସେହିଭଳି ଗତ ଦୁଇ ବର୍ଷ ହେଲା ବିବାଦୀୟ ହୋଇ ରହିଥିବା ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲା ସଭାପତି ପଦ ବି ପୂରଣ ହୋଇଛି।

ରବି ଜେନା ବିଜେପି ଯିବା ପରେ ବାଲେଶ୍ୱର ସଭାପତି ପଦ ପୂରଣ ହୋଇପାରୁ ନ ଥିଲା। ଆଜି ନବୀନ ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ନିଯୁକ୍ତ କରିଥିବା ବେଳେ ଖୋର୍ଦ୍ଧା ଦାୟିତ୍ୱ ରାଜେନ୍ଦ୍ର କୁମାର ସାହୁଙ୍କୁ ଦେଇଛନ୍ତି। ଫଳତଃ ଖୋର୍ଦ୍ଧା ସଭାପତି ପାଇଁ ଆଶାୟୀ ଥିବା ବିଧାୟକ ପ୍ରଦୀପ ସାହୁ ଓ ମନ୍ମଥ ରାଉତରାୟ ହତାଶ ହୋଇଛନ୍ତି। ମାନଭଞ୍ଜନ ପାଇଁ ସେମାନଙ୍କୁ ଅନ୍ୟ ଦାୟିତ୍ୱ ଦିଆଯାଇଛି। ସେହିଭଳି ଦଳରେ ଆଉ ପୂର୍ବଭଳି ଆକ୍ଟିଭ ନ ଥିବା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଜେଡିକୁ ଫେରିଥିବା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ସାନନ୍ଦ ➪ପୃଷ୍ଠା-୬



### କାନ ଡେରିଥା

ପଦ ଛାଡ଼ିବେନି କହିଲେଣି ଦିଦି
ଇଏ ହିଁ କ୍ଷମତା ଲୋଭ
ଜନମତ ତାଙ୍କୁ ହଜମ ହେଲାନି
ଦେଖାଉଛନ୍ତି ସେ ରାଗ
ଏବେ ବିଷ ଓଗାଳିବ...
ପନ୍ଦର ବରଷ ହିଟଲର ଶାସନ
ବେଙ୍ଗଲ ମନେ ରଖିବ ।

■ ଦେବାଶିଷ

## ଘରେ ପଶି ଗଡ଼ ଭାଙ୍ଗିଲେ ଧୁରନ୍ଧର

**ମୋଦି-ଶାହଙ୍କ ରଣନୀତିର ଉତ୍କୃଷ୍ଟ ଉପଯୋଗ**



ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଗଡ ଭାଙ୍ଗିବା ଏତେ ସହଜ ନଥିଲା। ହେଲେ ଏହି ଅସାଧ୍ୟ କାର୍ଯ୍ୟକୁ ସଫଳ କରିଛି ମୋଦି ମ୍ୟାଜିକ ଓ ଚାଣକ୍ୟ ଅମିତ ଶାହଙ୍କ ରଣନୀତି। ଆଉ ଶାହଙ୍କ 'ମିଶନ ପରିବର୍ତ୍ତନକୁ' ଗ୍ରାଉଣ୍ଡରେ କାର୍ଯ୍ୟକାରୀ କରିଛନ୍ତି ବିଜେପିର ୫ ଜଣ 'ଧୁରନ୍ଧର'। ସେମାନେ ହେଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଭୂପେନ୍ଦର ଯାଦବ, ଦଳର ଜାତୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ, ପୂର୍ବତନ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ଓ ଦଳର ରାଷ୍ଟ୍ରୀୟ ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ।

ବିଜେପି ଗଙ୍ଗୋତ୍ରୀରୁ ଆରମ୍ଭ କରି ଗଙ୍ଗା କୂଳରେ ଥିବା ଉତ୍ତରାଖଣ୍ଡ ଓ ବିହାର ଦଖଲ କରିସାରିଥିଲା। ବିହାର ପୂର୍ବରୁ ଓଡ଼ିଶା ମଧ୍ୟ ବିଜେପି ଦଖଲକୁ ଯାଇଥିଲା। ବାକି ରହିଥିଲା ଗଙ୍ଗା କୂଳରେ ଥିବା ପଶ୍ଚିମବଙ୍ଗ। ପୂର୍ବ ଭାରତର ଏହି ଶେଷ ରାଜ୍ୟକୁ ଦଖଲ କରିବା ପାଇଁ ବିହାର ବିଜୟରୁ ଅଭିଯାନ ଆରମ୍ଭ ହୋଇଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ଦଳର ରଣନୀତିକାର ଅମିତ ଶାହ ଆରମ୍ଭ କରିଥିଲେ ନିଜର ଯୋଜନା। ଆଉ ଏହି ଯୋଜନାକୁ ସଫଳ କରିବା ପାଇଁ ସେ ବାଛିଥିଲେ ୫ ଜଣ ବିଶ୍ୱସ୍ତ 'ଧୁରନ୍ଧର'ଙ୍କୁ। ଏହି ୫ ଧୁରନ୍ଧରଙ୍କୁ ଶାହ ଭିନ୍ନ ଭିନ୍ନ ଦାୟିତ୍ୱ ଦେଇ ଗତ ବର୍ଷେ ହେବ ପଶ୍ଚିମବଙ୍ଗରେ ନିୟୋଜିତ କରିଥିଲେ। ନିଜେ ଶାହ ମଧ୍ୟ ପଶ୍ଚିମବଙ୍ଗରେ ୧୫ ଦିନ ରହି ସବୁ ଜିଲ୍ଲା ବୁଲିଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଜେପିର ଜଣେ ସଫଳ ଷ୍ଟ୍ରାଟେଜିଷ୍ଟ ଭାବେ ବିବେଚନା କରାଯାଇଆସିଛି। ଗତ ୨୦୨୧ରେ ପଶ୍ଚିମବଙ୍ଗର ଅଭିଜ୍ଞତା ସାଙ୍ଗକୁ ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ବିହାରର ଅଭିଜ୍ଞତା ତାଙ୍କୁ ପଶ୍ଚିମବଙ୍ଗରେ ମମତାଙ୍କ ସଂଗଠନ ଭାଙ୍ଗିବାରେ ସାହାଯ୍ୟ କଲା। ସେ ନନ୍ଦିଗ୍ରାମ ସହ ବିଭିନ୍ନ ଗୋଷ୍ଠୀ ଓ ସଂଗଠନ ସହ ଯୋଡ଼ି ହୋଇ ବିଜେପି ➪ପୃଷ୍ଠା-୬

### ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ଭାବନା

## ଧାମରା ଉପକୂଳରେ 'ନୋଟାମ୍' ଜାରି



ନୂଆଦିଲ୍ଲୀ,୫।୫: ସମ୍ଭାବ୍ୟ ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ଓଡ଼ିଶା ଉପକୂଳର ସମନ୍ୱିତ ପରୀକ୍ଷଣ ରେଞ୍ଜରୁ ଏୟାରମ୍ୟାନଙ୍କୁ ନୋଟିସ୍ (ନୋଟାମ୍) ଜାରି କରାଯାଇଛି। ଏହା ଆସନ୍ତାକାଲିଠାରୁ ୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି କୁହାଯାଇଛି। ଏହି ସମୟ ମଧ୍ୟରେ ବଙ୍ଗୋପସାଗରରେ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇପାରେ ବୋଲି ସୂଚନା ଦିଆଯାଇଛଇ। ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ବଙ୍ଗୋପସାଗର ଉପକୂଳ ଧାମରା ନିକଟସ୍ଥ ଡକ୍ଟର ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଭାରତ ମହାସାଗରରେ ପ୍ରାୟ ୩,୫୬୦ କିମି ପର୍ଯ୍ୟନ୍ତ ନୋଟାମ୍ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଏହି ନିର୍ଦ୍ଦିଷ୍ଟ କ୍ଷେତ୍ର ମଧ୍ୟରେ ଆକାଶପଥ ଉପରେ କଟକଣା ଜାରି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ଏହି ଅଞ୍ଚଳ ଦେଇ କୌଣସି ବିମାନ ଚଳାଚଳକୁ ଅନୁମତି ଦିଆଯିବ ନାହିଁ। ଏ ସମ୍ପର୍କରେ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ କୌଣସି ବିସ୍ତୃତ ସୂଚନା ମିଳି ନ ଥିଲେ ମଧ୍ୟ ଦୂରଗାମୀ ମିସାଇଲ ପରୀକ୍ଷଣ ପାଇଁ ପ୍ରତିରକ୍ଷା ବିଭାଗ ଯୋଜନା କରୁଥିବା ନେଇ ପ୍ରତିରକ୍ଷା ବିଶେଷଜ୍ଞମାନେ ଅନୁମାନ କରିଛନ୍ତି। ସୂଚନାଯୋଗ୍ୟ ଯେ ଡିଆରଡିଓ ପକ୍ଷରୁ ଗତ ୨ ତାରିଖରେ ହାଇପରସୋନିକ୍ ଜାହାଜ ଆଣ୍ଟି-ମିସାଇଲର ଦ୍ୱିତୀୟ ପର୍ଯ୍ୟାୟ ସଫଳ ପରୀକ୍ଷଣ କରାଯାଇଥିଲା।

## ବୈଜୟନ୍ତ ପଣ୍ଡାଙ୍କୁ ଅଭିନନ୍ଦନ

**ପଟ୍ଟାମୁଣ୍ଡାଇ,୫।୫(ସଂଚାର ବ୍ୟୁରୋ)**:କେନ୍ଦ୍ର ସରକାର ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମର୍ଯ୍ୟାଦାଜନକ ଲୋକସଭା ପବ୍ଲିକ ଅଣ୍ଡରଟେକିଙ୍ଗ କମିଟି ଅଧକ୍ଷ ଭାବେ ମନୋନୀତ କରିଥିବାରୁ ପଟ୍ଟାମୁଣ୍ଡାଇ ଅଂଚଳର ବିଜେପି କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି । ଏଥି ପାଇଁ ସାଂସଦ ଶ୍ରୀପଣ୍ଡାଙ୍କୁ ପୂର୍ବତନ ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ ଜିଲ୍ଲା ବିଜେପି ଉପସଭାପତି ଆଡ଼ଭୋକେଟ ଭାରତ ଭୂଷଣ ଦାସ ( ବାବୁ ), ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ଆଡ଼ଭୋକେଟ ପ୍ରମୋଦ ସାହୁ ଯୁବନେତା ସୁଶୀଲ ପରିଡା, ପରେଶ ସାହୁ ଆଡ଼ଭୋକେଟ ଶିଶିର କୁମାର ମଲିକ, ଗିରିଜା ଶଙ୍କର ସାମଲ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

## ଜିଲ୍ଲା ଟପ୍ପର ଦେବଦର୍ଶୀ ମଣ୍ଡଳଙ୍କୁ ଭେଟିଲେ ଅତନୁ

### ମିଠା ଖୁଆଇ କଲେ ସମ୍ବର୍ଦ୍ଧନା



**ମହାକାଳପଡ଼ା,୫।୫ (ସଂଚାର ବ୍ୟୁରୋ)**: ମହାକାଳପଡ଼ା ବ୍ଲକ ଖରିନାସି ଉଚ୍ଚ ବିଦ୍ୟାଳୟର ଛାତ୍ର ତଥା ରାମନଗର ସରସ୍ୱତୀ ଶିଶୁମନ୍ଦିରରେ ଅଧ୍ୟୟନ କରୁଥିବା ନକୁଳ ମଣ୍ଡଳଙ୍କ ସୁପୁତ୍ର ଶ୍ରୀମାନ ଦେବଦର୍ଶୀ ମଣ୍ଡଳ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୭୧ ନମ୍ବର ଅଧିକାର କରି କେନ୍ଦ୍ରାପଡ଼ା ଜିଲ୍ଲା ଟପ୍ପର ହୋଇଛନ୍ତି। ଏହି ଅବସରରେ ଆଜି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରିୟଦର୍ଶୀଙ୍କୁ ତାଙ୍କ ବାସଭବନରେ ଭେଟି ମିଠା ଖୁଆଇ ଶୁଭେଚ୍ଛା ଜଣାଇବା ସହିତ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହିତ ସରସ୍ୱତୀ ଶିଶୁମନ୍ଦିରର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ମଧ୍ୟ ଅତନୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଦାଣ୍ଡିସାହି ଜୟହିନ୍ଦ ହାଇସ୍କୁଲରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ପଟ୍ଟାମୁଣ୍ଡାଇ,୫।୫(ସଂଚାର ବ୍ୟୁରୋ)**: ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ପିଏମଶ୍ରୀ ଜୟହିନ୍ଦ ହାଇସ୍କୁଲର ଛାତ୍ରଛାତ୍ରୀ ମାନେ ଚଳିତ ମାଟ୍ରିକ ପରୀକ୍ଷା ରେ ବିଶେଷ ସଫଳତା ହାସଲ କରିଛନ୍ତି । ଏହି ଉପଲକ୍ଷେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ଜୟ ହିନ୍ଦ ହାଇସ୍କୁଲର ଛାତ୍ରୀ ଅଭିପ୍ସା ରାଉତ ଚଳିତ ମାଟ୍ରିକ ପରୀକ୍ଷା ରେ ୫୪୦ ନମ୍ବର ରଖି ଏ୧ ଗ୍ରେଡ଼ ହାସଲ କରି ଏହି ଶିକ୍ଷାନୁଷ୍ଠାନ ଓ ସମଗ୍ର ଧୋୟାଞ୍ଚଳର ଗୌରବ ବୃଦ୍ଧି କରିଛନ୍ତି। ଏଥି ସହିତ ପ୍ରଦ୍ୟୁତ ପଲାଇ ୫୦୧ ନମ୍ବର ରଖି ଏ୨, ସ୍ୱୟଂ ସଂପୂର୍ଣ୍ଣ ଦାସ ୪୮୩ ଏ୨ ଏବଂ ଶୁଭଶ୍ରୀ ମଲିକ ୪୮୦ ଏ ୨ ଗ୍ରେଡ଼ ପାଇଛନ୍ତି । ପ୍ରଧାନ ଶିକ୍ଷକ ଭାସ୍କର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଆର୍ଥିକ ପୁରସ୍କାର ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପିଏମ ଶ୍ରୀ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା




**ଆଳି,୫।୫(ସଂଚାର ବ୍ୟୁରୋ)**:ଆଳିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମ ଶ୍ରୀ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଫଳ ମାଟ୍ରିକ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ, ମୁଖ୍ୟ ଅତିଥି ଭାବେ ଆଳିର ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦାଶ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ହାଇସ୍କୁଲ ପରିକ୍ଷା ଛାତ୍ରଛାତ୍ରୀମାନଙ୍କ ଦୁର୍ବଳ ପ୍ରଦର୍ଶନ ପାଇଁ ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଲକ୍ଷ୍ୟ, ଉଦ୍ଦେଶ୍ୟ ବିହିନ ପାଠପଢ଼ା ଓ ମୋବାଇଲ ଛାଡ଼ି ମନ, ମୁନ ଓ ଚୈତନ୍ୟ ଲଗାଇ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଆଳିର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ମଲିକ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଅଧ୍ୟାବସାୟ ସଫଳତାର ଚାବିକାଠି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ପାଇଁ ସର୍ବୋଚ୍ଚ ନମ୍ବର ରଖି ଗର୍ବ ଗୌରବ ଆଣିଥିବା ଛାତ୍ରଛାତ୍ରୀ ଆଶିଷ କୁମାର ସାହୁ, ଅଭିଜିତ ସାହୁ, ଅମିୟ ରଞ୍ଜନ ଧଳ ଏବଂ ସୁଶ୍ରୀ ସ୍ମିତପ୍ରଜ୍ଞା ରାଉତଙ୍କୁ ଟ୍ରଫି, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବପ୍ରସାଦ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ, ବିଦ୍ୟାଳୟର ଶିକ୍ଷକ ବନମାଳୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

### ପବ୍ଲିକ ସର୍ଭିସ କୋଡର ସୀମା ଟପିଲେ ଉପଜିଲ୍ଲାପାଳ

# ଶ୍ରୀବଳଦେବଜୀଉ ଟ୍ରଷ୍ଟ ବୋର୍ଡ ନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର

**କେନ୍ଦ୍ରାପଡ଼ା,୫।୫ (ସଂଚାର ବ୍ୟୁରୋ)**: ପ୍ରଥମେ ସାଧାରଣ ଲୋକ, ପରେ ସାମ୍ବାଦିକଙ୍କୁ ଦୁର୍ବ୍ୟବହାର କରିଥିଲେ ଉପଜିଲ୍ଲାପାଳ ଅରୁଣ ବାବୁ(ନାୟକ)। ଏହାକୁ ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏବେ କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉ ଦେବୋର ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀଙ୍କୁ ସେ ଦୁର୍ବ୍ୟବହାର କରିଛନ୍ତି । ଏହାକୁ ନେଇ ସମଗ୍ର ଜିଲ୍ଲାରେ ଆଲୋଡନ ସୃଷ୍ଟି ହୋଇଛି । ଜଣେ ପବ୍ଲିକ ସର୍ଭ୍ୟା ହୋଇ ପବ୍ଲିକ ସର୍ଭିସ କୋଡ଼କୁ ଉଲ୍ଲଘଂନ କରୁଛନ୍ତି । ତେଣୁ ପବ୍ଲିକ ସର୍ଭ୍ୟା ହେବାରୁ ସେ ସମସ୍ତ ଯୋଗ୍ୟତା ହରାଇ ବସିଛନ୍ତି ବୋଲି କେନ୍ଦ୍ରାପଡ଼ା ଜିଲ୍ଲାର ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି ।

ବୁଦ୍ଧିଜୀବୀଙ୍କ କହିବା କଥା ହେଲା ସେ ହେଉଛନ୍ତି ପବ୍ଲିକ ସର୍ଭ୍ୟା ଅର୍ଥାତ ଜନତାଙ୍କ ଚାକର । ହେଲେ ସେ ଜନତାଙ୍କୁ ଅତ୍ୟନ୍ତ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଜନତା ହେଉଛନ୍ତି ପବ୍ଲିକ ସର୍ଭ୍ୟା ପାଇଁ ଭଗବାନ। ଜନତାଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାର ପ୍ରାଥମିକ କର୍ତ୍ତବ୍ୟ ହେଉଛି ଜଣେ ପବ୍ଲିକ ସର୍ଭ୍ୟାଙ୍କର। ହେଲେ ଏହି ଜିଲ୍ଲାରେ ନିଯୁକ୍ତ ଜଣେ ପବ୍ଲିକ ସର୍ଭ୍ୟା ଅରୁଣ ବାବୁ ପବ୍ଲିକ ସର୍ଭିସ କୋଡ଼ର ସମସ୍ତ ନୀତି ନିୟମକୁ ଉଲ୍ଲଙ୍ଘନ କରିଛନ୍ତି । ତେଣୁ ତାଙ୍କ ବିରୋଧରେ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ଉଚ୍ଚସ୍ତରୀୟ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି ।

ତାଙ୍କ ଔଦ୍ଧତାମି ମଙ୍ଗଳବାର ଚରମ ସୀମା ଲଙ୍ଘନ କରିଥିଲା । ଅରୁଣ ବାବୁ ବଳଦେବଜୀଉ ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିଥିଲେ । ରଥ ନିର୍ମାଣ ପ୍ରସଙ୍ଗକୁ ନେଇ ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳ ତଥା ଟ୍ରଷ୍ଟ ବୋର୍ଡର ସଭାପତି ନବକୃଷ୍ଣ ଜେନାଙ୍କ ଅଧ୍ୟକ୍ଷତାରେ ଇଚ୍ଛାପୁରସ୍ଥିତ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ଚାଲିଥିବା ବେଳେ ଫାଇଲକୁ ନେଇ ଏଭଳି ବ୍ୟବହାର କରିଥିଲେ ଉପଜିଲ୍ଲାପାଳ। ରଥ ନିର୍ମାଣ ଫାଇଲ କୁଆଡେ ଗଲା ବୋଲି ଉଚ୍ଚସ୍ୱରରେ ଉପଜିଲ୍ଲାପାଳ ଅରୁଣ ନାୟକ କହିଥିଲେ। ଏହାର ଉତ୍ତରରେ ଶ୍ରୀ ପତ୍ରୀ କହିଥିଲେ ଯେ ରଥନିର୍ମାଣ ଫାଇଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିବ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏଥିପାଇଁ ଦାୟୀ ବୋଲି ସେ ଉଚ୍ଚସ୍ୱରରେ କହିଥିଲେ । ଯଦି ଫାଇଲ ରଖିପାରୁନ ତେବେ ଚାକିରି ଛାଡିଦିଅନ୍ତୁ ବୋଲି ଉପଜିଲ୍ଲାପାଳ ଶ୍ରୀ ପତ୍ରୀଙ୍କୁ କହିଥିଲେ । ଏହାକୁ ନେଇ ଏକ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଏଥିରେ ବଳଦେବଜୀଉ ଦେବୋତ୍ତର ନ୍ୟାସର ସଭାପତି ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ହସ୍ତକ୍ଷେପ କରିବା ଫଳରେ ମାମଲା ଥମି ଥିଲା ।

ହେଲେ ଉପଜିଲ୍ଲାପାଳଙ୍କ ଏତାଦୃଶ୍ୟ ବ୍ୟବହାରରେ କ୍ଷୁବ୍ଧ ହୋଇ ନିର୍ବାହୀ ଅଧିକାରୀ ଦେବୋତ୍ତର କମିଶନରଙ୍କୁ ରଥ ନିର୍ମାଣ କାର୍ଯ୍ୟରେ ଅନ୍ୟ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ଚିଠି ଲେଖିଛନ୍ତି। ମନ୍ଦିର ପ୍ରଶାସନ ସହ ରଥ ନିର୍ମାଣ କାର୍ଯ୍ୟ ଉପରେ ତଦାରଖ କରିବା ନେଇ କାର୍ଯ୍ୟର ଚାପ ରହୁଛି। ତେଣୁ ଅନ୍ୟ ଅଧିକାରୀଙ୍କୁ ଦିଆଯାଉ ବୋଲି ସେ ଚିଠିରେ ସେ ଉଲ୍ଲେଖ କରିଥିବା ପ୍ରକାଶ କରିଛନ୍ତି ।

ଉପଜିଲ୍ଲାପାଳ ବାରମ୍ବାର ଏଭଳି କରୁଥିବାରୁ ତାଙ୍କ ବିରୋଧରେ ତୁରନ୍ତ ରାଜ୍ୟସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି କେନ୍ଦ୍ରାପଡାର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

## କୈବର୍ତ୍ତ ମହାସଭାର ଚୈତ୍ର ମହୋତ୍ସବ ଉଦ୍‌ଯାପିତ



**କେନ୍ଦ୍ରାପଡା,୫।୫(ସଂଚାର ବ୍ୟୁରୋ)**: ନିଖିଳ ଓଡିଶା କୈବର୍ତ ମହାସଭା ଅନୁବନ୍ଧିତ କେନ୍ଦ୍ରାପଡା ଜିଲ୍ଲା କୈବର୍ତ ମହାସଭା ର ଚୈତ୍ର ମହୋତ୍ସବ ଶ୍ରୀ ବଳଦେବଜୀଉଙ୍କ ମାଉସୀ ମା' ମନ୍ଦିର ନିକଟ ରଥଦାଣ୍ଡରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ଜଗତସିଂହପୁର ସାଂସଦ ଡ଼ଃ ବିଭୂ ପ୍ରସାଦ ତରାଇ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ରାନୁଶ୍ରୀ ତରାଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଯାପନ କରିଥିଲେ।

ନିଜ ଉଦବୋଧନରେ ଶ୍ରୀ ତରାଇ ଉପସ୍ଥିତ ସଭାକୁ ସମ୍ବୋଦ୍ଧିତ କରି କହିଥିଲେ ଯେ, ଜାତି, ବୃତ୍ତି ଓ ସଂସ୍କୃତିର ମହାମିଳନ ସ୍ଥଳ ଏହି ଚୈତ୍ର ମହୋତ୍ସବ। ରାମାୟଣ ଯୁଗରୁ ଆରମ୍ଭ କରି ମହାଭାରତ ଯୁଗ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସଂସ୍କୃତି ସହ ମହାନ କୈବର୍ତ ଜାତିର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ପ୍ରାରମ୍ଭିକ ସଂପର୍କ ରହିଆସିଛି।

କୈବର୍ତ ମହାସଭାର କାର୍ଯ୍ୟକାରୀ ସଭାପତି ରାଜକିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଥିଲେ। ଅନ୍ୟତମ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରିତା ସାହୁ, ରାଜ୍ୟ ଉପ ସଭାପତି ଇଂ ବିଷ୍ଣୁ ଚରଣ ବେହେରା, ରାଜ୍ୟ ଉପଦେଷ୍ଟା ନାରାୟଣ ଚନ୍ଦ୍ର ବେହେରା ବକ୍ତବ୍ୟ ରଖିଥିବା ବେଳେ ବିଶିଷ୍ଟ ସଂସ୍କୃତି ଗବେଷକ ଡ଼ଃ ହରିହର କାନୁନଗୋ ଅନ୍ୟତମ ବିଶିଷ୍ଟ ବକ୍ତା ଭାବେ ଯୋଗ ଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ରେ କୈବର୍ତ ସମାଜର ଯୋଗଦାନ ଓ ବିଭିନ୍ନ ପର୍ବପର୍ବାଣି, ସେବାପୂଜା ରେ ସେମାନଙ୍କର ସଂପୃକ୍ତି ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଏହା ସହ କୈବର୍ତ ଜାତିର ଇଷ୍ଟ ଦେବୀ ମା ବାସେଳୀଙ୍କ ପୌରାଣିକ ତଥ୍ୟ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ କୈବର୍ତ ଜାତିର ସଙ୍ଗୀତ 'ବିଚଳକୁ ଆଲିଙ୍ଗନ' ଶୀର୍ଷକ ସଙ୍ଗୀତ ଗାନ କରାଯାଇଥିଲା। ଜିଲ୍ଲା ସାଧାରଣ ସଂପାଦକ ନାରାୟଣ ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହାସଭା ରରାଜ୍ୟ ସଭାପତି ଡ଼ଃ ଦେବେନ୍ଦ୍ର ବେହେରା ଚୈତ୍ର ମହୋତ୍ସବ ପରିକଳ୍ପନା ଉପରେ ବକ୍ତବ୍ୟ ରଖିଥିଲେ। ସଭା ସଂଯୋଜକ ଭାବେ ଅଧ୍ୟାପକ ଶ୍ରୀକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପ ସଭାପତି ମହେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସର ରେ ସମାଜର ବିଭିନ୍ନ ଜିଲ୍ଲାରୁ ଆସିଥିବା କୃତୀ ସନ୍ତାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ୭୮୬ ଲିଟର ଚୋରା ମଦ ଜବତ, ୮ ଗିରଫ



**କେନ୍ଦ୍ରାପଡ଼ା,୫।୫(ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର କୁଦାନଗରୀ, କେନ୍ଦ୍ରାପଡ଼ା ସଦର, ନିକିରେଇ, ଜମ୍ବୁ ସାମୁଦ୍ରିକ ଓ ମହାକାଳପଡ଼ା ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ହନ୍ତପଡା ଗ୍ରାମର ସନାତନ ଦାସ(୫୪)ଙ୍କ ଠାରୁ ୩୦ ଲିଟର ଚୋରା ଦେଶୀ ମଦ, ଗଣେଷପୁର ଗ୍ରାମର ଅକ୍ଷୟ ମଲିକ(୪୮)ଙ୍କ ଠାରୁ ୨୨ ଲିଟର ଚୋରା ଦେଶୀ ମଦ, ବାରୁଅ ଗ୍ରାମର ସଞ୍ଜୟ ପରିଡା(୩୫)ଙ୍କ ଠାରୁ ୧୯ ଲିଟର ଚୋରା ଦେଶୀ ମଦ, ପ୍ରଭାକରପୁର ଗ୍ରାମର ରଜତ ରାଉତ(୪୯)ଙ୍କ ଠାରୁ ୨୫୧ ଲିଟର ଚୋରା ଗୁଡପୋଚ, ତାରା ଖିଲର(୪୨)ଙ୍କ ଠାରୁ ୩୫୫ ଲିଟର ଚୋରା ଗୁଡପୋଚ ଏବଂ ସୁକୃ ରାଉତ(୫୧)ଙ୍କ ଠାରୁ ୨୬ ଲିଟର ଚୋରା ଦେଶୀ ରନ୍ଧା ମଦ, ମଲଡିଅ ଗ୍ରାମର ଗଗନ ରାଉତ(୫୦)ଙ୍କ ଠାରୁ ୫୦ ଲିଟର ଚୋରା ବିଦେଶୀ ମଦ ଓ ମାନସ ମଣ୍ଡଳ(୪୫)ଙ୍କ ଠାରୁ ୩୩ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୭୮୬ ଲିଟର ବିଦେଶୀ, ଦେଶୀ, ଦେଶୀ ରନ୍ଧା ଚୋରାମଦ ଓ ଚୋରା ଗୁଡପୋଚ ମଦ ଜବତ କରାଯାଇ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଦୋକାନ ଓ ଘରୁ ଡକାୟତି, ଥାନାରେ ଏତଲା

**ପଟ୍ଟାମୁଣ୍ଡାଇ,୫।୫(ସଂଚାର ବ୍ୟୁରୋ)**: ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଚୁନଡିଅ ଠାରେ ଥିବା ଏକ ସାନିଟାରୀ ଦୋକାନ ଓ ଦୋକାନ ସଂଲଗ୍ନ ପଛ ପଟରେ ଥିବା ବାସଭବନରୁ ସୋମବାର ଭୋରୁ ଡକାୟତି ହୋଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦିଆ ଯାଇଛି । ସମସ୍ତ ଡକାୟତ ମୁଖା ପିନ୍ଧିଥିବା ବେଳେ ହାତରେ ମରଣାସ୍ତ୍ର ଧରିଥିଲେ। ସେମାନେ ଘରର ସମସ୍ତ ଆସବାବପତ୍ର ଫୋପାଡି ମରଣାସ୍ତ୍ର ଦେଖାଇ ସୁନା ରୁପା ଟଙ୍କା ମୋବାଇଲ ଆଦି ଲୁଟି ନେଇଥିବା ନେଇ ବ୍ୟବସାୟଙ୍କ ପୁଅ ମୁକେଶ କୁମାର ରାୟ ଥାନାରେ ଅଭିଯୋଗ କରିଛନ୍ତି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ବ୍ୟବସାୟୀ ଗୌତମ ରାୟଙ୍କ ଚୁନଡିହ ଠାରେ ଏକ ସାନିଟାରୀ ଦୋକାନ ଥିବାବେଳେ ଦୋକାନ ସଂଲଗ୍ନ ପଛ ପଟରେ ବାସ ଭବନ ରହିଛି । ରବିବାର ରାତି ପ୍ରାୟ ୪ଟା ବେଳେ ୫ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ମାରଣାସ୍ତ୍ର ସହିତ ଦୋକାନ ଭିତରେ ପଶିଥିଲେ। ଦୋକାନ ଘରେ ଥିବା ବ୍ୟବସାୟୀ ଗୌତମ ରାୟଙ୍କୁ ମାରଣାସ୍ତ୍ର ଦେଖାଇ ସେ ପନ୍ଧିଥିବା ୮ ଭରିର ସୁନା ଚେନ ସହିତ ଦୁଇ ଭରିର ଏକ ମୁଦିକୁ ବଳପୂର୍ବକ ଲୁଟି ନେଇଥିଲେ । ଏହା ପରେ ତାଙ୍କୁ ନିସ୍ଥୁକ ମାଡ ମାରି ତାଙ୍କ ମୋବାଇଲ ନେଇଯିବା ସହିତ ତାଙ୍କୁ ଏକ ଘରେ ବନ୍ଦ କରି ଦେଇଥିଲେ । ପରେ ପରେ ଦୋକାନ ସଂଲଗ୍ନ ବାସଭବନରେ ପସି ପରିବାର ଲୋକଙ୍କୁ ମାରଣାସ୍ତ୍ର ଦ୍ୱାରା ଭୟଭୀତ କରି ଗଡ଼ରେଜ ଭାଙ୍ଗି ସମସ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ। ପରିବାର ସଦସ୍ୟଙ୍କ ହାତଗୋଡ ବାନ୍ଧି ବାହାର ପଟୁ ବନ୍ଦ କରି ଚାଲି ଯାଇଥିଲେ ବୋଲି ମୁକେଶ ଆଦର୍ଶ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କୁ ପଚାରିବାରୁ ସେ କହିଲେ ଏହି ଘଟଣାକୁ ଗୁରୁତର ସହ ନିଆ ଯାଇ ତଦନ୍ତ ଆରମ୍ଭ କରାଯାଇଛି।

### ଅଭୟା ଲେଖିକା ସାହିତ୍ୟ ସଂଗଠନ ପକ୍ଷରୁ

## କବି ଡକ୍ଟର ନିରଞ୍ଜନ ମେକାପଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୫।୫(ସଂଚାର ବ୍ୟୁରୋ)**:କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରତିଷ୍ଠିତ ସାରସ୍ୱତ ଅନୁଷ୍ଠାନ 'ଅଭୟା ଲେଖିକା ସାହିତ୍ୟ ସଂଗଠନ' ପକ୍ଷରୁ ବିଶିଷ୍ଟ କବି, ସୁସାହିତ୍ୟିକ ତଥା ବଳଦେବ ସେନାର ମୁଖପାତ୍ର ଡକ୍ଟର ନିରଞ୍ଜନ ମେକାପଙ୍କ ଅକାଳ ବିୟୋଗରେ ଏକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟା ୬ ଘଟିକା ସମୟରେ ଆୟୋଜିତ ଏହି ସଭାରେ ସଂଗଠନର ସଦସ୍ୟା ଓ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାରସ୍ୱତ ସାଧକମାନେ ଯୋଗଦେଇ ସ୍ୱର୍ଗତ ମେକାପଙ୍କ ସ୍ମୃତି ଚାରଣ କରିଥିଲେ।

ସଂଗଠନର ସଭାପତି ଶ୍ରୀମତୀ ବାସନ୍ତୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ଶ୍ରୀମତୀ ଆରାଧନା ଦାସ ଶାନ୍ତି ସଙ୍ଗୀତ ଗାନ କରିବା ସହ ସଭା ପରିଚାଳନା କରିଥିଲେ। ଏହି ଶୋକସଭାରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଧ୍ୟାପକ ଡକ୍ଟର ସନ୍ତୋଷ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଡକ୍ଟର ମେକାପ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ଅନୁଷ୍ଠାନ। ତାଙ୍କର ବିୟୋଗ ଓଡ଼ିଶାର ସାହିତ୍ୟ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ସଭାରେ ଉପସ୍ଥିତ ଥିବା କବୟିତ୍ରୀ ଓ କବି ନୃସିଂହ ଚରଣ ତ୍ରିପାଠୀ, ଅରବିନ୍ଦ ସ୍ୱାଇଁ, ପୁଷ୍ପଲତା ମିଶ୍ର, ଲିଳାମୟୀ ଦାଶ, ଶୋଭାମୟ ପତ୍ରୀ, ମଞ୍ଜୁଶ୍ରୀ ବରାଳ, ଦେବଦର୍ଶିନି ଦାସ, ଅଞ୍ଜଳି ପ୍ରଭା ଦାସ, ଉତ୍ତରା ନାୟକ ଓ ଜ୍ୟୋସ୍ନାମୟୀ ଦାସ ପ୍ରମୁଖ ସ୍ୱର୍ଗତ ମେକାପଙ୍କ ସୃଜନଶୀଳ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବକ୍ତାମାନେ ମତବ୍ୟକ୍ତ କରିଥିଲେ ଯେ, ଜଣେ ଦକ୍ଷ କବି, ଗବେଷକ, ଶିକ୍ଷକ,ପ୍ରାବନ୍ଧିକ ଓ ଗାଳ୍ପିକ ଭାବେ ତାଙ୍କ ଲେଖନୀରେ ମାଟିର ମହକ ଓ ସମାଜ ସଂସ୍କାରର ସ୍ୱର ସ୍ପଷ୍ଟ ବାରି ହୋଇ ପଡୁଥିଲା। ସାହିତ୍ୟ ପ୍ରତି ତାଙ୍କର ଅଗାଧ ଭଲପାଇବା, ନିରଳସ ସାଧନା ଏବଂ ସରଳ ଜୀବନଶୈଳୀ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ପରିଶେଷରେ ସମସ୍ତେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିବା ସହ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା।

## ଟୋପାଏ ବର୍ଷାରେ ରାସ୍ତା ଜଳମଗ୍ନ

**ସୁକିନ୍ଦା,୫।୫(ସଂଚାର ବ୍ୟୁରୋ)**: ସୁକିନ୍ଦା ନିର୍ବାଚନ ମଣ୍ଡଳୀର ସୁକିନ୍ଦା ଛକ ଠାରେ ଥିବା ଶ୍ରୀ ଶ୍ରୀ ହନୁମାନ ମନ୍ଦିର ଠାକୁରଙ୍କ ସମ୍ମୁଖ ରାସ୍ତାରେ ଟୋପାଏ ବର୍ଷାରେ ରାସ୍ତା ଉପରେ ପାଣି ଜମି ଯାଉଅଛି। ଯାହା ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଚାରିଚକିଆ, ବାଇକ୍, ସାଇକେଲ ଆରୋହୀ ମାନେ ନାନାଦି ପ୍ରକାରର ଅସୁବିଧାକୁ ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ପାଣି ଜମି ରହିବା ଯୋଗୁଁ ରାସ୍ତାରେ କେତେ ଖାଲ ରହୁଛି ଗାଡ଼ି ଚାଳକ ମାନେ ଜାଣି ନପାରି ଦୁର୍ଘଟଣାର ଶିକାର ହେବାର ସମ୍ଭାବନା ରହୁଛି। ତେଣୁ ଜନସାଧାରଣ ମାନଙ୍କ ପାଇଁ ଏହି ରାସ୍ତାର ଖାଲଖମା ଗୁଡିକର ସମସ୍ୟାକୁ ସମାଧାନ ପାଇଁ ମନ୍ଦିର ସମ୍ମୁଖର ରାସ୍ତା ରିପାରିଙ୍ଗ କରିବା ଲାଗି ସୁକିନ୍ଦା ବ୍ଲକ ପ୍ରଶାସନ କଳ ତତ୍ପରତା ସହ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ପୂର୍ତ୍ତ ବିଭାଗର ଅବହେଳା ପାଇଁ ଲୋକେ ହନ୍ତସନ୍ତ



**ମହାକାଳପଡ଼ା, ୫।୫ (ସଂଚାର ବ୍ୟୁରୋ)**: ପୂର୍ତ୍ତ ବିଭାଗର ଦାୟିତ୍ୱ ହୀନତା ପଦାରେ ପଡ଼ିଛି। ଅଧାପାନ୍ତରିଆ କାମ କରି ଠିକାଦାର ଛୁ ମାରିଛି । ଯାହା ଫଳରେ ଏବେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଡକୁଳ ପଞ୍ଚାୟତର ଦହିମାଛ ପତିତପାବନ ମଠ ମୁଖ୍ୟ ଛକରେ ଏକ କଲଭର୍ଟ କାମ ଶେଷ ହୋଇଥିଲେ ମଧ୍ୟ ଦୁଇ ପାର୍ଶ୍ୱ ସଂଯୋଗ ରାସ୍ତା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ।

ଦୀର୍ଘ ତିନି ମାସ ଧରି ଠିକାଦାରର ଦେଖାନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଦୁଇ ପାର୍ଶ୍ୱରେ ଯେଉଁ ମାଟି ପଡ଼ିଥିଲା ଏବେ ବର୍ଷାରେ ତାହା କାଦୁଅ ପଚପଚ ହେଉଛି। ଯାହାଫଳରେ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଏହି ଘଟଣାରେ ଦୃଷ୍ଟି ଦେଇ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିପୁଳ ପରିମାଣର ବିସ୍ଫୋରକ ଜବତ, ଦୁଇ ଗିରଫ



**ମାହାଙ୍ଗା,୫।୫(ସଂଚାର ବ୍ୟୁରୋ)**: ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଥାନା ଅନ୍ତର୍ଗତ ଉମର ପଞ୍ଚାୟତ କଲୁରିଆ ଗ୍ରାମରେ ଭଦ୍ରେଶ୍ୱର ପୋଲିସ ଚଢ଼ାଉ କରାଯାଇ ବିପୁଳ ପରିମାଣର ବାଣ ଓ ବାଣ ତିଆରି ବିସ୍ଫୋରକ ଦ୍ରବ୍ୟ ଜବତ ହେବା ସହ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ପ୍ରକାଶ ଯେ ଏହି ଗ୍ରାମରେ ବେଆଇନ ଭାବରେ ଦୀର୍ଘ ଦିନ ହେବ ବାଣ ତିଆରି କରାଯାଉଥିବାବେଳେ ବିଳମ୍ବରେ ପୋଲିସ ପ୍ରଶାସନର ନିଦ ଭାଙ୍ଗିବାରୁ ଆଜି ପୂର୍ବାହ୍ନରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଏହି ଗ୍ରାମର ବ୍ରଜସୁନ୍ଦର ମଲିକ ଓ ଗୌଡଗୋପ ଗ୍ରାମର ଭରତ ମଲିକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଏଥିନେଇ ଭଦ୍ରେଶ୍ୱର ପୋଲିସ ପକ୍ଷରୁ କେସ ନଂ ୧୦୧/୨୬ରେ ଏକ ମାମଲା ରଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ। ଏଠାରେ ସୂଚନା ଥାଉ କି ଏହି ଥାନା ଅନ୍ତର୍ଗତ ହଳଦିଆ ପଞ୍ଚାୟତ ନାରୀଜଙ୍ଗ ଗ୍ରାମରେ ଗତ ଦୁଇ ମାସ ତଳେ ଜନୈକ ବ୍ୟକ୍ତି ବାଣ ବିସ୍ଫୋରଣରେ ମୃତ୍ୟୁ କରିଥିବାବେଳେ ୫ ଦିନ ତଳେ ସେହି ଗ୍ରାମର ଜଣେ ବ୍ୟକ୍ତି ବାଣ ଭିଡୁଥିବା ସମୟରେ ଗୁରୁତର ଆହାତ ହୋଇଥିବା ଜଣାଯାଇଛି। ସୁଚନା ଥାଉ କି ଭଦ୍ରେଶ୍ୱର ଥାନା ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ବାଣ ତିଆରି କରାଯାଉଥିବାବେଳେ ପୋଲିସ ପ୍ରଶାସନ ନୀରବ ରହିବା ଘଟଣା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।

# ବିଧବା ଜମୁନା ସଏଙ୍କୁ ମିଳୁନି ଆବାସ ଗୃହ



**ଯାଜପୁର ରୋଡ଼, ୫।୫(ସଂଚାର ବ୍ୟୁରୋ)**: ସରକାର ଭୂମିହୀନ ଓ ଗରିବ ପରିବାରଙ୍କୁ ପକ୍କାଘର ଯୋଗାଇ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବକ୍ଷେତ୍ରରେ ଦୁର୍ନୀତିଖୋର ଅଧିକାରୀମାନଙ୍କ ଯୋଗୁଁ ଏହି ଯୋଜନା ଲୋକଙ୍କ ପାଖରେ ପହଞ୍ଚୁ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ-୧୫ ଅନ୍ତର୍ଗତ ବ୍ୟାସନଗର ପବ୍ଲିକ ସ୍କୁଲ ନିକଟରେ ଥିବା ପାଣି ଟାଙ୍କି ପଛପଟେ ବସବାସ କରୁଥିବା ପଛୁଆବର୍ଗ ଶ୍ରେଣୀର ଜମୁନା ସଏ କ୍ଷେତ୍ରରେ। ଜମୁନା ସଏ (୫୫) ଜଣେ ବିଧବା ହୋଇଥିବା ବେଳେ ତାଙ୍କ ପରିବାରରେ ବଡ଼ ଝିଅ ବାହା ହୋଇଯାଇଥିବା ବେଳେ ବର୍ତ୍ତମାନ ପୁଅ, ବୋହୂ, ସାନଝିଅ, ନାତୁଣୀ ମାନେ ଏହି ପାଣି ଟାଙ୍କି ପଛପଟେ ଏକ ଚାଳ ଛପର ଘର ଉପରେ ଜରି ପାଲ ଟାଣି ଅତି ଦୟନୀୟ ଅବସ୍ଥାରେ ଦିର୍ଘ ବର୍ଷ ହେଲା ରହି ଆସୁଛନ୍ତି। ଜମୁନା ସଏ ବିଧବା ଭତ୍ତା, ବିପିଏଲ ଚାଉଳ ଗଣ୍ଡେ ପାଇ ସେଥିରେ ଚଳୁଛନ୍ତି। କିନ୍ତୁ ଆଉସବୁ ସରକାରୀ ସହାୟତା ପାଇବାରୁ ବଂଚିତ ହେଉଛନ୍ତି।

ପୁଅ ମଂଟୁ, ବୋହୂ ମିଞ୍ଜାରି, ନାତୁଣୀ ମାନେ ଏହି ଚାଳ ଘରେ ସରକାରୀ ବିଜୁଳି ଲାଇନ ପାଇବାରୁ ବଂଚିତ ହୋଇ ଡିବି, ଲଣ୍ଠନ ଆଲୁଅରେ ରାତିରେ ଜିବନ ବିତାଉଛନ୍ତି। ଏମାନଙ୍କ ପରିବାର ଭାବିଥିଲା ନୂଆ ସରକାର ଆସିଲେ ଆମେ ମାନେ କିଛି ଉପକୃତ ହେବୁ। ଭୂମିହୀନ ହୋଇଥିବାରୁ ଭୂମିହୀନଙ୍କୁ ପଟ୍ଟା ମିଳିଲା ବେଳେ ଖଣ୍ଡେ ଭୂମିହିନ ପଟ୍ଟା ମିଳି ପାରିନାହିଁ। ତେଣୁ ସରକାରଙ୍କ ଆବାସ ଯୋଜନାରେ ସାମିଲ କରାଇଦେବାକୁ କାହାକୁ ଗୁହାରି କରିବୁ ଜଣାଇଛନ୍ତି।

ତେବେ ଏବେ ସବୁ ଓଲଟା ଚାଲିଛି ବୋଲି ସାଧାରଣରେ ଶୁଣିବାକୁ ମିଳୁଛି। ଏହି ପରିବାରର ସଦସ୍ୟ ମାନେ ଅନ୍ୟ ପାଖରେ ଖଟିଲେ ନିଜ ପରିବାରର ପ୍ରତିପୋଷଣ ହୋଇଥାଏ। ନହେଲେ ଦୁଃଖ କଷ୍ଟରେ ରାତିଦିନ ବିତିଯାଇଥାଏ। ତେବେ ଏଭଳି ଅଭାବନୀୟ ପରିସ୍ଥିତିରେ ଜିବନ ବିତାଉଥିବା ଜମୁନା ସଏଙ୍କ ପରିବାରକୁ ଭୂମିହୀନ ପଟ୍ଟା ପ୍ରଦାନ ସହିତ ଆବାସ ଯୋଜନା ଠାରୁ ଆରମ୍ଭ କରି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାରେ ସାମିଲ କରାଇବା ପାଇଁ ଅଂଚଳ ଜନସାଧାରଣ ମାନେ ଦାବି କରିଛନ୍ତି। ଏଭଳି ପରିସ୍ଥିତିରେ ରହୁଥିବା ଲୋକଙ୍କ ପ୍ରତି ସରକାରୀ କଳ ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ଅଧିକାରୀ ମାନେ ଗ୍ରାଉଣ୍ଡ ଜିରୋରେ ପହଂଚି ତଦନ୍ତ କରି ସହଯୋଗ ପ୍ରଦାନ କରନ୍ତୁ ବୋଲି ଅଂଚଳବାସୀ ଓ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

## କାଳୀ ପ୍ରସାଦ ମିଶ୍ର ବିଜେଡି ରାଜ୍ୟ ସମ୍ପାଦକ



**କେନ୍ଦ୍ରାପଡା,୫।୫ (ସଂଚାର ବ୍ୟୁରୋ)**: କେନ୍ଦ୍ରାପଡା ପୌରାଂଚଳ ର ୨ନଂ ୱାର୍ଡର କାଉନସିଲର କାଳୀ ପ୍ରସାଦ ମିଶ୍ରଙ୍କୁ ବିଜେଡି ରାଜ୍ୟ ସଂପାଦକ ଭାବେ ନିଯୁକ୍ତ କରାଯାଇଛି । ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶ୍ରୀ ମିଶ୍ରଙ୍କୁ ଏହି ଦାୟିତ୍ୱ ପ୍ରଦା କରାଯାଇଛି । ଶ୍ରୀ ମିଶ୍ର କେନ୍ଦ୍ରାପଡା ପୌରସଂସ୍ଥା ର ଜଣେ କାଉନିସଲର ଭାବେ କାର୍ଯ୍ୟ କରୁଥିବା ବେଳେ ଲୋକପ୍ରିୟ ହୋଇ ପାରିଛନ୍ତି । ତାଙ୍କର ଏହି ନିଯୁକ୍ତିରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଗଣେଶ୍ୱର ବେହେରା, ଧ୍ରୁବ ସାହୁ ଓ ପ୍ରତାପ କେଶରୀ ଦେବ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କର ଏହି ନିଯୁକ୍ତିରେ ସମର୍ଥକ ଓ ଶୁଭେଚ୍ଛୁ ମହଲରେ ଆନନ୍ଦ ଖେଳି ଯାଇଥିବା ବେଳେ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

ଏନ୍‌ଓସି ପ୍ରଦାନ କ୍ଷେତ୍ରରେ ବ୍ୟାପକ ଅନିୟମିତତା

# ଶିକ୍ଷା ସଚିବଙ୍କୁ ଏସ୍‌ଏଚ୍‌ଆରସିଙ୍କ ନୋଟିସ୍

## ତଦନ୍ତ କରି ତୁରନ୍ତ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ବେସରକାରୀ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ପ୍ରଦାନ ନିମନ୍ତେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରଦାନ କରାଯାଉଥିବା ଏନ୍‌ଓସିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନଜରକୁ ଆସିଛି। ବିଭାଗୀୟ ନିୟମାବଳୀକୁ ଉଲ୍ଲଂଘନ କରି ଏନ୍‌ଓସି ପ୍ରଦାନ ଓ ବହୁ ବର୍ଷ ଧରି ଏନ୍‌ଓସି ନବୀକରଣ ନ କରି ବେସରକାରୀ ବିଦ୍ୟାଳୟ ଚାଲୁଥିବା ଘଟଣା ସୂଚନା ଆଇନ୍ ଅଧିକାର ତଥ୍ୟ ଦ୍ୱାରା ହସ୍ତଗତ ହେବା ପରେ ଏ ସମ୍ବନ୍ଧରେ ରାଜ୍ୟ ମାନବାଧିକାର ଆୟୋଗ (ଏସ୍‌ଏଚ୍‌ଆରସି)ଙ୍କ ନିକଟରେ ଦାଖଲ କରାଯାଇଥିବା ମାମଲାର ଶୁଣାଣି କରି ଆୟୋଗ ଉପଯୁକ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଶିକ୍ଷା ସଚିବଙ୍କୁ ନୋଟିସ ଜାରି କରିଛନ୍ତି ବୋଲି ଆଜି ରାଜ୍ୟ ମାନବାଧିକାର ସାମ୍ମୁଖ୍ୟ ସଭାପତି ରମେଶ ଭାରତୀ, ଆବାହକ ଭୁମୋହନ ପଟ୍ଟନାୟକ, ତପନ ପତି, ଆଇନଜୀବୀ ନୀଳକଣ୍ଠ ରଥ, ଓ ସଞ୍ଜୟ ମହାନ୍ତି ପଟ୍ଟନାୟକ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି। ବେସରକାରୀ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ଅର୍ଥାତ୍ ନବମ ଦଶମ ଶ୍ରେଣୀ ଖୋଲିବା ନିମନ୍ତେ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ତ୍ତମୂଳକ ଏନ୍‌ଓସି ପ୍ରଦାନ କରାଯାଉଛି। ଗଣଶିକ୍ଷା ବିଭାଗର ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଏନ୍‌ଓସି ପ୍ରଦାନ ନିମନ୍ତେ ଧାର୍ଯ୍ୟ ବିଭିନ୍ନ ନିୟମାବଳୀର ତର୍ଜମା କରି ସର୍ତ୍ତମୂଳକ ଏନ୍‌ଓସି ପ୍ରଦାନ କରନ୍ତି, ଯାହାର ପ୍ରତିବର୍ଷ ନବୀକରଣ କରାଯିବା କଥା। କିନ୍ତୁ ସୂଚନା ଅଧିକାର ଆଇନ୍‌ରେ ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟରେ ବହୁ ବେସରକାରୀ ବିଦ୍ୟାଳୟ ବିନା ଏନ୍‌ଓସିରେ କାର୍ଯ୍ୟ କରୁଛି। ଏପରିକି ରାଜଧାନୀ ଭୁବନେଶ୍ୱରରେ ଏହିପରି ବିଦ୍ୟାଳୟ ସଂଖ୍ୟା ସର୍ବାଧିକ। ଉକ୍ତ ବିଦ୍ୟାଳୟଗୁଡ଼ିକ ଜାଲ୍ କାଗଜପତ୍ର ମାଧ୍ୟମରେ ସିବିଏସଇ ଅନୁବନ୍ଧନ ହାସଲ କରିଛନ୍ତି।

ଏନ୍‌ଓସି ପ୍ରଦାନ କ୍ଷେତ୍ରରେ ଆସିଥିବା ବହୁ ଅନିୟମିତତା ସାମ୍ନାକୁ ଆସିବା ପରେ ଶିକ୍ଷା ସଚିବଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀ ଏହା ଉପରେ କୌଣସି ଉତ୍ତର ରଖି ପାରି ନ ଥିଲେ। ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବାଧ୍ୟହୋଇ ମାନବାଧିକାର ସାମ୍ମୁଖ୍ୟଙ୍କ ପକ୍ଷରୁ ମାନବାଧିକାର ଆୟୋଗଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଥିଲା।

‘ଟେକ୍ନୋଲୋଜି ସମ୍ମିଟ୍-୨୦୨୬’ରେ କେନ୍ଦ୍ରମନ୍ତ୍ରୀ

# ଲୋକଙ୍କ ସମସ୍ୟା ଦୂର କରିବା ପ୍ରକୃତ ଇନୋଭେସନ୍




- ପ୍ରଦର୍ଶନୀକୁ ବୁଲିଲେ, ଯୁବ ଗବେଷକଙ୍କ ସହ ଆଲୋଚନା କଲେ
- ୨୦୪୭ ସୁଦ୍ଧା ଗ୍ଲୋବାଲ ସାଉଥ୍ ପାଇଁ ଭାରତ ହେବ ମଡେଲ୍

**ନୂଆଦିଲ୍ଲୀ,୫।୫ଃ** ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍। କାଗଜପତ୍ର, ପେଟେଣ୍ଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ଆଜି ଆଇଆଇଟି ମାଡ୍ରାସର ‘ଟେକ୍ନୋଲୋଜି ସମ୍ମିଟ୍ -୨୦୨୬’ର ଉଦ୍‌ଘାଟନ ଉତ୍ସବରେ ଯୋଗଦେଇ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ପୋଷଣ କରିଛନ୍ତି। ସ୍ଥାନୀୟ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ (ଆର ଆଣ୍ଡ ଡି) ଓ ନବାଚାର ପାଇଁ ୧ ଲକ୍ଷ କୋଟିର ପାଣ୍ଠି ତିଆରି କରିଛନ୍ତି। ଏବେ ଦେଶରେ ସରକାର ଗବେଷଣାକୁ ବିଶେଷ ଭାବେ ପ୍ରୋତ୍ସାହିତ କରାଯାଉଛି। ତେବେ ଆଗାମୀ ଦିନରେ ଶିଳ୍ପ ସଂସ୍ଥା ଓ ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଅନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ କହିଛନ୍ତି ଯେ ଆଇଆଇଟି ମାଡ୍ରାସ ଦ୍ୱାରା ‘ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ’ (ଆଇଓଇ) ଢାଞ୍ଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ର ଗବେଷଣା ଭିତ୍ତିଭୂମି ଉପରେ ଆଧାରିତ। ଏଠାରେ ସ୍ୱାସ୍ଥ୍ୟସେବା ଓ ସ୍ଥାୟୀ ବିକାଶଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଓ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି। ‘ଫର୍ମ ଆଇଆଇଟିଏମ ଫର୍ ଭାରତ. ବର୍ଲ୍ଡିଂ ଟୁଗେଦର’ ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା ‘ଗ୍ଲୋବାଲ ସାଉଥ୍’ ପାଇଁ ଏକ ମଡେଲ ହେବ। ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ। ଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କ ସହ ଆଲୋଚନା କରିଥିଲେ।

# ଓମଫେଡ୍ କ୍ଷୀର ଦର ବୃଦ୍ଧି ନେଇ ଓଜେସିର ବିକ୍ଷୋଭ

**କଟକ, ୫।୫ (ସଂଚାର ବ୍ୟୁରୋ)ଃ** ଓମଫେଡ୍ କ୍ଷୀରର ବର୍ଦ୍ଧିତ ଦର ବିରୋଧରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଜନତା କଂଗ୍ରେସ (ଓଜେସି) ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦେଶରେ ଦରଦାମ ବୃଦ୍ଧି ହେତୁ ସାଧାରଣ ଜନତା ପୂର୍ବରୁ ଅତିଷ୍ଠ ହୋଇ ପଡ଼ିଥିବା ବେଳେ କ୍ଷୀର ଭଳି ଏକ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ସିଧାସଳଖ ଗ୍ରାହକଙ୍କ ଉପରେ ପ୍ରଭାବ ପକାଇଛି ବୋଲି ପାର୍ଟି ପକ୍ଷରୁ କୁହାଯାଇଛି। ଏନେଇ ମଙ୍ଗଳବାର କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାତ ଦିନ ମଧ୍ୟରେ ଓମଫେଡ କ୍ଷୀରର ବର୍ଦ୍ଧିତ ଦର ପ୍ରତ୍ୟାହାର ନହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦେଇଛି ଓଡ଼ିଶା ଜନତା କଂଗ୍ରେସ।

ରାଜ୍ୟସଭା ନିର୍ବାଚନରେ ଅନିୟମିତତା ଅଭିଯୋଗ

# ୧୧ରେ ସିଇଓ ଡାକିଲେ ବୈଠକ



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ସାଂସଦ ସସ୍ମିତ ପାତ୍ର ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଗତ ୨୮ ତାରିଖରେ ହୋଇଥିବା ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅବୈଧ ଭାବେ ଦ୍ୱିତୀୟ ବାଲାଟ ପେପର ଦିଆଯିବାକୁ ନେଇ ଅଭିଯୋଗପତ୍ର ଦାଖଲ କରିଥିଲେ। ଏହାପରେ ଭାରତ ନିର୍ବାଚନ ଆୟୋଗର ଉପସଚିବ ରାଜେନ୍ଦ୍ର କୁମାର ସିଂହ ଗତ ୨୯ ତାରିଖରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ଚିଠି ଲେଖି ବିଜେଡି ପ୍ରତିନିଧି ଦଳ ସହ ଏନେଇ ତ୍ୱରିତ ଆଲୋଚନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହି ଆଧାରରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୧ଟାରେ ବିଜେଡି ପ୍ରତିନିଧି ଦଳ ସହ ବୈଠକ ପାଇଁ ସମୟ ନିର୍ଦ୍ଧାରଣ କରିଛନ୍ତି। ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ପକ୍ଷରୁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ପୋଲିଂ ଏଜେଣ୍ଟ ପ୍ରମିଳା ମଲ୍ଲିକ, ବିଧାୟକ ତଥା ଦଳର ଅଧିକୃତ ଏଜେଣ୍ଟ ପ୍ରତାପ ଦେବ, ବିଧାୟକ ତଥା କାଉଣ୍ଟିଂ ଏଜେଣ୍ଟ ଅରୁଣ କୁମାର ସାହୁ, ମାମଲାର ଆବେଦକ ସସ୍ମିତ ପାତ୍ର ଏହି ଆଲୋଚନାରେ ଭାଗ ନେବେ। ବିଜେଡି ପୁନର୍ବାର ଏହି ଅନିୟମିତତାରେ ତ୍ୱରିତ ଆଇନସମ୍ମତ କାର୍ଯ୍ୟାନୁଷ୍ଠାନ, ନିରପେକ୍ଷ ଓ ପାରଦର୍ଶୀ ତଦନ୍ତ ଦାବି କରିଛି।

# ଆଇଜେଏଫ୍ ଛତିଶଗଡ଼ ଶାଖା ପୁନଃଗଠିତ

## କାର୍ଯ୍ୟକାରୀ ହେଉ ସାମ୍ବାଦିକ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ




**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ଇଣ୍ଡିଆନ ଜର୍ଣ୍ଣାଲିଷ୍ଟସ୍ ଫେଡେରେସନ (ଆଇଜେଏଫ୍)ର ଛତିଶଗଡ଼ ରାଜ୍ୟ ଶାଖା ପୁର୍ନଗଠିତ ହୋଇଛି। ଏହି ଅବସରରେ ଦୁର୍ଗର ଶିବାଜୀ ପାର୍କ ବରସୋଇଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସଭାପତି ବିମଳକୃଷ୍ଣ ଥମ୍ବ ଯୋଗଦେଇ ଶ୍ରମିକ ଦିବସ ଅବସରରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ ତାଙ୍କ ଅଭିଭାଷଣରେ ରାଷ୍ଟ୍ର ଗଠନ ଦିଗରେ ଗଣମାଧ୍ୟମ ପ୍ରତିନିଧିଙ୍କ ଅବଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ସରକାର ଓ ଲୋକଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଛତିଶଗଡ଼ ସରକାର ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ କରିଥିବା ବେଳେ ଏହା ସବୁ ରାଜ୍ୟରେ କାର୍ଯ୍ୟକାରୀ ହେବା ଉପରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଥମ୍ବ ଗୁରୁତ୍ୱାରୋପ କରିବା ସହ ଏ ଦିଗରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସର୍ଦ୍ଦାର ବଲ୍ଲଭ ଭାଇ ଫାଉଣ୍ଡେସନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଗିରିଧର ମଢ଼ାରିଆ ସାମ୍ବାଦିକମାନେ ଲୋକଙ୍କ ସ୍ୱର ହେବାକୁ ପରାମର୍ଶ ଦେଇଥିଲେ। ଫେଡେରେସନର ମୁଖ୍ୟ ଉପଦେଷ୍ଟା ମନୋଜ ଶର୍ମା, ରାଷ୍ଟ୍ରୀୟ ଉପସଭାପତି କୈଳାସ ଶ୍ରୀବାସ୍ତବ, ଛତିଶଗଡ଼ ପ୍ରଭାରୀ ତଥା ରାଷ୍ଟ୍ରୀୟ ସମ୍ପାଦକ ବସନ୍ତ ରାଓ ଭଗତ ସାମ୍ବାଦିକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଓ ଏ ଦିଗରେ ସରକାରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ରାଷ୍ଟ୍ରୀୟ ସଚିବ ଜିତେନ୍ଦ୍ର ଦାସ ଓ ଓଡ଼ିଶା ଶାଖା ସଭାପତି ଜମ୍ବେଶ୍ୱର ପଟ୍ଟନାୟକ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ସଭାପତି ଶ୍ରୀ ଥମ୍ବ ରାଜ୍ୟ ସଭାପତି ଭାବେ ଅଶ୍ୱିନୀ ଶ୍ରୀବାସ୍ତବ, ସାଧାରଣ ସମ୍ପାଦକ ଡ. ପ୍ରତିଭା ବୈଶ, ଉପସଭାପତି ଶିଲ୍ପୀ ସମାଦାର, ଚନ୍ଦନ ବୈଶଙ୍କ ନାମ ଘୋଷଣା କରିଥିଲେ। ଅଙ୍କିତା ସମାଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପଲାସା ଇଚ୍ଛାପୁରମ୍‌କୁ ଦକ୍ଷିଣତଟ ରେଳବାଇରେ ସାମିଲ ନେଇ ତାତିଲା ବିଜେଡି

# ଓଡ଼ିଶାବାସୀଙ୍କୁ ଧୋକା ଦେଇଛି ଡବଲ ଇଞ୍ଜିନ୍ ସରକାର



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ଆସନ୍ତା ଜୁନ୍ ପହିଲାରୁ ଆରମ୍ଭ ହେବାକୁ ଥିବା ରାୟଗଡ଼ା ଡିଭିଜନ ପାଇଁ କେନ୍ଦ୍ର ସରକାରଙ୍କ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ରାୟଗଡ଼ା ଡିଭିଜନ ଓ ରେଳ ମନ୍ତ୍ରଣାଳୟର ନୂଆ ଜୋନ୍ ଦକ୍ଷିଣତଟ ରେଳବାଇ ପୂର୍ବତଟ ଅଧୀନରେ ଥିବା ୱାଲ୍‌ଟିଅର ଡିଭିଜନକୁ ୨ ଭାଗରେ ବିଭକ୍ତ କରାଯାଇଛି। ଗୋଟେ ଭାଗ ରାୟଗଡ଼ା ଡିଭିଜନ ଅର୍ଥାତ୍ ପୂର୍ବତଟ ରେଳବାଇ ଅଧୀନରେ ରଖାଯାଇଥିବା ବେଳେ ଆଉ ଏକ ଭାଗକୁ ନୂତନ ଭାବେ ଗଠିତ ଦକ୍ଷିଣତଟ ରେଳବାଇ ଅଧୀନରେ ରଖାଯାଇଥିବା ବେଳେ ଏହାକୁ ବିଜେଡି ସମାଲୋଚନା କରିଛି। ଏନେଇ ଦଳୀୟ ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର ଡବଲ ବିକାଶ ନାରା ଦେଇ ଆସିଥିଲେ ହେଁ ଏହା ଓଡ଼ିଶାବାସୀଙ୍କ ଅକୁଣ୍ଠ ସମର୍ଥନ ପ୍ରତିବଦଳରେ କେବଳ ଧୋକା ଦେଉଛି। ବିଜେପିର ୨୦ ଲୋକସଭା ସାଂସଦ ମଧ୍ୟ ଆଖି ବୁଜି ଦେଇଛନ୍ତି। ୱାଲଟିଅର ଡିଭିଜନ ପୂର୍ବରୁ ପୂର୍ବତଟ ରେଳବାଇ ଅଧୀନରେ ଥିବା ବେଳେ ଏହାକୁ ରାୟଗଡ଼ା ଓ ବିଶାଖାପାଟଣାରେ ବିଭକ୍ତ କରାଯାଇଛି। ରାୟଗଡ଼ା ଡିଭିଜନକୁ ପୂର୍ବତଟ ରେଳବାଇରେ ରଖାଯାଇଛି। ବର୍ତ୍ତମାନ ଗଠିତ ରାୟଗଡ଼ା ଡିଭିଜନରେ ମୋଟ ୬୧୬ କିମି ରୁଟ୍ ରହିଛି। ତେବେ ରାୟଗଡା ଡିଭିଜନ ଭିତରେ ଥିବା ଅନେକ ଅଞ୍ଚଳ ଏବେବି ୱାଲ୍‌ଟିଅର ଡିଭିଜନରେ ରହିଛି। ଏହାଛଡ଼ା ଖୋର୍ଦ୍ଧା ରୋଡ୍ ଡିଭିଜନରେ ଥିବା ପଲାସା ଇଚ୍ଛାପୁରମ ୫୩ କିମି ରୁଟ୍‌କୁ ମଧ୍ୟ ବିଶାଖାପଟଣା ଡିଭିଜନରେ ମିଶାଇ ଦିଆଯାଇଛି। ଫଳତଃ ପୂର୍ବତଟ ରେଳବାଇର ରାଜସ୍ୱ ହ୍ରାସ ହେବ ବୋଲି ଦର୍ଶାଇ ବିଜେଡି ଓ ଅନ୍ୟ ଦଳ ସ୍ମାରକପତ୍ର ଦେଇଥିଲେ ବି ଏଥିପ୍ରତି ରେଳ ବିଭାଗ ଦୃଷ୍ଟି ଦେଇନାହିଁ। ଆସନ୍ତା ଜୁନ୍ ପହିଲାରୁ ରାୟଗଡ଼ା ଡିଭିଜନ କାର୍ଯ୍ୟକ୍ଷମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ତେଣୁ ପୂର୍ବତଟ ରେଳବାଇର କ୍ଷତିକୁ ଭରଣା କରିବା ସହ ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାକୁ ମଧ୍ୟ ସାମିଲ କରିବାକୁ ଦାବି କରାଯାଇଛି।

# ସହରାଞ୍ଚଳ ବନ୍ୟା ମୁକାବିଲା ନିର୍ଦ୍ଦେଶାବଳୀ



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ଆଗାମୀ ମୌସୁମୀ-୨୦୨୬ ପାଇଁ ସହରାଞ୍ଚଳର ସୁରକ୍ଷା ଓ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜାରି ଏହି ନିର୍ଦ୍ଦେଶାବଳୀକୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକାରୀ କରିବାରେ ଅବହେଳା କଲେ ତାହାକୁ ଗୁରୁତର ସହ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି। ପ୍ରସ୍ତୁତି ରଣନୀତିର ଅଂଶସ୍ୱରୂପ ସମସ୍ତ ଡ୍ରେନ ଏବଂ ମ୍ୟାନହୋଲଗୁଡ଼ିକର ଯାଞ୍ଚ କରିବାକୁ ପୌରାଞ୍ଚଳ ପାଇଁ ବାଧ୍ୟତାମୂଳକ। କ୍ଷତିଗ୍ରସ୍ତ ମ୍ୟାନହୋଲଗୁଡ଼ିକର ତୁରନ୍ତ ମରାମତି କିମ୍ବା ସୁରକ୍ଷିତ ଭାବେ ଢାଙ୍କିବା କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି। ଯେଉଁଠାରେ ମରାମତି ବାକି ଅଛି, ସେଠାରେ ସତର୍କତା ସୂଚନା ବୋର୍ଡ ଏବଂ ସୁରକ୍ଷା ଜାଲ ଲଗାଯିବ। ଏଥିସହ ନାଳଗୁଡ଼ିକର ନିୟମିତ ପଙ୍କ ଉଦ୍ଧାର ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦ କରାଯିବ। ସହରାଞ୍ଚଳରେ ବାରମ୍ବାର ଜଳବନ୍ଦୀ ସମସ୍ୟା ଦେଖାଦେଉଥିବା ବେଳେ ତଳିଆ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯିବାକୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଜଳ ନିଷ୍କାସନ ପାଇଁ ପମ୍ପ ସେଟ୍ ଏବଂ ଡିଜି ସେଟ୍ ମୁତୟନ କରାଯିବ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସହିତ ସ୍କୁଲ ଓ କଲେଜଗୁଡ଼ିକୁ ଅସ୍ଥାୟୀ ସହାୟତା କେନ୍ଦ୍ର ଭାବେ ପ୍ରସ୍ତୁତ କରାଯିବ। ମହିଳା, ଶିଶୁ ଏବଂ ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ମହିଳା ହୋମଗାର୍ଡ ଏବଂ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜିତ କରାଯିବ।

# ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ପତିଙ୍କୁ ନାରଦ ସମ୍ମାନ




**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ଉତ୍ତମ ସାମ୍ବାଦିକତା, ନିରପେକ୍ଷ ରିପୋର୍ଟିଂ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପ୍ରତି ନ୍ୟାୟ ତଥା ରାଷ୍ଟ୍ର ଓ ସମାଜ ଗଠନ କ୍ଷେତ୍ରରେ କଲମ ଚଳାଇଥିବାରୁ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ପତିଙ୍କୁ ତାଙ୍କର ଜୀବନବ୍ୟାପୀ ସାଧନା, ଅଧ୍ୟବସାୟ ଓ ସାମ୍ବାଦିକତା କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶ୍ୱ ସମ୍ବାଦ କେନ୍ଦ୍ର, ଓଡ଼ିଶା ପକ୍ଷରୁ ୨୦୨୬ ବର୍ଷର ମର୍ଯ୍ୟାଦାଜନକ ‘ନାରଦ ସମ୍ମାନ’ ପ୍ରଦାନ କରାଯାଇଛି। ବିଶ୍ୱ ସମ୍ବାଦ କେନ୍ଦ୍ରର ରାଜ୍ୟସ୍ତରୀୟ ‘୨୨ତମ ନାରଦ ସମ୍ମାନ’ ସମାରୋହ ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମ୍ମାନିତ ଅତିଥି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅଖିଳ ଭାରତୀୟ ସହ ପ୍ରଚାର ପ୍ରମୁଖ ପ୍ରଦୀପ ଜୋଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ପତିଙ୍କୁ ନାରିକେଳ, ଉତ୍ତରୀୟ, ମାନପତ୍ର ସହ ୨୧ ହଜାର ଟଙ୍କା ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି।

ଅଧ୍ୟାପନା ଛାଡ଼ି ସାମ୍ବାଦିକତା ଭଳି ଏକ ଆହ୍ୱାନପୂର୍ଣ୍ଣ ଓ ଅସ୍ଥାୟୀ ବୃତ୍ତିକୁ ଶ୍ରୀ ପତି ଆଦରି ନେଇ ଦୈନିକ ‘ଧରିତ୍ରୀ’ରୁ ପେସାଦାର ଜୀବନ ଆରମ୍ଭ କରିଥିଲେ। ପରେ ସେ ‘ସମ୍ବାଦ’ରେ ବେଶ୍ କିଛି ବର୍ଷ କାର୍ଯ୍ୟ କରିବା ପରେ ଅନ୍ୟାନ୍ୟ ଅନେକ ଗଣମାଧ୍ୟମରେ ସେ କାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ଖବରକାଗଜ ‘ସମାଜ’ର ରାଉରକେଲା ଓ ଭୁବନେଶ୍ୱର ସଂସ୍କରଣରେ କାର୍ଯ୍ୟ କରିବା ସହ ଶେଷ ଭାଗରେ କାର୍ଯ୍ୟନିର୍ବାହୀ ବାର୍ତ୍ତା ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ସାମ୍ବାଦିକତା ବୃତ୍ତିରେ ସଫଳତା ପାଇଁ ସେ ଅନେକ ଅନୁଷ୍ଠାନ ଓ ସଂସ୍ଥା ଦ୍ୱାରା ସମ୍ମାନିତ ମଧ୍ୟ ହୋଇଛନ୍ତି। ଅଧ୍ୟାପକ ନିରଞ୍ଜନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ ସାଇପ୍ରସାଦ ଦାଶ ବିବରଣୀ ପାଠ କରିଥିଲେ। ସିନ୍ଧୁ ସାଗର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଦୁଷ୍ମନ୍ତ ବାରିକ ପରିଚୟ ପ୍ରଦାନ, ଶିବ ପ୍ରସାଦ ନାୟକ ମାନପତ୍ର ପାଠ, ଜଗଦାନନ୍ଦ ପଟ୍ଟନାୟକ ଧନ୍ୟବାଦ ଦେଇଥିବା ବେଳେ ଇଂ. ସୁଦର୍ଶନ ଦାସ, ଜ୍ଞାନେନ୍ଦ୍ର କୁମାର ନାୟକ, ଇଂ. ପ୍ରଭାକର ବେହେରା, ବିପିନ ବେହେରା, ସୌମେନ୍ଦ୍ର ଜେନା, ତପେଶ ଦାସ, ଭଦ୍ରସେନ ସ୍ୱାଇଁ, ଅଚ୍ୟୁତ ବିଶ୍ୱାଳ, ନାରାୟଣ ଦାସ ମାଓତୱାଲେ, ନିହାର ରଞ୍ଜନ ପତି, ସୂର୍ଯ୍ୟକାନ୍ତ ସାହୁ, ଅଂଶୁମାନ ମାର୍ଥା, ସୁମନ୍ତ କୁମାର ପଣ୍ଡା, ମନୀନ୍ଦ୍ର ସୁନ୍ଦର ଦାଶ, ନିରଞ୍ଜନ ନାୟକ ପରିଚାଳନାରେ ସହଯୋଗ କରିଥିଲେ।

# ଜୟନ୍ତୀରେ ବିପ୍ଳବୀ ଧରଣୀଧର ନାଏକଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ପ୍ରତୀକ ଓ ଜନଜାତି ସମାଜର ସ୍ୱାଭିମାନର ଛବି ମହାନ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କୁ ଆଜି ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ଆଜି ସକାଳେ ସ୍ଥାନୀୟ ଇଏସଆଇ ହସ୍ପିଟାଲ ଛକସ୍ଥିତ ବିପ୍ଳବୀ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିରେ ଓ ବିଧାନସଭା ପାର୍ଶ୍ୱ ଗେଟ୍ ନଂ- ୧ସ୍ଥିତ ପ୍ରତିମୂର୍ତ୍ତିରେ ଅତିଥିଗଣ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ ପୁଷ୍ପମାଲ୍ୟ ଅର୍ପଣ କରି ଧରଣୀଧର ନାଏକଙ୍କ ଅଦମ୍ୟ ସାହସ ଓ ଜନଜାତି ସମାଜ ପାଇଁ ତାଙ୍କର ତ୍ୟାଗକୁ ସ୍ମରଣ କରି ଏହି ମହାନ ବିପ୍ଳବୀଙ୍କ ଜୀବନ ସଂଗ୍ରାମ ଆଜିର ପିଢ଼ି ପାଇଁ ଏକ ଅମୂଲ୍ୟ ପ୍ରେରଣା ବୋଲି କହିଥିଲେ। ସେହିପରି ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ମଧ୍ୟ ମାଲ୍ୟାର୍ପଣ କରି ଧରଣୀଧର ନାଏକଙ୍କ ଜାତିପ୍ରେମ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅସାଧାରଣ ଅବଦାନକୁ ସ୍ମରଣ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ସହକାରୀ ନିର୍ଦ୍ଦେଶକ ଦୀପକ ସାହୁ ଓ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ସଭାପତି ଧ୍ରୁବ କାଲୋ ଯୋଗ ଦେଇଥିଲେ।

କଂଗ୍ରେସର ଅଭିଯୋଗ

# ପୁରୀରେ ସୃଷ୍ଟି ହୋଇଛି ଅରାଜକତାର କଳା ଅଧ୍ୟାୟ




ସାଂସଦ ଓ ବିଧାୟକଙ୍କୁ କଡ଼ା ସମାଲୋଚନା

**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** କଣାସରେ ଘଟିଥିବା ବର୍ବର ଆକ୍ରମଣ ତଥା ନାରୀଙ୍କ ଉପରେ ଉଦ୍‌ବେଗଜନକ ଅତ୍ୟାଚାର ଓ ଶାସକ ଦଳର ଛତ୍ରଛାୟା ତଳେ ଗୁଣ୍ଡାଗିରି ବଢୁଥିବା ବେଳେ ଏହାକୁ କଡ଼ା ସମାଲୋଚନା କରିଛି କଂଗ୍ରେସ। ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ, ମହିଳା କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷା ଜୟସ୍ମିତା ମହାନ୍ତି, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ରୂପାଦିତ୍ୟା ମହାପାତ୍ର ବିଶେଷକରି ପୁରୀ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି। ସେମାନେ କହିଛନ୍ତି ଯେ ଆଜି ପୁରୀ ଜିଲ୍ଲାର କଣାସରେ ବିଜେପି ନେତାଙ୍କ ଛତ୍ରଛାୟା ତଳେ ନିଶା ଓ ଦୁରାଚାର ଚରମ ସୀମାରେ ପହଞ୍ଚିଛି। ଭୟର ବାତାବରଣ, ଆରାଜକତାର କଳା ଅଧ୍ୟାୟ ସୃଷ୍ଟି ହୋଇଛି। ପୁରୀ ଅଞ୍ଚଳରେ ଦୟା ଓ ଭାର୍ଗବୀ ନଦୀ ପଠାରୁ ବିଜେପି ନେତାଙ୍କ ଆଶୀର୍ବାଦରେ ବାଲି ମାଫିଆଙ୍କ ବାଲି ବେପାର, ମଣିଷ ରକ୍ତରେ ଚାଲିଛି ହୋଲି ଖେଳ, ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀରେ ବାଲିର ଚୋରା ଚାଲାଣ ବ୍ୟାପକ ହୋଇଥିଲେ ମଧ୍ୟ ସେଠାରେ ପୁଲିସ୍ କାହିଁକି ନିରବଦ୍ରଷ୍ଟା ସାଜିଛି? ଏ ଦିଗରେ ପୁରୀ ସାଂସଦ ସମ୍ବିତ ପାତ୍ର କି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର କେହି ବି ଏ ଦିଗରେ ପଦକ୍ଷେପ ନେଉନାହାନ୍ତି। ସେମାନଙ୍କୁ ଜନସାଧାରଣ କ’ଣ କେବଳ ଚିତାଚୈତନ୍ୟ କାଟି ଭଜନ କୀର୍ତ୍ତନରେ ଯୋଗଦେବା ସକାଶେ ଲୋକେ ନିର୍ବାଚିତ କରିଛନ୍ତି କି ବୋଲି କଂଗ୍ରେସ ନେତ୍ରୀମାନେ ପ୍ରଶ୍ନ କରିଛନ୍ତି। ସେହିପରି ପୁରୀ ଏସପିଙ୍କ ଅପରେସନ ଚକ୍ରର ଅପରେସନ କେତେଦୂର ସଫଳ ହୋଇଛି ଓ ପାଟ୍ରୋଲିଂ କରୁଥିବା ପୁଲିସ୍ ଅପରାଧୀଙ୍କୁ ଧରୁଛି ନା ସେମାନଙ୍କଠାରୁ ବଟି ନେଇ ଚୁପ୍ ରହୁଛି ବୋଲି ମଧ୍ୟ ସେମାନେ ପ୍ରଶ୍ନ କରିଛନ୍ତି।

ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ପାଇଁ ଶକ୍ତି ବିଭାଗର ପ୍ରସ୍ତୁତି ସମୀକ୍ଷା

# ହୋର୍ଡିଂର ସୁରକ୍ଷା ନିୟମାବଳୀର କଡ଼ାକଡ଼ି ଅନୁପାଳନ ନିର୍ଦ୍ଦେଶ



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଲୋକସେବା ଭବନରେ ଶକ୍ତି ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଓପିଟିସିଏଲ୍ ସିଏମଡି ଭାସ୍କର ଜ୍ୟୋତି ଶର୍ମା ଓ ଓଡ଼ିଶାର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀ (ଡିସ୍‌କମ୍)ର ସିଇଓମାନେ ଉପସ୍ଥିତ ଥିଲେ।

ଚଳିତ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ଝଡ଼ ପାଇଁ ପ୍ରସ୍ତୁତିର ସମୀକ୍ଷା କରି ଶ୍ରୀ ସିଂହଦେଓ ସାରା ରାଜ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାହକଙ୍କ ସମସ୍ତ ଅଭିଯୋଗକୁ ଜରୁରୀକାଳୀନ ଭିତ୍ତିରେ ଗ୍ରହଣ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ବାରମ୍ବାର ବିଦ୍ୟୁତ ବିଭ୍ରାଟ ରୋକିବା ଓ ବ୍ୟବସ୍ଥାର ବିଶ୍ୱସନୀୟତା ବୃଦ୍ଧି ପାଇଁ ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟରେ କେବଳ ଉଚ୍ଚମାନର ସରଞ୍ଜାମ ଓ ସାମଗ୍ରୀ ବ୍ୟବହାର କରିବାକୁ ମଧ୍ୟ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ କର୍ମଚାରୀ ଗ୍ରାହକଙ୍କ ସହ ନମ୍ରତାର ସହ କଥା ହେବା ସହ ସକ୍ରିୟ ଭାବେ ସେବା ଯୋଗାଇବା ଆବଶ୍ୟକ ବୋଲି ପରାମର୍ଶ ଦେଇଛନ୍ତି।

ଏହାଛଡ଼ା ଉପମୁଖ୍ୟମନ୍ତ୍ରୀ ବିଦ୍ୟୁତ ଭିତ୍ତିଭୂମି ସହ ଜଡ଼ିତ ଜନସାଧାରଣଙ୍କ ସୁରକ୍ଷା ଦିଗର ମଧ୍ୟ ସମୀକ୍ଷା କରିଛନ୍ତି। ବିଦ୍ୟୁତ ଲାଇନ କିମ୍ବା ବିଦ୍ୟୁତ ପ୍ରତିଷ୍ଠାନ ନିକଟରେ ହୋର୍ଡିଂ ଓ ବିଜ୍ଞାପନ ବୋର୍ଡ ଲଗାଇବା ସମ୍ପର୍କରେ ସେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବାକୁ କହିଛନ୍ତି। ପ୍ରବଳ ବେଗରେ ପବନ ବହିବା ଏବଂ କାଳବୈଶାଖୀ ସମୟରେ ଦୁର୍ଘଟଣା ରୋକିବା ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାମାନଙ୍କ ସହ ସମନ୍ୱୟ ରକ୍ଷା କରି ସମସ୍ତ ହୋର୍ଡିଂ ଓ ବିଜ୍ଞାପନ ବୋର୍ଡର ଗଠନମୂଳକ ସୁରକ୍ଷା ନିୟମାବଳୀର କଡ଼ାକଡ଼ି ଅନୁପାଳନ କରିବା ସକାଶେ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ କୁହାଯାଇଛି। ଜନସାଧାରଣଙ୍କୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ଉପଲବ୍ଧ କରାଇବା ପାଇଁ ସରକାର ସର୍ବଦା ଚେଷ୍ଟିତ ବୋଲି ଶ୍ରୀ ସିଂହଦେଓ କହିଛନ୍ତି। ଏଥିସହ ଗ୍ରୀଷ୍ମ ମାସଗୁଡ଼ିକରେ ସମସ୍ତ ଅଧିକାରୀଙ୍କୁ ହାଇ-ଆଲର୍ଟରେ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ଓ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ଆଲୋଚିତ ବିଷୟବସ୍ତୁ ଉପରେ ସାପ୍ତାହିକ ଅନୁପାଳନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।



# କାହିଁକି ହାରିଗଲେ ମମତା ବାନାର୍ଜୀ?

୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଫଳାଫଳ ଏକ ରାଜନୈତିକ ଭୂମିକମ୍ପ ସୃଷ୍ଟି କରିଛି। ପନ୍ଦର ବର୍ଷ ଧରି ଅଖଣ୍ଡ କ୍ଷମତା ଭୋଗ କରୁଥିବା ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍ସି) ବିଜେପି ପାଖରେ ପରାଜିତ ହୋଇଛି। ନିଜ ନିର୍ବାଚନକ୍ଷେତ୍ର ଭବାନୀପୁରରେ



ମମତା ସୁବେନ୍ଦୁ ଅଧିକାରୀଙ୍କ ଠାରୁ ପ୍ରାୟ ୧୫,୦୦୦ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଛନ୍ତି। ଏହି ପରାଜୟ କେବଳ ଏକ ବ୍ୟକ୍ତିଗତ ପରାଜୟ ନୁହେଁ, ବରଂ ଦୀର୍ଘଦିନୀୟ ଶାସନର ଅନ୍ତ ଏବଂ ଜନମତର ପରିବର୍ତ୍ତନର ପ୍ରତୀକ। ତେଣୁ ଦିଦିଙ୍କ ପରଜାୟର କାରଣ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି।

ପନ୍ଦର ବର୍ଷର ଶାସନ ପରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ବେକାରୀ, ଦୁର୍ନୀତି ଏବଂ ଉନ୍ନୟନର ଅଭାବ ମୁଖ୍ୟ ଅଭିଯୋଗ ଥିଲା। ଯୁବକମାନେ ଚାକିରି ପାଇଁ ବାହାରକୁ ପଳାଇ ଯାଉଥିବା ସମୟରେ ସରକାରୀ ଯୋଜନାଗୁଡ଼ିକର ଲାଭ କେବଳ କିଛି ଲୋକଙ୍କ ପାଖରେ ସୀମିତ ରହିଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ରାଜ୍ୟରେ ଶିଳ୍ପ ସ୍ଥାପନା କମ ହୋଇଥିବାରୁ ଅର୍ଥନୈତିକ ବିକାଶ ସ୍ଥବିର ହୋଇ ପଡ଼ିଥିଲା। ଜନତା ପରିବର୍ତ୍ତନ ପାଇଁ ଆଗ୍ରହୀ ହୋଇଥିଲେ। ଏହା ଟିଏମସି ପାଇଁ ବଡ଼ ଆଘାତ ଥିଲା।

ଆର.ଜି କର ମେଡିକାଲ କଲେଜ ଘଟଣା ମହିଳା ସୁରକ୍ଷା ଉପରେ ବଡ଼ ପ୍ରଶ୍ନ ଉଠାଇଥିଲା। ଏକ ଯୁବତୀ ଡାକ୍ତରଙ୍କ ନିର୍ମମ ହତ୍ୟା ଘଟଣା ରାଜ୍ୟବାସୀଙ୍କ ମନରେ ଗଭୀର କ୍ଷୋଭ ସୃଷ୍ଟି କରିଥିଲା। ସରକାରଙ୍କ ପ୍ରତିକ୍ରିୟା ଏବଂ ତଦନ୍ତ ପ୍ରକ୍ରିୟା ନେଇ ବ୍ୟାପକ ସମାଲୋଚନା ହୋଇଥିଲା। ଯେଉଁ ମହିଳା ଭୋଟର ମମତାଙ୍କ ମୂଳ ଶକ୍ତି ଥିଲେ, ସେମାନଙ୍କ ମଧ୍ୟରେ ବିଶ୍ୱାସ ହ୍ରାସ ପାଇଥିଲା। ଏହା ଟିଏମସିର ଇମେଜକୁ କ୍ଷତିଗ୍ରସ୍ତ କରିଥିଲା।

ଶିକ୍ଷା ନିଯୁକ୍ତି ସ୍କ୍ୟାମ, ଏସ୍ଆଇଆର୍ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଦୁର୍ନୀତି ଅଭିଯୋଗ ଟିଏମସି ସରକାରକୁ ଘେରିଥିଲା। ସାଧାରଣ ଲୋକ ଏହି ସମସ୍ୟାଗୁଡ଼ିକୁ ପ୍ରତ୍ୟକ୍ଷ ଅନୁଭବ କରୁଥିଲେ। ଭୋଟର ସ୍କ୍ରୁଟିନି ଏବଂ ସଚେତନତା ବଢ଼ିଥିବାରୁ ପୁରୁଣା ଯୋଜନାଗୁଡ଼ିକର ଆକର୍ଷଣ କମି ଯାଇଥିଲା। ହିନ୍ଦୁ ଭୋଟ ଏକତ୍ରିକରଣ ମଧ୍ୟ ବିଜେପିକୁ ଲାଭ ଦେଇଥିଲା ବୋଲି ବିଶ୍ଳେଷକମାନେ କହୁଛନ୍ତି।

ସୁବେନ୍ଦୁ ଅଧିକାରୀଙ୍କ ପରି ପୂର୍ବ ସହଯୋଗୀଙ୍କ ବିରୋଧ ଟିଏମସିର ଭିତ୍ତି ଦୁର୍ବଳ କରିଥିଲା। ସେ ଭବାନୀପୁରରେ ମମତାଙ୍କୁ ସିଧାସଳଖ ଚ୍ୟାଲେଞ୍ଜ କରି ଜତିଛନ୍ତି। ବିଜେପିର ସଂଗଠନ ଶକ୍ତି ଏବଂ କେନ୍ଦ୍ରୀୟ ନେତୃତ୍ୱର ସମର୍ଥନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଟିଏମସି ନେତୃତ୍ୱ ଏହି ପରିବର୍ତ୍ତନକୁ ଠିକ ଭାବେ ବୁଝି ପାରି ନଥିଲା।

ଅଧିକ ଭୋଟ ଟର୍ଣ୍ଣଆଉଟ ଏବଂ ମାଇନୋରିଟି ଭୋଟ ବିଭାଜନ ମଧ୍ୟ ପ୍ରଭାବ ପକାଇଥିଲା। ମମତା ନିଜେ ନିର୍ବାଚନ ପରେ ବିଜେପି ଏବଂ ନିର୍ବାଚନ ଆୟୋଗକୁ ଅଭିଯୋଗ କରିଛନ୍ତି, କିନ୍ତୁ ଏହା ଜନମତର ପରିବର୍ତ୍ତନକୁ ଆଚ୍ଛାଦନ କରିପାରିନାହିଁ। ଏହି ପରାଜୟ ମମତାଙ୍କ ପାଇଁ ଏକ ନୂତନ ଆରମ୍ଭ ହୋଇପାରେ। ରାଜନୀତିରେ କେହି ଅମର ନୁହେଁ। ଟିଏମସିକୁ ଏବେ ଆତ୍ମସମୀକ୍ଷା କରିବାକୁ ପଡ଼ିବ। ବିଜେପି ପାଇଁ ଏହା ଏକ ଐତିହାସିକ ସଫଳତା, କିନ୍ତୁ ନୂତନ ସରକାରକୁ ରାଜ୍ୟର ଉନ୍ନୟନ, ନିୟୋଗ ଏବଂ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ବଙ୍ଗଳାର ଜନତା ପରିବର୍ତ୍ତନ ଚାହିଁଛନ୍ତି; ଏହା ଗଣତନ୍ତ୍ରର ସୌନ୍ଦର୍ଯ୍ୟ। ମମତାଙ୍କ ପରାଜୟ ଦେଖାଉଛି ଯେ କ୍ଷମତା ଦୀର୍ଘଦିନ ଧରି ରଖିବା ସହଜ ନୁହେଁ।

# ଜୟ ଗଣେଶ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ପାର୍ବତୀ ମାଆଙ୍କ ପୁଅକୁ କୋଟି ପ୍ରଣାମ, କଥିତ ଭାଷାକୁ ସେ ଲିଖିତ ଭାଷାରେ ପରିଣତ କରିବା ବ୍ୟକ୍ତି ମାନଙ୍କ ମଧ୍ୟରେ ହୁଏତ ସେ ପ୍ରଥମ ପ୍ରବର୍ତ୍ତକ। ସବୁବେଳେ ସବୁ ଆରମ୍ଭକୁ ଶ୍ରୀଗଣେଶ କୁହାଯାଏ। ଅତଏବ ଶୁଣି ଶୁଣି ମନେ ରଖିବା ଶାସ୍ତ୍ର ଜ୍ଞାନ, ଶ୍ରୁତିଶାସ୍ତ୍ର ଯାହା ବେଦ ଆଉ ପୁରାଣ, ମହାଭାରତ, ଭାଗବତ ଏକଦା ଶୁଣାର ଶାସ୍ତ୍ର ଥିଲା। ଭଗବାନ ବ୍ୟାସଦେବ ଏହାକୁ ସମ୍ପୂର୍ଣ୍ଣ ଲିପିବଦ୍ଧ କରି ଭବିଷ୍ୟତକୁ ସ୍ଥାୟୀ କିପରି ଲୋକହିତ କରି ଲୋକରେ ଆଗକୁ ଆଗ ଆସୁଥିବା ଜିଜ୍ଞାସୁମାନଙ୍କୁ ସ୍ଥାୟୀ ଶାସ୍ତ୍ରର ଧାରାକୁ ତତ୍ ସମୟରେ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରି ପ୍ରକୃତିକୁ ରକ୍ଷା କରିପାରିବେ, ବଞ୍ଚିବାର ରାହା ପାଇପାରିବେ। ଏତେ ଗୁଡ଼ାଏ ବିଷୟକୁ ଲିଖିତ ଭାଷାରେ କ୍ଷୀପ୍ର ଲେଖିବା ବ୍ୟକ୍ତି ଖୋଜରେ ଗଣେଶ ହିଁ ତାଙ୍କୁ ମିଳିଥିଲେ। ଗଣେଶ ସର୍ବଦା ଯୁକ୍ତ ଶକ୍ତିର ପଥପ୍ରଦର୍ଶକ। ବ୍ୟାସ ଦେବଙ୍କ ଜନ୍ମ ଦିନ ଆଷାଢ଼ ପୂର୍ଣ୍ଣିମା ଯାହା ଗୁରୁପୂର୍ଣ୍ଣିମା। ଏହି ଦିନ ସମସ୍ତ ପ୍ରକାର ପରାବିଦ୍ୟା ଓ ଅପରାବିଦ୍ୟାର ଗୁରୁ ମାନଙ୍କର ଗୁରୁ ପୂଜା କରାଯାଏ। ଗଣେଶ ସେହି ଦିବ୍ୟ ଗୁରୁଙ୍କ ଉକ୍ତି ଗୁଡ଼ିକୁ ସୂକ୍ତି ରୂପରେ ଅଧ୍ୟାୟ ଅଧ୍ୟାୟ / ସର୍ଗ ସର୍ଗ / କାଣ୍ଡ କାଣ୍ଡ / ସ୍କନ୍ଦ ସ୍କନ୍ଦ / ମଣ୍ଡଳ ମଣ୍ଡଳ ବିନ୍ୟାଶ କରି ସେହି ଦିବ୍ୟ ଗୁରୁଙ୍କ ମୁଖନିସୃତ ଶାସ୍ତ୍ର ବାକକୁ ସେ ଯୁଗରୁ ଆଗକୁ ବଢ଼ାଇବା ବ୍ୟବସ୍ଥା କରାଇଛନ୍ତି।

ପିଲାମାନେ ବିଦ୍ୟାଳୟରେ ଗଣେଶ ପୂଜା କରିବା ପ୍ରଥା ବହୁ ବର୍ଷ ଧରି ଚାଲି ଆସୁଛି। ବିଦ୍ୟାରମ୍ଭ ହୁଏ, ଗଣେଶ ଖଡ଼ିରୁ ଯାହା ଶିଶୁଙ୍କୁ ଚାରି ବର୍ଷ ଚାରିମାସ ଚାରି ଦିନରେ ଅନେକ ବାପା ମାଆ କରାଇଥାନ୍ତି। ପୂର୍ବେ ମାଟି ଚଟାଣରେ କୋଚିଲା ଖଡ଼ିରେ ଶ୍ରୀ ସିଦ୍ଧିରସ୍ତୁ ପ୍ରଥମେ ଶିଶୁର ବିଧାନରେ ଖଡ଼ି ଛୁଆଁଇ ତାହାର ହାତ ଧରି ଲେଖାଇ ଦେଇ ସେ ଲେଖାକୁ ପିଲା ହାତରେ ଲିଭାଇ ସେହି ଖଡ଼ି ଲିଭା ଚିହ୍ନର ସୂକ୍ଷ୍ମ ବିଭୁତି ସଦୃଶ ବିଚୁର୍ଣ୍ଣକୁ ଶିଶୁ କପାଳରେ ବୋଳିବାକୁ କୁହାଯାଇଥାଏ।



ଏହାପରେ ତିନି ମୁଣ୍ଡୁଳା ବ୍ରହ୍ମା, ବିଷ୍ଣୁ, ମହେଶ ମାଟିରେ ଅବଦାନ ବା ଖଡ଼ି ଛୁଇଁବା ପୁରୋହିତ ବଡ଼ ବଡ଼ କରି ଆଙ୍କି ତା ଉପରେ ଖଡ଼ିକୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଡାକି ଚଳାଇବାକୁ କହୁଥିଲେ। ଇଏ ହେଉଛି ବିଦ୍ୟା ଆରମ୍ଭ ଶ୍ରୀଗଣେଶ। ଗଣେଶଙ୍କ ଯେଉଁ ଦାନ୍ତ ପର୍ଶୁରାମ ଫାର୍ଶା ଆଘାତରେ ଭାଙ୍ଗି ଦେଇଥିଲେ ତାହା ହିଁ ଗଣେଶଙ୍କ ଲେଖନୀ ଯନ୍ତ୍ର। ଏହି ସେହି କୋଚିଲା ଖଡ଼ି ଠିକ ହସ୍ତୀ ଦାନ୍ତର ଭଙ୍ଗ ଅଗ୍ରପରି ଦୃଶ୍ୟ ହୁଏ। ଗଣେଶ ବିଘ୍ନ ମାନଙ୍କର ରାଜା 'ବିଘ୍ନରାଜ'। ତାଙ୍କୁ ବିଘ୍ନ କ୍ଷେତ୍ରରେ ଜମିଦାରୀ ମିଳିଛି। ତାଙ୍କର ତୋଷ ବିନା କେଉଁ କାର୍ଯ୍ୟ ସରଳରେ ହୋଇନପାରେ। ତାଙ୍କର ସାଂଘାତିକ ଆୟୁଧ ଦୁଇଟି ପାଶ ଆଉ ଅଙ୍କୁଶ। ଏ ଯୁଗରେ ଯେଉଁ କାନୁନ ମାଳା ରହିଛି ବା ହେଉଛି ସେ ସବୁ ହେଉଛି ଗଣେଶଙ୍କର ପାଶ ସଦୃଶ। ପୁଣି ସେଥିରେ ବେଳେ ବେଳେ ଅଙ୍କୁଶ ଲାଗି ଯାଉଛି। ଯଥା ଇମେର୍ଜନେସି ଲାଗିବା, ନୋଟ ବନ୍ଦି ହେବା, ବଜେଟରେ କେବେ କ'ଣ ଶସ୍ତା ମହରଗ ଏହା ହିଁ ଅଙ୍କୁଶ।

ଗଜବଦନଙ୍କ ଗଜାଙ୍କୁଶ ବନ୍ଧନ ମାନେ ମୁଖ ପଦବୀରେ ଥିବା ବ୍ୟକ୍ତିବିଶେଷଙ୍କ 'ଗଜ' ତାଙ୍କ ମୁଖ ଦେଖ ସବୁବେଳେ ଖବରକାଗଜ, ଟିଭି ମିଡ଼ିଆରେ ପରିପ୍ରକାଶ। ହାତୀ ଉପରେ ସୁନା କଳସ ଢ଼ାଳିବା ପ୍ରଥାରେ ନିର୍ବାଚନ ବେଳେ ପ୍ରାର୍ଥୀ ଗଜବଦନ ଗଣପତି ହେବା ପାଇଁ ଭୋଟ ପାଇବାକୁ ଆଶାୟୀ। ଏହାଙ୍କୁ ଭୋଟ ଦେବାଲୋକେ ଏକ ଏକ ହାତୀ (ଗଜ) ତତ୍କାଳ ହୋଇଥାନ୍ତି। ଗଣମାନଙ୍କ ପତି ହୋଇ ରାଜକାର୍ଯ୍ୟକୁ ଲୋକେ ବଡ଼ ପରୀକ୍ଷାରେ ବିଦବତ୍ତା ଦେଖାଇ ଗଣେଶ ହେଉଛନ୍ତି। ନହେଲେ ହାତୀ ଭୋଟ ରୂପୀ ସୁନା କଳସ ଅଭିଷେକରେ ଗଣେଶ ହୋଇ ପାଶ ଅଙ୍କୁଶ ଧାରୀ ହେଉଛନ୍ତି। ସର୍ବାଗ୍ରେ ଗଣେଶପୂଜା ଅର୍ଥାତ୍ ସେ ପାଶ ଅଙ୍କୁଶ ପ୍ରୟୋଗ ନକରିବାପାଇଁ ନେହୁରା ହେବା ଯେ କୌଣସି ସଂସ୍ଥାରେ ଏମିତି ଗଣପତି ରହନ୍ତି ସେ ଜନ୍ମରୁ ଗଜବଦନ ନୁହଁନ୍ତି। ସମୟକୁ କାଳ ତାଙ୍କୁ ସେ ପଦବୀକୁ ଆଣି ଗଜବଦନ କରାଇ ଦେଉଛନ୍ତି। ସଂସାରରେ ସମସ୍ତଙ୍କ ଭୁଲ ହୁଏ। ହେଲେ ସଂସାର ତାଙ୍କୁ କ୍ଷମା ଦେବାର କିଛି ବ୍ୟବସ୍ଥା କରିଛନ୍ତି। ଛୋଟ ଛୋଟ ରାଜ କରିବା ରାଜା ଭୁଲକାରୀଙ୍କୁ ନିର୍ବାଚନ ଦଣ୍ଡ ଦେଇଥାନ୍ତି ଯାହା ଅନୁଷ୍ଠାନ, ସଂସ୍ଥା, ଦଳ, ଗୋଷ୍ଠୀ ଆଦି ଛାଡ଼ିଯିବା ପାଇଁ ଆଦେଶ କରନ୍ତି। ମାତ୍ର ବଡ଼ରାଜା ସବକା ମାଲିକ ଏହା କରାଇ ପାରନ୍ତି ନାହିଁ। ଭଗବାନ କାହାକୁ ନିର୍ବାସନ ଦଣ୍ଡ ଦେଇପାରନ୍ତି ନାହିଁ। ଯେ ୟୁନିଭର୍ସର ମାଲିକ। ଏମିତିକା ରାଜା ବିଘ୍ନରାଜା ହରଗୌରୀ କୁମାର ତାଙ୍କୁ କାନଧରି ନ୍ୟୁୟଛାଳି ପଡ଼ିଲେ ସେ ଜରୁର କ୍ଷମା କରନ୍ତି। ଏ ବିଶ୍ୱାସ ଗଣେଶ ଭକ୍ତ ମାନଙ୍କର ଦୃଢ଼ ଭାବରେ ଅଛି। ତେବେ କାନଧରା ମୁଦ୍ରାଟାର ରୂପରେଖ ଡାହାଣ ହାତରେ ବାମ କାନ, ବାମ ହାତରେ ଡାହାଣ କାନ ଉତ୍ତର ଦିଗରେ ଠିଆ ହୋଇ ଦକ୍ଷିଣ ମୁହଁରେ ଥିବା ଗଣେଶଙ୍କ ସମ୍ମୁଖରେ କିଛି ବସଉଠ ହେବାକୁ ହୁଏ ଯଦି ଦୁଇ ହାତ ଏପରି ଗୁଣନ ଚିହ୍ନ ସଦୃଶ ଭ୍ରାନ୍ତିକାରୀର ହୃଦୟ ଉପରେ ହେଉଛି ତେବେ ଭଗବାନ ଗଣେଶ ସେ ପାଇଁ ବ୍ୟକ୍ତିର ଅନୁଶୋଚନା ପାଇଁ କ୍ଷମା ଦାତା ହୁଅନ୍ତି। ବଡ଼ ଭୁଲ ମହାବିପଦ ଆଣେ ସେତେବେଳେ ଏହି ମୁଦ୍ରା ଦୁଇ ହସ୍ତର ହାଡ଼ ଆଉ ଖପୁରୀ ଅବସ୍ଥାକୁ ଚାଲିଯାଏ କାହାରି ବେପରୁଆ ଭାବ ଆଇନକୁ ହାତକୁ ନେବା ଏହି ଅବସ୍ଥା ନହେଉ। ଏ ବିଘ୍ନରାଜଙ୍କ ଚେତାବନୀ, ଯାହା ବିପଦ ସଙ୍କେତ। ସବୁଠି ଗଣେଶ ରାଜ ସବୁଠି ବିଘ୍ନ ଅଛି ସେ ଶୈଳପୁତ୍ରୀଙ୍କ ପୁତ୍ର ପଥର ପରି ସହ୍ୟଶକ୍ତି ଅର୍ଜନକାରୀ ଗଣେଶ ବିଭୁତି ଅବଶ୍ୟ ପାଆନ୍ତି। ଶିଳାରୁ ଜାତ ଶୈଳ ତାଙ୍କ ପ୍ରିୟ କୁମାର ଗଣେଶ ଯେ ଗଣେଶକୁ ଆଦର୍ଶ ଧରନ୍ତି ସେ ବି ଗଣେଶ ହୋଇପାରନ୍ତି।

**ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ**
**ମୋବାଇଲ୍:୯୪୩୭୧୦୩୧୨୫୩**

# ମମତାଙ୍କ ପରାଜୟର ପ୍ରତିଧ୍ୱନି



**ଡକ୍ଟର ଲକ୍ଷ୍ମଣ ସାହୁ**

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ଭାରତୀୟ ରାଜନୀତିରେ ଏକ ଗଭୀର ପରିବର୍ତ୍ତନର ସଙ୍କେତ ଦିଏ। ଏହା କେବଳ ଦେଶର ସବୁଠାରୁ ଶକ୍ତିଶାଳୀ ମହିଳା ନେତ୍ରୀ ତୃଣମୂଳ କଂଗ୍ରେସ ନେତା ମମତା ବାନାର୍ଜୀଙ୍କ ବିଦାୟକୁ ଚିହ୍ନିତ କରେ ନାହିଁ ବରଂ ଏହା ଆଞ୍ଚଳିକ ଦଳଗୁଡ଼ିକର ଅନ୍ତ ଓ ସେମାନଙ୍କର ଉପ-ଜାତୀୟତାବାଦ ତଥା ସ୍ଥାନୀୟ ସାଂସ୍କୃତିକ ପରିଚୟର ରାଜନୀତିର ଆରମ୍ଭକୁ ମଧ୍ୟ ଚିହ୍ନିତ କରେ। ତେଣୁ, ପଶ୍ଚିମବଙ୍ଗର "ଭଗୁଆକରଣ" ବିଜେପିର ପ୍ରଭାବ କ୍ଷେତ୍ରରେ ଅନ୍ୟ ଏକ ରାଜ୍ୟ ଯୋଡିବା ଅପେକ୍ଷା ଅଧିକ ପ୍ରତିନିଧିତ୍ୱ କରେ। ଏହା ଏକ ଧାର୍ମିକ-ରାଜନୈତିକ ବିଚାରଧାରା ଭାବରେ "ହିନ୍ଦୁତ୍ୱ"ର ବର୍ଦ୍ଧିତ ଲୋକପ୍ରିୟତାକୁ ପ୍ରତିଫଳିତ କରେ।

ମମତା ବାନାର୍ଜୀଙ୍କ ଦଳର ପରାଜୟ, ତାମିଲନାଡୁର ଶକ୍ତିଶାଳୀ ଆଞ୍ଚଳିକ ନେତା ଏମକେ ଷ୍ଟାଲିନ ଓ ଡିଏମକେର ପରାଜୟ ସହିତ ମିଶି, ଭାରତ ମେଣ୍ଟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଘାତ। ଏହାର ଦୁଇଟି ସବୁଠାରୁ ଶକ୍ତିଶାଳୀ ସ୍ତମ୍ଭ ଭାଙ୍ଗି ପଡ଼ିଛି, ଯାହା ଫଳରେ ସମଗ୍ର ବିରୋଧୀ ମେଣ୍ଟ ଦୁର୍ବଳ ଓ ଦୋହଲି ଯାଇଛି। ଏହା ନିଃସନ୍ଦେହରେ ଆଗାମୀ ବର୍ଷ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ପ୍ରଭାବ ପକାଇବ। ଯେଉଁଠାରେ "ଭାରତ ମେଣ୍ଟ"ର ଆଉ ଏକ ପ୍ରମୁଖ ସ୍ତମ୍ଭ (ଅଖିଳେଶ ଯାଦବ ଓ ତାଙ୍କ ସମାଜବାଦୀ ପାର୍ଟି) ଏବେ ଏକ ଭୟଙ୍କର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ବିଜେପି ବିରୋଧରେ ଲଢ଼େଇରେ ଏହାର କର୍ମୀଙ୍କ ଦୁର୍ବଳ ମନୋବଳକୁ ବୃଦ୍ଧି କରିବ।

ବାମପନ୍ଥୀ ରାଜନୀତି (ପ୍ରଥମେ ସିପିଆଇ(ଏମ୍) ଓ ତା'ପରେ ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଦ୍ୱାରା ବହୁ ଦିନ ଧରି ପ୍ରଭାବିତ ରାଜ୍ୟରେ, ନିର୍ବାଚନ କମିଶନଙ୍କ ତରବରିଆ "ବିଶେଷ ସଘନ ସମୀକ୍ଷା" (SIR) ଭୋଟର ତାଲିକା ଓ ୨.୫ ଲକ୍ଷ ଅର୍ଦ୍ଧସାମରିକ ବାହିନୀ ମୁତୟନ ଭଳି ସରକାରୀ ହସ୍ତକ୍ଷେପର ନିର୍ବାଚନ ଫଳାଫଳ ଉପରେ ପ୍ରଭାବ ବିଷୟରେ ପ୍ରଶ୍ନ ଉଠିବା ଜାରି ରହିବ। ଏହା ପ୍ରଥମ ଥର ହେବ ଯେତେବେଳେ ଜଣେ ବିଜେପି ମୁଖ୍ୟମନ୍ତ୍ରୀ ବହୁମତ ସରକାରର ନେତୃତ୍ୱ ନେବେ। ବିଶେଷ ସଘନ ସମୀକ୍ଷା (SIR) ସମୟରେ ପ୍ରାୟ ୯୦ ଲକ୍ଷ ନାମକୁ ବାଦ ଦିଆଯାଇଥିଲା। ଯାହା ମଧ୍ୟରୁ ୨୭ ଲକ୍ଷଙ୍କୁ "ପରୀକ୍ଷଣାଧୀନ" ତାଲିକାରେ ରଖାଯାଇଥିଲା କାରଣ ସେମାନେ ଯାଞ୍ଚ ପ୍ରଦାନ କରିପାରି ନଥିଲେ।

ଦାଖଲ ହୋଇଥିବା ଦଲିଲରେ ବୈଷୟିକ ତ୍ରୁଟି ଥିଲା। ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରକ୍ରିୟାକୁ ନେଇ ଚାଲିଥିବା ବିବାଦର କୌଣସି ସଂକ୍ଷିପ୍ତ ଉତ୍ତର ନାହିଁ। ତଥାପି ଦୁଇଟି କଥା ସ୍ପଷ୍ଟ। ପ୍ରଥମତଃ ବିଜେପି ଦ୍ୱାରା ପ୍ରତ୍ୟେକ ଆକ୍ରମଣ ପ୍ରତି ମମତା ବାନାର୍ଜୀଙ୍କ ଜୋରଦାର ଓ ଉତ୍ସାହୀ ପ୍ରତିକ୍ରିୟା ପ୍ରଶଂସନୀୟ। ତାଙ୍କ ସମାଲୋଚକମାନେ ମଧ୍ୟ ସ୍ୱୀକାର କରିବାକୁ ପଡିବ ଯେ ସେ ତାଙ୍କର ଉପନାମ "ବଙ୍ଗଳାର ବାଘୁଣୀ"କୁ ସମ୍ପୂର୍ଣ୍ଣ ଯଥାର୍ଥ କରିଛନ୍ତି। ସେ ପ୍ରଦର୍ଶନ କରିଥିଲେ ଯେ ସେ ସହଜରେ ମୁଣ୍ଡ ନୁଆଁଇବେ ନାହିଁ। ସର୍ବୋପରି, ସେ ଦଶନ୍ଧି ଧରି ବାମ ମୋର୍ଚ୍ଚା ସରକାର ସହିତ ଲଢ଼ି ପଶ୍ଚିମବଙ୍ଗର ରାସ୍ତାରେ ନିଜର ଛାପ ସୃଷ୍ଟି କରିଥିଲେ।

ଦ୍ୱିତୀୟତଃ, ୨୦୨୧ ନିର୍ବାଚନରେ ସେମାନଙ୍କର ଦମଦାର ପରାଜୟ ପରେ, ବିଜେପି ସେମାନଙ୍କର ପରାଜୟକୁ ସତର୍କତାର ସହିତ ସଂଯୋଜିତ କରିଥିଲା। ଦଳ ତୃଣମୂଳ ସ୍ତରରେ ଭୋଟ ଧାରାଗୁଡ଼ିକର ଏକ ବିସ୍ତୃତ ଅଧ୍ୟୟନ କରିବା ପାଇଁ କାର୍ଯ୍ୟ ଆରମ୍ଭ କରିଥିଲା। ଯେଉଁଥିରେ ଆରଏସଏସ (RSS ) ମଧ୍ୟ ସହାୟତା କରିଥିଲା। ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ମ୍ୟାପ୍ କରାଯାଇଥିଲା। ଦୁର୍ବଳ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇଥିଲା, ଜନଭାବନା ନିରନ୍ତର ସର୍ଭେ କରାଯାଇଥିଲା ଓ ଏକ ବିସ୍ତୃତ ରୋଡମ୍ୟାପ୍ ବିକଶିତ କରାଯାଇଥିଲା। ବିଜେପି ଦୁଇଟି କାରଣକୁ ପୁଞ୍ଜି କରିଥିଲା ଯାହା ତୁରନ୍ତ ସ୍ପଷ୍ଟ ନଥିଲା। ପ୍ରଥମତଃ ତୃଣମୂଳ କଂଗ୍ରେସ ପ୍ରତି ବଢ଼ୁଥିବା ଅସନ୍ତୋଷ ଓ ଦ୍ୱିତୀୟତଃ, ବାମପନ୍ଥୀମାନଙ୍କଠାରୁ ତୃଣମୂଳ ଯେଉଁ ରଣନୀତି ଗ୍ରହଣ କରିଥିଲା ତାହା ଫୁଟବଲ୍ କ୍ଲବ୍, ସାମାଜିକ ଓ ସାଂସ୍କୃତିକ କମିଟିଗୁଡ଼ିକରେ ସ୍ଥାନୀୟ ବାହୁବଳୀର ଦଳକୁ ପୋଷଣ କରିବା।



ଆଶ୍ଚର୍ଯ୍ୟର କଥା ହେଉଛି ମମତା ନିଜେ ଅତ୍ୟନ୍ତ ଲୋକପ୍ରିୟ। ବିଶେଷକରି ମହିଳାଙ୍କ ମଧ୍ୟରେ, ବର୍ତ୍ତମାନର ବିଧାୟକ ଓ ସମଗ୍ର ସରକାର ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଜେପି ବିରୁଦ୍ଧରେ ଏକ ସ୍ପଷ୍ଟ ଶାସନ ବିରୋଧୀ ଲହର ଥିଲା। ରାଜ୍ୟ ବାହାରର ସାମ୍ବାଦିକମାନେ ଏହାକୁ ଅନୁଭବ କରିଥିଲେ। କିନ୍ତୁ ବଙ୍ଗଳାରେ ରହୁଥିବା ଲୋକମାନେ ଏହାକୁ ବୁଝିପାରିଲେ ନାହିଁ। ଯଦିଓ ମମତା ବାନାର୍ଜୀ ଶାସନ ବିରୋଧୀ ଲହରକୁ ମୁକାବିଲା କରିବା ପାଇଁ ତାଙ୍କର ପ୍ରାୟ ୪୦% ବିଧାୟକଙ୍କୁ ବଦଳାଇ ଦେଇଥିଲେ। କିନ୍ତୁ ପୂର୍ବରୁ ବିଜେପି ଜନସାଧାରଣଙ୍କ କ୍ରୋଧକୁ ଅନୁଭବ କରି ଏହାକୁ ଆହୁରି ଇନ୍ଧନ ଦେଇଥିଲା। ଦ୍ୱିତୀୟତଃ ବଙ୍ଗାଳୀ ହିନ୍ଦୁମାନଙ୍କ ମଧ୍ୟରେ ସୁପ୍ତ ଇସଲାମୋଫୋବିୟା ଥିଲା। ବିଜେପି ଅନୁପ୍ରବେଶକାରୀ (ବାଂଲାଦେଶୀ ମୁସଲମାନ) ଓ ମମତାଙ୍କ ସହାୟତାରେ ସେମାନେ ପଶ୍ଚିମବଙ୍ଗର ଜନସଂଖ୍ୟାଗତ ଗଠନକୁ କିପରି ପରିବର୍ତ୍ତନ କରୁଛନ୍ତି ସେ ବିଷୟରେ ଏକ ନିରନ୍ତର ଅଭିଯାନ ଚଳାଇଥିଲା। ଏହି ଅଭିଯାନ କେବଳ ବଙ୍ଗାଳୀ "ଭଦ୍ରଲୋକ"ଙ୍କୁ ଆକର୍ଷିତ କରିଥିଲା ଯେଉଁମାନେ ଦୀର୍ଘ ଦିନ ଧରି ସେମାନଙ୍କର ଉଦାର ପରମ୍ପରାକୁ ଭୁଲି ଯାଇଥିଲେ। ବରଂ ବର୍ଦ୍ଧିତ ମୂଲ୍ୟବୋଧ, ବେକାରୀ ଓ ବିକାଶ ସୁଯୋଗର ଅଭାବରେ ଭାରାକ୍ରାନ୍ତ ମହତ୍ୱାକାଂକ୍ଷୀ ଗ୍ରାମୀଣ ଲୋକଙ୍କୁ ମଧ୍ୟ ଆକର୍ଷିତ କରିଥିଲା। ଏହି ଗ୍ରାମାଞ୍ଚଳ ଲୋକମାନେ ସେମାନଙ୍କର ଅସନ୍ତୋଷ ପାଇଁ ମୋଦି ସରକାରଙ୍କ ବଦଳରେ ତୃଣମୂଳ ସରକାରଙ୍କୁ ଦାୟୀ କରୁଥିବା ଦେଖାଯାଉଥିଲା।

ବଙ୍ଗଳାରେ ବିଜେପିର ଏହି ବିସ୍ମୟକର ବିଜୟ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ବହୁତ ଧନ୍ୟବାଦ। ଯିଏ ପ୍ରାୟ ଗୋଟିଏ ମାସ ଧରି ପଶ୍ଚିମବଙ୍ଗରେ ରହି ନିର୍ବାଚନ କାର୍ଯ୍ୟକଳାପ ଉପରେ ନଜର ରଖିଥିଲେ। ବିଜେପି ବିଷୟରେ କୁହାଯାଏ ଯେ ବିଜେପି ଥରେ ଯଦି କୌଣସି ରାଜ୍ୟର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିଦିଏ, ତାହାକୁ କେବେ ହରାଇବ ନାହିଁ। ଆଜି, ବିଜେପିର ପ୍ରାଧାନ୍ୟ ପଶ୍ଚିମରେ ମହାରାଷ୍ଟ୍ର ଓ ଗୁଜରାଟରୁ ଆରମ୍ଭ ହୋଇ ଉତ୍ତର ଭାରତର ସମତଳ ଅଞ୍ଚଳ ଦେଇ ପୂର୍ବରେ ପଶ୍ଚିମବଙ୍ଗ ଓ ଆସାମ ପର୍ଯ୍ୟନ୍ତ ଯାହାକି ଦେଶର ଚରମ ଉତ୍ତର-ପୂର୍ବ ଧାର ପର୍ଯ୍ୟନ୍ତ ବିସ୍ତାରିତ। ଯେଉଁଠାରେ ଏହା ସ୍ଥାନୀୟ ଦଳମାନଙ୍କ ସହିତ ମେଣ୍ଟ ସରକାରରେ କ୍ଷମତାରେ ଅଛି। ଏହା ଦକ୍ଷିଣ ରାଜ୍ୟଗୁଡ଼ିକୁ ଜିତିବା ପାଇଁ ନିଜର ସମ୍ପୂର୍ଣ୍ଣ ଶକ୍ତି କେନ୍ଦ୍ରିତ କରିବାର ସ୍ୱାଧୀନତା ଦିଏ। ଏହି ପାଞ୍ଚଟି ରାଜ୍ୟ ମଧ୍ୟରୁ ତିନୋଟି (କେରଳ, ତେଲେଙ୍ଗାନା ଓ କର୍ଣ୍ଣାଟକ)ରେ, ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେଉଛି କଂଗ୍ରେସ। ଯାହା ଉତ୍ତର ଭାରତରେ "ଭଗରିଆ ଲହର"କୁ ରୋକିବାରେ ମୁଖ୍ୟତଃ ବିଫଳ ହୋଇଛି। ପଶ୍ଚିମବଙ୍ଗରେ "ଭଗରିଆ ଲହର" ଏହି ସତ୍ୟକୁ ସ୍ପଷ୍ଟ କରେ ଯେ ଭାରତ ପରିବର୍ତ୍ତନ ହେଉଛି। ଏଠାରେ ସାମାଜିକ-ସାଂସ୍କୃତିକ-ରାଜନୈତିକ ଦୃଶ୍ୟପଟର ଏକ ସମତଳୀକରଣ ଘଟୁଛି, ଯାହା ବିଜେପିର ହିନ୍ଦୁତ୍ୱ ରାଜନୀତିକୁ ମଜବୁତ କରୁଛି।

ପ୍ରତ୍ୟେକ ଗଣତନ୍ତ୍ରର ବିକାଶ ଓ ଶକ୍ତିଶାଳୀ ହେବା ପାଇଁ ଏକ ବିରୋଧୀ ଦଳ ଆବଶ୍ୟକ। ବଜାରର ଅଭିବୃଦ୍ଧି ଓ ଏକ ସମନ୍ୱିତ ଜନ ସଂସ୍କୃତିର ପ୍ରସାରରୁ ଉଭା ହେଉଥିବା ନୂତନ ଭାରତ ପାଇଁ ହୁଏତ ପାରମ୍ପରିକ ଦଳଗୁଡ଼ିକଠାରୁ ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ବିରୋଧ ଆବଶ୍ୟକ। ବିଦ୍ୟମାନ ବିରୋଧୀ ଦଳଗୁଡ଼ିକ ବିଜେପିର ଶକ୍ତିଶାଳୀ ନିର୍ବାଚନ କୌଶଳ ଆଗରେ ତାସର ପ୍ୟାକେଟ ପରି ଭାଙ୍ଗି ପଡୁଥିବା ପରି ମନେ ହେଉଛି..!!!

**ତାରା ନିଳୟ, ପ୍ଲଟ:୮୫୪/ଏ, ଲକ୍ଷ୍ମୀନାରାୟଣ ବିହାର,**
**ମୁକୁନ୍ଦ ପ୍ରସାଦ , ଖୋର୍ଦ୍ଧା:୫୫, ମୋବାଇଲ୍:୯୦୪୦ ୧୫୧୪୭୫**

# ଅଲୋଡ଼ା ଅଭିମନ୍ୟୁ: ସିସିଟିଭି ଯୁଗରେ ସିକ୍ୟୁରିଟି ଗାର୍ଡ

**ଅଖିଳ ତରାଇ**



ଆଧୁନିକ ସଭ୍ୟତାର ଚକ୍ର ଯେତେବେଳେ ରାତିର ଶେଷ ପ୍ରହରରେ ସ୍ଥିର ହୋଇଯାଏ, ସହରର କୋଳାହଳ ଶାନ୍ତ ପଡ଼ିଯାଏ, ସେତେବେଳେ କେଉଁଠି ଏକ ଆପାର୍ଟମେଣ୍ଟର ଗେଟ୍ ପାଖରେ ତ ପୁଣି କେଉଁଠି ଏଟିଏମ୍ କିମ୍ବା ଶିଳ୍ପାନୁଷ୍ଠାନର ବାରଣ୍ଡାରେ ଏକ ନିର୍ଜୀବ ଖମ୍ବ ପରି ଜଣେ ବ୍ୟକ୍ତି ଠିଆ ହୋଇଥାଏ। ସେ ହେଉଛନ୍ତି 'ସୁରକ୍ଷା କର୍ମୀ'। ଆମେ ଯେତେବେଳେ ଶାନ୍ତିରେ ନିଦ୍ରା ଯାଉ, ସେତେବେଳେ କେହି ଜଣେ ନିଜ ନିଦକୁ ବଳି ଦେଇ ଆମ ସୁରକ୍ଷାରେ ନିୟୋଜିତ ଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ, ଯେଉଁମାନେ ସମାଜକୁ ସୁରକ୍ଷା ଦିଅନ୍ତି, ସେମାନଙ୍କ ନିଜ ଜୀବନ ଆଜି ସବୁଠାରୁ ଅସୁରକ୍ଷିତ।

ଜଣେ ସୁରକ୍ଷା କର୍ମୀଙ୍କ ଦିନଚର୍ଯ୍ୟା ସୂର୍ଯ୍ୟୋଦୟରୁ ନୁହେଁ, ବରଂ କର୍ତ୍ତବ୍ୟର ଆହ୍ୱାନରୁ ଆରମ୍ଭ ହୁଏ। ସେମାନଙ୍କ ପାଇଁ ଶନିବାର କିମ୍ବା ରବିବାରର କୌଣସି ବିଶେଷ ମହତ୍ତ୍ୱ ନଥାଏ। କେଉଁଠି ଆଠ ରୁ ଦଶ ଘଣ୍ଟା ତ କେଉଁଠି ବାରରୁ ଚଉଦ ଘଣ୍ଟାର ଡ୍ୟୁଟି, କଠୋର ଅନୁଶାସନ ଏବଂ ସବୁବେଳେ ସତର୍କ ରହିବାର ମାନସିକ ଚାପ ସେମାନଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ଗ୍ରୀଷ୍ମର ପ୍ରକୋପ ହେଉ ବା ଶୀତର ପ୍ରକମ୍ପିତ ରାତି, ଅବା ବର୍ଷାର ଅବିଶ୍ରାନ୍ତ ଧାରା— ପାଣିପାଗର କୌଣସି ପରିବର୍ତ୍ତନ ସେମାନଙ୍କ କର୍ତ୍ତବ୍ୟ ପଥରେ ପ୍ରତିବନ୍ଧକ ସାଜିପାରେ ନାହିଁ। ଅନେକ ସମୟରେ ରାତି ଡ୍ୟୁଟି କରୁଥିବା ଗାର୍ଡମାନେ ସକାଳ ପର୍ଯ୍ୟନ୍ତ ନିଜ ଆଖିରୁ ନିଦ ହଜାଇ ଦିଅନ୍ତି, କେବଳ ସେହି ଭରସାରେ ଯେ ସେମାନଙ୍କ ଉପରେ ନ୍ୟସ୍ତ ଥିବା ଦାୟିତ୍ୱରେ ଯେପରି କୌଣସି ତ୍ରୁଟି ନହୁଏ। ମାତ୍ର ଏହି କଠିନ ପରିଶ୍ରମ ବଦଳରେ ସେମାନଙ୍କୁ ମିଳୁଥିବା ପାରିଶ୍ରମିକ ଅତ୍ୟନ୍ତ ନଗଣ୍ୟ। ଅନେକ ସମୟରେ ସର୍ବନିମ୍ନ ମଜୁରୀଠାରୁ ମଧ୍ୟ କମ୍ ଅର୍ଥରେ ସେମାନଙ୍କୁ ଖଟାଯାଏ। ସହରର ବଢୁଥିବା ମହଙ୍ଗା ମାଡ଼ରେ ନିଜ ପରିବାରର ପେଟ ପୋଷିବା ପାଇଁ ସେମାନଙ୍କୁ ଅହୋରାତ୍ର ସଂଘର୍ଷ କରିବାକୁ ପଡେ। କେହି କେହି ତ ଏତେ ଗରିବ ଯେ, ଗୋଟିଏ ଛୋଟ ରୁମରେ ୫-୬ ଜଣ ମିଶି ରହନ୍ତି ଏବଂ ପାଳି କରି ଶୁଅନ୍ତି।

ଆମ ସମାଜରେ ସୁରକ୍ଷା କର୍ମୀଙ୍କୁ ଦେଖିବାର ଦୃଷ୍ଟିକୋଣ ଅତ୍ୟନ୍ତ ଦୁଃଖଦାୟକ। ଆମେ ସେମାନଙ୍କୁ ଏକ 'ମେସିନ' ଭାବେ ଗ୍ରହଣ କରିଥାଉ। ଅନେକ ସମୟରେ ଆପାର୍ଟମେଣ୍ଟ ବା ଅଫିସକୁ ପ୍ରବେଶ କଲାବେଳେ ସେମାନଙ୍କୁ ଅତି ଅସମ୍ମାନଜନକ ଭାବେ ବ୍ୟବହାର କରାଯାଏ। ଜଣେ ସିକ୍ୟୁରିଟି ଗାର୍ଡ ଯଦି କାହାକୁ ନିୟମ ଅନୁସାରେ ପରିଚୟ ପତ୍ର ମାଗେ, ତେବେ ଲୋକେ ତାଙ୍କ ଉପରେ ବିରକ୍ତ ହୁଅନ୍ତି। ଜଣେ ସିକ୍ୟୁରିଟି ଗାର୍ଡ ମଧ୍ୟ ଜଣେ ମଣିଷ, ତାଙ୍କର ମଧ୍ୟ ଆବେଗ ଅଛି ଏବଂ ସମ୍ମାନ ପାଇବାର ଅଧିକାର ଅଛି— ଏକଥା ଆମେ ପ୍ରାୟତଃ ଭୁଲିଯାଉ। ସେମାନେ କେବଳ ଗେଟ୍ ଖୋଲିବା ବା ବନ୍ଦ କରିବା ପାଇଁ ନାହାନ୍ତି ବରଂ ସେମାନେ ଆମ ସମ୍ପତ୍ତି ଓ ଜୀବନର ପ୍ରଥମ ପ୍ରତିରକ୍ଷା ପଂକ୍ତି। ସେମାନଙ୍କୁ ଦିଆଯାଉଥିବା 'ଗାର୍ଡ' ସମ୍ବୋଧନରେ କେବେ କେବେ ଏତେ ଉପହାସ ଥାଏ ଯେ, ତାହା ସେମାନଙ୍କୁ ମାନସିକ ସ୍ତରରେ ବହୁତ କଷ୍ଟ ଦିଏ।

ସୁରକ୍ଷା କର୍ମୀଙ୍କ ଜୀବନରେ ସ୍ୱାସ୍ଥ୍ୟ ସମସ୍ୟା ଏକ ବଡ଼ ଚ୍ୟାଲେଞ୍ଜ। ଅନିଦ୍ରା ରହିବା ଏବଂ ଅପର୍ଯ୍ୟାପ୍ତ ଖାଦ୍ୟ ଯୋଗୁଁ ସେମାନେ ରକ୍ତଚାପ, ମଧୁମେହ, ଗ୍ୟାଷ୍ଟ୍ରିକ ଏବଂ ମାନସିକ ଅବସାଦ ଭଳି ରୋଗର ଶିକାର ହୁଅନ୍ତି। ଦୀର୍ଘ ସମୟ ଧରି ଠିଆ ହୋଇ ରହିବା ଦ୍ୱାରା ସେମାନଙ୍କ ଗୋଡ଼ ଓ ଅଣ୍ଟାରେ ଯନ୍ତ୍ରଣା ସ୍ଥାୟୀ ରୂପ ନେଇଥାଏ। ପାର୍ବଣ ହେଉ ବା ପରିବାରର କୌଣସି ଉତ୍ସବ, ସେମାନଙ୍କୁ ପ୍ରାୟତଃ ଛୁଟି ମିଳେନାହିଁ। ଯେତେବେଳେ ସାରା ବିଶ୍ୱ ନିଜ ପରିବାର ସହ ରଥଯାତ୍ରା, ଦଶହରା କିମ୍ବା ଦୀପାବଳି ପାଳନ କରେ, ସେତେବେଳେ ସୁରକ୍ଷା କର୍ମୀ ଜଣକ ନିଜ ପରିବାରଠାରୁ ଶହ ଶହ କିଲୋମିଟର ଦୂରରେ ରହି ଅନ୍ୟର ଖୁସିକୁ ସୁରକ୍ଷିତ ରଖିବାରେ ବ୍ୟସ୍ତ ଥାଏ। ଭିଡିଓ କଲ୍ ମାଧ୍ୟମରେ ନିଜ ପିଲାମାନଙ୍କ ସହ କଥା ହୋଇ ସେମାନେ ନିଜ ମନକୁ ବୁଝାଇ ଦିଅନ୍ତି। ଏହି ନିଃସଙ୍ଗତା ସେମାନଙ୍କୁ ଭିତରୁ ଭାଙ୍ଗି ଦିଏ, ମାତ୍ର ପିନ୍ଧିଥିବା ୟୁନିଫର୍ମର ମର୍ଯ୍ୟାଦା ରଖିବାକୁ ଯାଇ ସେମାନେ ସବୁ କଷ୍ଟକୁ ଚାପି ରଖନ୍ତି।

ଆଜିର ଯୁଗରେ ସିସିଟିଭି , ବାୟୋମେଟ୍ରିକ ଲକ୍ ଏବଂ ଅତ୍ୟାଧୁନିକ ଆଲାର୍ମ ସିଷ୍ଟମ ଆସିଯାଇଛି। ଅନେକ ଭାବନ୍ତି ଯେ ଏହାଦ୍ୱାରା ସିକ୍ୟୁରିଟି ଗାର୍ଡଙ୍କ ଆବଶ୍ୟକତା କମିଯିବ। ମାତ୍ର ପ୍ରଯୁକ୍ତିବିଦ୍ୟା କେବେ ହେଲେ ଜଣେ ମଣିଷର ଉପସ୍ଥିତ ବୁଦ୍ଧିର ବିକଳ୍ପ ହୋଇପାରିବ ନାହିଁ। କୌଣସି ଜରୁରୀକାଳୀନ ପରିସ୍ଥିତି ଯଥା ଅଗ୍ନିକାଣ୍ଡ କିମ୍ବା କୌଣସି ଅପ୍ରୀତିକର ପରିସ୍ଥିତିରେ ଜଣେ ସୁରକ୍ଷା କର୍ମୀ ହିଁ ତତକ୍ଷଣାତ ନିଷ୍ପତ୍ତି ନେଇ ଧନଜୀବନ ରକ୍ଷା କରିଥାନ୍ତି। ତଥାପି, ଅଧିକାଂଶ ସଂସ୍ଥା ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଗାର୍ଡଙ୍କ ସଂଖ୍ୟା କମାଇବାକୁ ଚେଷ୍ଟା କରୁଛନ୍ତି, ଯାହା ସେମାନଙ୍କ ଜୀବିକା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରୁଛି।

ଆଜିର ସମୟରେ ବେସରକାରୀ ସୁରକ୍ଷା ସଂସ୍ଥାଗୁଡ଼ିକର ଏକ ବିରାଟ ବଜାର ତିଆରି ହୋଇଛି। ମାତ୍ର ସେମାନଙ୍କ ମଧ୍ୟରୁ ଅନେକ ସଂସ୍ଥା କର୍ମଚାରୀଙ୍କୁ ନିର୍ଦ୍ଦୟ ଭାବେ ଶୋଷଣ କରୁଛନ୍ତି। ପି.ଏଫ୍ , ଇ.ଏସ. ଆଇ କିମ୍ବା ବୀମା ଭଳି ସୁବିଧା ଅନେକ ସ୍ଥାନରେ କେବଳ କାଗଜପତ୍ରରେ ସୀମିତ। କୌଣସି ଦୁର୍ଘଟଣା ଘଟିଲେ ବା କର୍ତ୍ତବ୍ୟରତ ଅବସ୍ଥାରେ ପ୍ରାଣହାନି ହେଲେ, ସୁରକ୍ଷା କର୍ମୀଙ୍କ ପରିବାର ସମ୍ପୂର୍ଣ୍ଣ ସହାୟଶୂନ୍ୟ ହୋଇଯାନ୍ତି। ଏହି କ୍ଷେତ୍ରରେ ସରକାରୀ ସ୍ତରରେ କଠୋର ନିୟମାବଳୀ ପ୍ରଣୟନ ହେବା ଜରୁରୀ। ସେମାନଙ୍କ ପାଇଁ ସ୍ୱତନ୍ତ୍ର କଲ୍ୟାଣ ପାଣ୍ଠି ଗଠନ ହେବା ଆବଶ୍ୟକ, ଯାହାଦ୍ୱାରା ସେମାନଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା ମିଳିପାରିବ।

ଜଣେ ସୁରକ୍ଷା କର୍ମୀ ହେଉଛନ୍ତି ସମାଜର ମୌନ ସୈନିକ। ସେମାନଙ୍କ ୟୁନିଫର୍ମର ରଙ୍ଗ ଭିନ୍ନ ହୋଇପାରେ କିନ୍ତୁ ସେମାନଙ୍କ ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା କୌଣସି ଗୁଣରେ କମ୍ ନୁହେଁ। ଆମର ଦାୟିତ୍ୱ ହେଉଛି ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବା। ରାତିରେ ଘରକୁ ଫେରିଲା ବେଳେ ଗେଟ୍ ପାଖରେ ଥିବା ସେହି ବ୍ୟକ୍ତିଜଣଙ୍କୁ ଗୋଟିଏ "ଧନ୍ୟବାଦ" କିମ୍ବା "କେମିତି ଅଛନ୍ତି" ପଚାରିଦେଲେ, ତାଙ୍କର ଦିନଯାକର କ୍ଳାନ୍ତି ଦୂର ହୋଇଯାଏ। ମନେରଖିବାକୁ ହେବ ଯେ, ଯେଉଁ ସମାଜ ନିଜର ପ୍ରହରୀଙ୍କୁ ସମ୍ମାନ ଦେଇପାରେ ନାହିଁ, ସେହି ସମାଜର ନୈତିକ ଭିତ୍ତିଭୂମି ଦୁର୍ବଳ। ସୁରକ୍ଷା କର୍ମୀଙ୍କ ଏହି ଅଦୃଶ୍ୟ ସଂଘର୍ଷକୁ ସମ୍ମାନ ଜଣାଇବା ଏବଂ ସେମାନଙ୍କୁ ସମାଜର ଏକ ସମ୍ମାନଜନକ ଅଙ୍ଗ ଭାବେ ଗ୍ରହଣ କରିବା।

**ଗଞ୍ଜାମ, ମୋବାଇଲ୍:୭୮୭୦୦୧୦୦୧**

# ଆମେ ନିର୍ବାଚନ ହାରିନୁ, ଇସ୍ତଫା ଦେବିନି




## ମମତାଙ୍କ ପ୍ରଥମ ସାମ୍ବାଦିକ ସମ୍ମିଳନୀ
## ପଶ୍ଚିମବଙ୍ଗରେ ରାଜନୈତିକ ସଂକଟ

କୋଲକାତା, ୫।୫: ତୃଣମୂଳ କଂଗ୍ରେସ ନିର୍ବାଚନରେ ହାରିନାହିଁ। ନୈତିକ ଭାବରେ ଆମେ ନିର୍ବାଚନରେ ଜିତିଛୁ। ତେଣୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାର ପ୍ରଶ୍ନ ଉଠୁନାହିଁ ବୋଲି ସ୍ପଷ୍ଟ କରି ଦେଇଛନ୍ତି ପଶ୍ଚିମବଙ୍ଗର ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ନିର୍ବାଚନ ଫଳାଫଳ ଘୋଷିତ ହେବାର ଦିନକପରେ ମଙ୍ଗଳବାର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ତୃଣମୂଳ ସୁପ୍ରିମୋ ଏହା କହିଛନ୍ତି। ସୋମବାର ପଶ୍ଚିମବଙ୍ଗ ବିଧାନସଭାର ୨୯୩ ଆସନ ପାଇଁ ଫଳାଫଳ ଘୋଷିତ ହୋଇଛି। ବିଜେପି ନେତୃତ୍ୱାଧୀନ ଏନଡିଏ ପଶ୍ଚିମବଙ୍ଗରେ କ୍ଲିନ୍ ସୁଇପ୍ କରିଥିବା ବେଳେ ଦୀର୍ଘ ପନ୍ଦର ବର୍ଷ ଧରି ଶାସନ ଡୋର ଧରିଥିବା ମମତାଙ୍କ ଦୁର୍ଗ ପତନ ହୋଇଛି। ୨୯୩ ଆସନ ବିଶିଷ୍ଟ ବିଧାନସଭା ଗୃହରେ ବିଜେପି ୨୦୬ଟି ଆସନ ଅକ୍ତିଆର କରି ମ୍ୟାଜିକ ଅଙ୍କ ଅତିକ୍ରମ କରିଛି ଏବଂ ବସ୍ତୁତଃ ପଶ୍ଚିମବଙ୍ଗରେ ପରବର୍ତ୍ତୀ ସରକାର ଗଠନ କରିବାକୁ ଦାବିଦାର ହୋଇଛି। ମାତ୍ର ମମତା ଏହାକୁ ସ୍ୱୀକାର କରି ନାହାନ୍ତି। ନିର୍ବାଚନ ଫଳାଫଳ ପରେ ନିଜର ପ୍ରଥମ ଖବରଦାତା ସମ୍ମିଳନୀରେ ମମତା କେନ୍ଦ୍ର ସରକାରଙ୍କ ବିରୋଧରେ ଯୁଦ୍ଧଂଦେହି ଡାକରା ଦେଇଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, ସେ ଇସ୍ତଫା ଦେବେ ନାହିଁ ଏବଂ ତାଙ୍କୁ ଷଡ଼ଯନ୍ତ୍ର କରି ହରାଇ ଦିଆଯାଇଛି। ମମତା ବାନାର୍ଜୀ ନିର୍ବାଚନ କମିଶନ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ କମିଶନ ବିକ୍ରି ହୋଇଯାଇଛନ୍ତି। ଅଧିକାରୀମାନେ ଏକପାଖିଆ କାମ କରିଛନ୍ତି। ଇଭିଏମ୍ ମେସିନରେ ଗଣତି ପରେ ମଧ୍ୟ ୯୦ରୁ୯୫% ଚାର୍ଜ ରହିବା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗଣତି କେନ୍ଦ୍ରରେ ତାଙ୍କ ଏଜେଣ୍ଟମାନଙ୍କୁ ମାଡ଼ ମରାଯାଇ ବାହାର କରିଦିଆଯାଇଛି। ସିଆରପିଏଫ ଯବାନ ଏବଂ ବାହାର ଗୁଣ୍ଡାଙ୍କ ସହାୟତାରେ ଭାଜପା ପ୍ରାର୍ଥୀ ଜବରଦସ୍ତି ଫର୍ମ ଛଡ଼ାଇ ନେଇଛନ୍ତି। କେବଳ ସେତିକି ନୁହେଁ ସେ ନିଜେ ଗଣତି କେନ୍ଦ୍ରକୁ ଯିବା ସମୟରେ ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ମମତା ଦାବି କରିଛନ୍ତି।

ମମତା କହିଛନ୍ତି, ଆମେ ହାରିନାହୁଁ, ଆମେ ପରାଜିତ ହୋଇଛୁ। ମୁଁ ଇସ୍ତଫା ଦେବାକୁ ପ୍ରସ୍ତୁତ। ଆମର କାମ ସରିନାହିଁ। ମୁଁ ନିର୍ବାଚନ କମିଶନକୁ ମୁଖ୍ୟ ଖଳନାୟକ ବୋଲି କହିବି। ଭାଜପା ନିର୍ବାଚନ କମିଶନକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିଥିଲା। ଏସଆଇଆର ବାହାନାରେ ଲକ୍ଷ ଲକ୍ଷ ନାମ ହଟାଇ ଦିଆଯାଇଛି। ସେମାନେ ଏବେ ଆମ ଲୋକଙ୍କୁ ନିର୍ଯାତନା ଦେବା ଆରମ୍ଭ କରିଦେଇଛନ୍ତି। ସେମାନେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିଙ୍କୁ ମଧ୍ୟ ଛାଡି ନାହାଁନ୍ତି। ବିଜେପି ତା'ର ଗୁଣ୍ଡାମାନଙ୍କୁ ଲଗାଇ ଆକ୍ରମଣ କରୁଛି। ପୋଲିସ ମଧ୍ୟ ନିରବ ରହିଛି। ଗତ କିଛି ଦିନ ଧରି, ଭାଜପା ଲୋକମାନେ ଅତ୍ୟାଚାର କରୁଛନ୍ତି, ସିଆରପିଏଫ ସୈନିକମାନେ ଅତ୍ୟାଚାର କରୁଛନ୍ତି।

ମମତା ବାନାର୍ଜୀ କହିଛନ୍ତି, ମୋ ସହିତ ଯେପରି ବ୍ୟବହାର କରାଯାଇଥିଲା, ମୋତେ ଯେପରି ଅପମାନିତ କରାଯାଇଥିଲା, ମୁଁ କଳ୍ପନା କରିପାରୁନାହିଁ ଯେ ଅନ୍ୟମାନଙ୍କ ସହିତ କିପରି ଏହି ବ୍ୟବହାର କରାଯାଉଛି। ବିହାର ଏବଂ ଅନ୍ୟାନ୍ୟ ରାଜ୍ୟରେ ସେମାନେ ଏହିପରି ଜିତିଥିଲେ। ଆମେ ବାଘ ପରି ଲଢ଼ିଥି ଲୁ ଏବଂ ଲଢ଼ିବା ଜାରି ରଖିବୁ। ତୁମେ ଆମକୁ ଏବଂ ଆମର ଦଳୀୟ କର୍ମୀମାନଙ୍କୁ ନିର୍ଯାତନା ଦେଇପାରିବ ନାହିଁ। ଗଣନା କେନ୍ଦ୍ରକୁ ମଧ୍ୟ ଅପହରଣ କରାଯାଇଥିଲା। ଏହି ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିବା ଉଚିତ। ସମସ୍ତେ ସେମାନଙ୍କର ଅତ୍ୟାଚାର ବିଷୟରେ ଜାଣିବା ଉଚିତ ତୃଣମୂଳ ସୁପ୍ରିମୋ କହିଛନ୍ତି।

### ଲାଗୁ ହୋଇପାରେ ରାଷ୍ଟ୍ରପତି ଶାସନ

ପନ୍ଦର ବର୍ଷର ଶାସନରେ ରହିଥିବା ମମତା ନିଜର ତଥା ନିଜ ଦଳର ପରାଜୟକୁ ସ୍ୱୀକାର କରି ନପାରିବା ଏବଂ ଫଳାଫଳ ଘୋଷିତ ହେବା ପରେ ତାଙ୍କର ପ୍ରତିକ୍ରିୟା ଦେଶର ରାଜନୈତିକ ସମୀକ୍ଷକଙ୍କୁ ଚିନ୍ତାରେ ପକାଇଦେଇଛି। ମମତାଙ୍କ ଜିଦ୍ ଯେପରି ଉଗ୍ର ହୋଇଛି, ରାଜ୍ୟରେ ଅରାଜକତା ସୃଷ୍ଟିହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଆଉ ଯଦି ସେମିତି ହୁଏ ତା'ହେଲେ ଚରମ ବିକଳ୍ପ ଭାବରେ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଜାରି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ବୋଲି ରାଜନୀତି ସମୀକ୍ଷକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

### କ'ଣ କରିବେ ରାଜ୍ୟପାଳ ?

ମମତାଙ୍କ ପ୍ରେସ୍ ବିବୃତ୍ତି ପରେ ପଶ୍ଚିମବଙ୍ଗରେ ଏବେ ଏକ ନୂଆ ରାଜନୈତିକ ସଙ୍କଟ ଦେଖାଦେଇଛି। ସାଧାରଣତଃ ନିର୍ବାଚନ ହାରିବା ପରେ ମୁଖ୍ୟମନ୍ତ୍ରୀ ରାଜଭବନ ଯାଇ ଇସ୍ତଫା ପ୍ରଦାନ କରନ୍ତି। ଏହାପରେ ନୂଆ ସରକାର ଗଠନ ପାଇଁ ପଥ ପରିଷ୍କାର ହୁଏ। କିନ୍ତୁ ମମତା ଇସ୍ତଫା ନ ଦେବାକୁ ଜିଦ ଧରିଥିବାରୁ ଏହା ଏକ ସାମ୍ବିଧାନିକ ଜଟିଳତା ସୃଷ୍ଟି କରିଛି। ଯଦି ମମତା ବାନାର୍ଜୀ ଇସ୍ତଫା ନଦିଅନ୍ତି, ତେବେ ସମ୍ବିଧାନ ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ଥିବା ବିକଳ୍ପ ବିଷୟରେ ଚିନ୍ତା କରାଯିବା ଭଳି ପରିସ୍ଥିତି ସୃଷ୍ଟିହେବ। ସମ୍ବିଧାନର ଧାରା ୧୬୪ ଅନୁଯାୟୀ, ଆଗ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ ହୁଅନ୍ତି। ପରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶରେ ରାଜ୍ୟପାଳ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରନ୍ତି। ଅର୍ଥାତ୍ ଏହି ଧାରା ସ୍ପଷ୍ଟ କରେ ଯେ, ମୁଖ୍ୟମନ୍ତ୍ରୀ ଏବଂ ତାଙ୍କର ମନ୍ତ୍ରୀମାନେ କେବଳ ରାଜ୍ୟପାଳଙ୍କ ଚାହିଁବା ପର୍ଯ୍ୟନ୍ତ ପଦବୀରେ ଥାଆନ୍ତି। ମନ୍ତ୍ରୀ ପରିଷଦ ବିଧାନସଭା ନିକଟରେ ଉତ୍ତରଦାୟୀ। ଯଦି କୌଣସି ମୁଖ୍ୟମନ୍ତ୍ରୀ ନିର୍ବାଚନରେ ହାରିଯାଆନ୍ତି କିମ୍ବା ତାଙ୍କ ଦଳ ବହୁମତ ହରାଇଦିଏ, ତେବେ ସେମାନଙ୍କର ଆଉ କ୍ଷମତାରେ ରହିବାର ନୈତିକ କିମ୍ବା ଆଇନଗତ ଅଧିକାର ନାହିଁ। ପରାଜୟ ସତ୍ତ୍ୱେ ଯଦି ଜଣେ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେବାକୁ ମନା କରନ୍ତି ତା'ହେଲେ ରାଜ୍ୟପାଳ ଏପରି କ୍ଷେତ୍ରରେ ସମ୍ବିଧାନର ଧାରା ୧୬୩ ଅନୁଯାୟୀ ତାଙ୍କର ଇଚ୍ଛାଧୀନ କ୍ଷମତା (ଡିସ୍କ୍ରିସନାରି ପାୱାର)ର ପୂର୍ଣ୍ଣ ଉପଯୋଗ କରିପାରିବେ। ଏହି କ୍ଷମତା ଅନୁଯାୟୀ ରାଜ୍ୟପାଳ ସଂଖ୍ୟାଗରିଷ୍ଠତା ହରାଇଥିବା ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପଦରୁ ବହିଷ୍କାର କରିପାରିବେ। ନହେଲେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଇ ତାଙ୍କୁ ବହୁମତ ସାବ୍ୟସ୍ତ କରିବାକୁ ନିର୍ଦ୍ଦେଶ ଦେବେ। ତୃଣମୂଳ ସୁପ୍ରିମୋଙ୍କର ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀ ପରେ ପଶ୍ଚିମବଙ୍ଗରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି, ଯଦି ରାଜ୍ୟପାଳ ମମତାଙ୍କୁ ବହିଷ୍କାର ନକରି ବହୁମତ ସାବ୍ୟସ୍ତ କରିବାକୁ କହନ୍ତି ତା'ହେଲେ ବି ମମତାଙ୍କ ବିଶେଷ କିଛି ଲାଭ ହେବନାହିଁ। କାରଣ ବିଜେପି ନିକଟରେ ୨୦୬ଟି ଆସନ ଥିବା ବେଳେ ତୃଣମୂଳ ହାତରେ ରହିଛି ମାତ୍ର ୮୧ଟି ଆସନ। ତେଣୁ ମମତା ବହୁମତ ପ୍ରମାଣ କରିବାରେ ବିଫଳ ହେବା ନିଶ୍ଚିତ।

## ସାବରୀମାଳା ମାମଲା
## ଆବେଦନକାରୀଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୫।୫: ସାବରୀମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆବେଦନ କରିଥିବା ୟଙ୍ଗ ଲୟର୍ସ ଆସୋସିଏସନ୍‌କୁ କଡ଼ା ଭର୍ତ୍ସନା କରିଛନ୍ତି। ଜନସ୍ୱାର୍ଥ ମାମଲା ଏବେ ବ୍ୟକ୍ତିଗତ ସ୍ୱାର୍ଥ, ଆର୍ଥିକ ସ୍ୱାର୍ଥ ଏବଂ ରାଜନୈତିକ ସ୍ୱାର୍ଥ ମାମଲା ପାଲଟିଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହିତ କୋର୍ଟ ଆବେଦନକାରୀଙ୍କୁ 'ଆପଣଙ୍କର ଆଉ କିଛି କାମ ନାହିଁ କି' ବୋଲି ପଚାରିଛନ୍ତି। ଉଲ୍ଲେଖନୀୟ ଯେ, କେରଳର ସାବରୀମାଳା ବିବାଦରେ ଦୀର୍ଘ ସମୟ ଧରି ୧୦ ରୁ ୫୦ ବର୍ଷର ମହିଳାଙ୍କ ପ୍ରବେଶ ଉପରେ ରୋକ୍ ରହିଥିଲା। ଏହି ପରମ୍ପରା ଭଗବାନ ଆୟାପ୍ପାଙ୍କୁ ନୈଷ୍ଠିକ ବ୍ରହ୍ମଚାରୀ ମାନିବା ଉପରେ ରହିଛି। ଏହି ପ୍ରଥାକୁ ଚ୍ୟାଲେଞ୍ଜ ଦେଇ ୨୦୦୬ ରେ ଇଣ୍ଡିଆନ୍ ୟଙ୍ଗ ଲୟାର୍ସ ଆସୋସିଏସନ୍ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଥିଲେ। ଏହି ମାମଲାରେ ସାବରୀମାଳା ମନ୍ଦିରର ପ୍ରବେଶ ସମ୍ପର୍କିତ ନିଷ୍ପତ୍ତି ୨୦୧୮ ଅନୁସାରେ ୫ ବିଚାରପତିଙ୍କ ସମ୍ବିଧାନିକ ଖଣ୍ଡପୀଠ ସେପ୍ଟେମ୍ବର ୨୦୧୮ ରେ ୪: ୧ ବହୁମତରେ ରାୟ ଦେଇଥିଲେ। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ କଡ଼ା ଟିପ୍ପଣୀ ଦେଇ କହିଛନ୍ତି ଯେ, ଏପରି ଏକ ଦଲିଲକୁ ସିଧା ଡଷ୍ଟବିନ୍‌ରେ ଫିଙ୍ଗି ଦିଆଯିବା ଉଚିତ ଥିଲା।

## ଖୋଲିଲା ବନ୍ଦଥିବା ଦୁର୍ଗା ମନ୍ଦିର



କୋଲକାତା, ୫।୫: ବଙ୍ଗରେ ବିଜେପିର ବିଜୟ ପରେ ଆସାନସୋଲରେ ବର୍ଷ ବର୍ଷ ଧରି ବନ୍ଦଥିବା ଦୁର୍ଗାମନ୍ଦିର ଖୋଲିଛି। ଆସାନସୋଲର ଶ୍ରୀ ଶ୍ରୀ ଦୁର୍ଗାମାତା ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ପ୍ରସିଦ୍ଧ ଦୁର୍ଗା ମନ୍ଦିର ସ୍ଥାନୀୟ ବିବାଦ ଏବଂ ପ୍ରଶାସନିକ କଟକଣା ଯୋଗୁଁ ଦୀର୍ଘ ବର୍ଷ ଧରି ବନ୍ଦ ରହିଥିଲା। କେବଳ ଦୁର୍ଗାପୂଜା ନହେଲେ ଲକ୍ଷ୍ମୀ ପୂଜା ସମୟରେ ମନ୍ଦିର କବାଟ ଖୋଲୁଥିଲା। ସୋମବାର ବିଜେପିର ବିପୁଳ ବିଜୟ ପରେ ଏହି ମନ୍ଦିରରେ ପଡ଼ିଥିବା ତାଲାକୁ ଭାଙ୍ଗି ଦିଆଯିବା ସହ ମା'ଙ୍କ ଦର୍ଶନ ପାଇଁ ମନ୍ଦିର ଭିତରକୁ ଶ୍ରଦ୍ଧାଳୁଙ୍କୁ ପ୍ରବେଶ ଅଧିକାର ଦିଆଯାଇଛି। ଆସାନସୋଲ୍ ଉତ୍ତରର ନବନିର୍ବାଚିତ ବିଜେପି ବିଧାୟକ କୃଷ୍ଣେନ୍ଦୁ ମୁଖାର୍ଜୀ ନିର୍ବାଚନ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ଯେ, ଯଦି ସେ ଜିତନ୍ତି ତେବେ ମନ୍ଦିରକୁ ସବୁଦିନ ପାଇଁ ଖୋଲାଯିବ। ନିର୍ବାଚନ ଜିତିବା ପରେ ମନ୍ଦିର ଖୋଲିବ ବୋଲି ଦେଇଥିବା ପ୍ରତିଶ୍ରୁତିକୁ କୃଷ୍ଣେନ୍ଦୁ ମୁଖାର୍ଜୀ ପାଳନ କରିଛନ୍ତି। ଜିତିବା ପରେ ନିଜେ ମନ୍ଦିରକୁ ଯାଇ କବାଟ ଖୋଲିବା ସହ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ।

## ଗୋଟିଏ ଭୋଟ୍‌ରେ ହାରିଲେ ମନ୍ତ୍ରୀ



ଚେନ୍ନାଇ,୫।୫: ଏକ ରୋମାଞ୍ଚକର ଘଟଣାକ୍ରମରେ ତାମିଲନାଡୁ ବିଧାନସଭା ନିର୍ବାଚନରେ ବରିଷ୍ଠ ଡିଏମକେ ନେତା ଏବଂ ସମବାୟ ମନ୍ତ୍ରୀ କେ.ଆର. ପେରିଆକାରୁପ୍ପନ ମାତ୍ର ଗୋଟିଏ ଭୋଟ ବ୍ୟବଧାନରେ ପରାଜିତ ହୋଇଛନ୍ତି। ପେରିଆକାରୁପ୍ପନ ୮୩,୩୭୪ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ଟିଭିକେ ପ୍ରାର୍ଥୀ ସିନିବାସ ସେତୁପତି ୮୩,୩୭୫ ଭୋଟ୍ ପାଇ ବିଜୟ ବାଜିମାରି ନେଇଛନ୍ତି। ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପେରିଆକାରୁପ୍ପାନ ୩୦ ଭୋଟରେ ଆଗୁଆ ଥିଲେ। କିନ୍ତୁ ଶେଷ ପର୍ଯ୍ୟାୟରେ ଗୋଟିଏ ଭୋଟ୍ ସମଗ୍ର ସମୀକରଣକୁ ବଦଳାଇ ଦେଇଥିଲା। ତାମିଲନାଡୁ ନିର୍ବାଚନରେ ଏହାକୁ ଏକସଙ୍ଗେ ଦୁର୍ଭାଗ୍ୟଜନକ ତଥା ରୋମାଞ୍ଚକର ଘଟଣା ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ପେରିଆକାରୁପ୍ପନଙ୍କୁ ଜଣେ ପ୍ରମୁଖ ଡିଏମକେ ନେତା ଭାବରେ ବିବେଚନା କରାଯାଏ। ସେ ୨୦୦୬ରୁ ଲଗାତାର ୪ ଥର ତିରୁପ୍ପଟୁରରୁ ବିଧାୟକ ନିର୍ବାଚିତ ହୋଇଥିଲେ। ୨୦୨୧ରେ କ୍ଷମତାକୁ ଆସିବା ପରେ, ତାଙ୍କୁ ଗ୍ରାମୀଣ ବିକାଶ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଥିଲା।

## ଅପରେସନ୍ ଥିଏଟରରୁ ମିଳିଲା ନଗଦ ଟଙ୍କା-ସୁନା

କୋଲକାତା, ୫।୫: ପଶ୍ଚିମବଙ୍ଗର ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଏକ ସରକାରୀ ହସ୍ପିଟାଲରୁ ବିପୁଳ ପରିମାଣର ନଗଦ ଟଙ୍କା ଏବଂ ସୁନା ଉଦ୍ଧାର କରାଯାଇଛି। ଟିଏମସି ଏଭଳି କାର୍ଯ୍ୟ କରିଛି ବୋଲି ବିଜେପି ଅଭିଯୋଗ କରିଛି। ମଙ୍ଗଳବାର ସକାଳେ ହସ୍ପିଟାଲ ଭିତରେ ଏକ ସନ୍ଦେହଜନକ ବ୍ୟାଗ ମିଳିଥିଲା। ବ୍ୟାଗ ଖୋଲିବା ପରେ ଭିତରେ ବିପୁଳ ପରିମାଣର ନଗଦ, ସୁନା ଅଳଙ୍କାର ଏବଂ ଜମି ସମ୍ବନ୍ଧୀୟ କାଗଜପତ୍ର ମିଳିଥିଲା। ହସ୍ପିଟାଲର ଅପରେସନ୍ ଥିଏଟର ଭଳି ଏକ ସମ୍ବେଦନଶୀଳ ଅଞ୍ଚଳରେ ଏତେ ପରିମାଣର ବେଆଇନ ସମ୍ପତ୍ତି ମିଳିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଏହି ଘଟଣା ପରେ ହସ୍ପିଟାଲ ପ୍ରଶାସନ ମଧ୍ୟ ପ୍ରଶ୍ନ ଘେରକୁ ଆସିଛି। ସୌକତ ମୋଲ୍ଲାଙ୍କ ନିକଟତର କୁହାଯାଉଥିବା ଟିଏମସି ପ୍ରତିନିଧି ହୁସେନ ଗାଜି ଏସବୁକୁ ହସ୍ପିଟାଲରେ ଲୁଚାଇ ରଖିଥିବା ବିଜେପି କହିଛି। ବିଜେପି କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିବା ଯୋଗୁଁ ହସ୍ପିଟାଲ ପରିସରରେ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା।

## ବିଜୟଙ୍କ ପାଇଁ ଲାଭଦାୟକ ଏଆଇଏଡିଏମକେ



ଚେନ୍ନାଇ, ୫।୫: ୨୦୨୬ ବିଧାନସଭା ନିର୍ବାଚନରେ ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ (ଟିଭିକେ)୨୩୪ ଆସନରୁ ୧୦୭ଟି ଆସନରେ ବିଜୟୀ ହୋଇଥିଲେ ମଧ୍ୟ ଦଳ ମ୍ୟାଜିକ୍ ଅଙ୍କ ଛୁଇଁପାରିନାହିଁ। ସରକାର ଗଠନ ପାଇଁ ଆହୁରି ୧୧ଟି ଆସନ ଦରକାର। ସରକାର ଗଠନ କରିବା ପାଇଁ ଟିଭିକେ ନିକଟରେ ଏବେ ଅତିକମ୍‌ରେ ତିନୋଟି ବିକଳ୍ପ ରହିଥିବା ରାଜନୈତିକ ବୁଦ୍ଧିଜୀବୀ ବିଚାର କରୁଛନ୍ତି। ପ୍ରଥମତଃ, ସ୍ୱାଧୀନ ପ୍ରାର୍ଥୀ ଏବଂ ଛୋଟ ଆଞ୍ଚଳିକ ଦଳରୁ ବାହ୍ୟ ସମର୍ଥନ ହାସଲ କରି ଟିଭିକେ ବହୁମତ ହାସଲ କରିପାରିବ। ରାଜ୍ୟରେ ସ୍ୱାଧୀନ ପ୍ରାର୍ଥୀ କିଛି ଆସନରେ ବିଜୟୀ କିମ୍ବା ଆଗୁଆ ଥିବାରୁ ବିଜୟଙ୍କ ଦଳ ଏହାର ମୂଳ ବିଚାରଧାରା ସହିତ ଅଧିକ ସାଲିସ ନକରି ଆବଶ୍ୟକ ସଂଖ୍ୟାକୁ ଏକାଠି କରି ସରକାର ଗଠନ କରିପାରିବ। ଦ୍ୱିତୀୟ ବିକଳ୍ପ ଭାବରେ ରହିଛି କଂଗ୍ରେସ ନେତୃତ୍ୱାଧୀନ ଏଆଇଏଡିଏମକେ ସହ ନିର୍ବାଚନ ପରବର୍ତ୍ତୀ ବୁଝାମଣା। ଏଆଇଏଡିଏମକେ କେବେ ବି ଚାହିଁବ ନାହିଁ ଯେ, ବିଜେପି ନେତୃତ୍ୱାଧୀନ ଡିଏମକେ ମେଣ୍ଟ ପୁଣିଥରେ କ୍ଷମତାର ଅଧିକାରୀ ହେଉ। ତେଣୁ ଏହା ଟିଭିକେକୁ ସମର୍ଥନ କରିବାର ଶତପ୍ରତିଶତ ସମ୍ଭାବନା ରହିଛି। ପୁଣି ଏଆଇଏଡିଏମକେର ବିଧାୟକ ତଥା ଦଳର ବରିଷ୍ଠ ନେତା କଦମ୍ବୁର ରାଜୁ ମଧ୍ୟ ଟିଭିକେ-ଏଆଇଏଡିଏମକେ ମେଣ୍ଟଆଡ଼କୁ ଈସାରା କରିଛନ୍ତି। ସେ କହିଛନ୍ତି ଯେ, ଟିଭିକେ ଓ ଏଆଇଏଡିଏମକେ ପୃଥକ ନିର୍ବାଚନ ଲଢ଼ିଥିଲେ ମଧ୍ୟ ଦୁଇଦଳର ଆଭିମୁଖ୍ୟ ଥିଲା ଗୋଟିଏ। ଆଉ ତାହା ହେଉଛି ତାମିଲନାଡୁର ଡିଏମକେକୁ କ୍ଷମତାଚ୍ୟୁତ କରିବା। ତେଣୁ ଏଆଇଏଡିଏମକେ ୫୩ଟି ଆସନ ରହିଥିବାବେଳେ ଏହା ସମର୍ଥନରେ ବିଜୟ ତାମିଲନାଡୁବାସୀଙ୍କୁ ଏକ ସ୍ଥାୟୀ ସରକାର ଦେବାରେ ସମର୍ଥ ହେବେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତବ୍ୟକ୍ତ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ପଦ ଦୌଡ଼ ଆଗରେ ଶୁଭେନ୍ଦୁ ଅଧିକାରୀ



କୋଲକାତା, ୫।୫: ପଶ୍ଚିମବଙ୍ଗରେ ଭୋଟ୍‌ଗଣତି ଓ ଫଳାଫଳ ପରବର୍ତ୍ତୀ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବା ବେଳେ ପଶ୍ଚିବଙ୍ଗର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାହାକୁ ନେଇ ଉତ୍କଣ୍ଠା ଲାଗି ରହିଛି। ୨୦୦ରୁ ଅଧିକ ଆସନରେ ବିଜୟୀ ହୋଇଥିବାରୁ ବିଜେପି ସରକାର ଗଠନ କରିବା ନିଶ୍ଚିତ ହୋଇଛି। ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ନାମ ମୁଖ୍ୟମନ୍ତ୍ରୀ ତାଲିକାର ସର୍ବାଗ୍ରେ ରହିଛି। ଶୁଭେନ୍ଦୁ ଏଥର ଦୁଇଟି ଆସନ ଯଥା ନନ୍ଦୀଗ୍ରାମ ଓ ଭବାନୀପୁର ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଭବାନୀପୁରରେ ସେ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନର୍ଜୀଙ୍କୁ ପରାସ୍ତ କରିଛନ୍ତି ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଏସବୁ ସତ୍ତ୍ୱେ କିଏ ମମତାଙ୍କ ପରବର୍ତ୍ତୀ ପ୍ରତିପକ୍ଷ ହେବେ ତଥା କିଏ ବଙ୍ଗରେ ଶାସନ ମଙ୍ଗ ଧରିବେ, ତାକୁ ନେଇ କଳ୍ପନାଜଳ୍ପନା ଜାରି ରହିଛି। ଅପରପକ୍ଷରେ, ପଶ୍ଚିମବଙ୍ଗରେ ଜନ୍ମ ହୋଇଥିବା, ବଢ଼ିଥିବା ଓ ବଙ୍ଗଳାରେ ପାଠ ପଢ଼ିଥିବା ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ବସାଯିବ ବୋଲି ପ୍ରଚାର ର୍‌ୟାଲିରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ। ପୁଣି ବିଜେପିର କେନ୍ଦ୍ରୀୟ ନେତୃବୃନ୍ଦ ପୂର୍ବରୁ ମଧ୍ୟପ୍ରଦେଶ, ରାଜସ୍ଥାନ, ଓଡ଼ିଶା ଏବଂ ଛତିଶଗଡ଼ ଭଳି ରାଜ୍ୟରେ ଅପେକ୍ଷାକୃତ କମ୍ ଜଣାଶୁଣା ନେତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ବାଛିଛନ୍ତି। ସେ ଦୃଷ୍ଟିରୁ ପଶ୍ଚିମବଙ୍ଗ ବିଜେପିରେ କାହା ମୁଣ୍ଡରେ ହାତୀ ସୁନାକଳସ ଢାଳିବ, ତାହାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ତେବେ ବରିଷ୍ଠତା ଓ କାର୍ଯ୍ୟଦକ୍ଷତାକୁ ପୁରସ୍କୃତ କରାଯିବା ସହ ଯୁବ ଓ ନୂତନ ପିଢ଼ିର ନେତାମାନଙ୍କୁ ନେଇ ରାଜ୍ୟ କ୍ୟାବିନେଟକୁ ସନ୍ତୁଳିତ କରାଯିବ ବୋଲି ଜଣେ କେନ୍ଦ୍ର ନେତା କହିଛନ୍ତି। ସ୍ୱପନ ଦାସଗୁପ୍ତା, ଅଗ୍ନିମିତ୍ର ପଲ୍, ନିଶିଥ ପ୍ରାମାଣିକ, ରୀତେଶ ତିୱାରୀ, ରୁପା ଗାଙ୍ଗୁଲି ଓ ରୁଦ୍ରନୀଲ ଘୋଷଙ୍କ ଭଳି ନେତାଙ୍କୁ କ୍ୟାବିନେଟ ସାମିଲ କରାଯାଇପାରେ ବୋଲି କୁହାଯାଉଛି।

## ଷ୍ଟାଲିନ-ମମତାଙ୍କ ପରାଜୟ ପରେ ଦୋହଲିଲା ଇଣ୍ଡି-ମେଣ୍ଟ



ନୂଆଦିଲ୍ଲୀ,୫।୫: ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ଓ ତାମିଲନାଡୁରେ ଏମ୍‌କେ ଷ୍ଟାଲିନଙ୍କ ପରାଜୟ ପରେ ବିଜେପି-ବିକଳ୍ପ ମେଣ୍ଟ ଭାବେ ଆତ୍ମପ୍ରକାଶ କରିଥିବା 'ଇଣ୍ଡି-ମେଣ୍ଟ'କୁ ଶକ୍ତ ଧକ୍କା ଲାଗିଛି। ଜାତୀୟ ଦଳକୁ ଚ୍ୟାଲେଞ୍ଜ କରିବା ପାଇଁ ଇଣ୍ଡି-ମେଣ୍ଟ ଜରିଆରେ ଆଞ୍ଚଳିକ ଶକ୍ତିଗୁଡ଼ିକ ଏକାଠି ହେବାର ଏହା ଥିଲା ଏକ ମାଧ୍ୟମ। ମାତ୍ର ପଶ୍ଚିମବଙ୍ଗ ଓ ତାମିଲନାଡୁରେ ଦୁଇ ଟାଣୁଆ ନେତାଙ୍କ ପରାଜୟ ଇଣ୍ଡି-ମେଣ୍ଟର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୨୪ ଲୋକସଭା ନିର୍ବାଚନ ସମୟରେ ବିରୋଧୀ 'ଇଣ୍ଡି' ମେଣ୍ଟ ଏକଜୁଟ ହେବାକୁ ଶପଥ ନେଇଥିଲା। କଂଗ୍ରେସ ନେତୃତ୍ୱାଧୀନ ଏହି ମେଣ୍ଟ ସେହି ନିର୍ବାଚନରେ ବିଜେପିକୁ ବହୁମତର ମ୍ୟାଜିକ ନମ୍ବରଠାରୁ ଦୂରେଇ ରଖିବାରେ ସମର୍ଥ ବି ହୋଇଥିଲା। କିନ୍ତୁ ଦୁଇ ବର୍ଷ ପରେ ଏବେ ସ୍ଥିତି ବଦଳିଯାଇଛି। ପଶ୍ଚିମବଙ୍ଗରେ ବିଜେପି ମମତା ବାନାର୍ଜୀଙ୍କୁ ମାତ୍ ଦେଇ ବିରୋଧୀ ଦଳଙ୍କ ସମସ୍ତ ଆଶାକୁ ଧୂଳିସାତ୍ କରିଦେଇଛି। ଆଗାମୀ ୨୦୨୯ ଲୋକସଭା ନିର୍ବାଚନ ବେଳକୁ ଇଣ୍ଡି-ମେଣ୍ଟର ଅସ୍ତିତ୍ୱ ଥିବ କି ନାହିଁ, ତା' ବର୍ତ୍ତମାନର ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି।

## ନିତେଶ ରାଣେଙ୍କୁ ଆଶ୍ୱସ୍ତି
## ହାଇକୋର୍ଟରୁ ମିଳିଲା ସ୍ଥଗିତାଦେଶ

ନୂଆଦିଲ୍ଲୀ, ୫।୫: ମହାରାଷ୍ଟ୍ର ମନ୍ତ୍ରୀ ନୀତୀଶ ରାଣେଙ୍କୁ ବଡ଼ ଆଶ୍ୱସ୍ତି। ବମ୍ବେ ହାଇକୋର୍ଟର କୋଲହାପୁର ବେଞ୍ଚ ରାଣେଙ୍କ ଦଣ୍ଡ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଗତ ମାସରେ, ଏକ ସ୍ଥାନୀୟ କୋର୍ଟ ତାଙ୍କୁ ୨୦୧୯ରେ ଜଣେ ଏନଏଚଏଆଇ ଇଞ୍ଜିନିୟରଙ୍କ ଉପରେ କାଦୁଅ ଫିଙ୍ଗିବା ଅଭିଯୋଗରେ ଗୋଟିଏ ମାସ ଜେଲ ଦଣ୍ଡ ଦେଇଥିଲେ। ନିମ୍ନ ଅଦାଲତ ୨୭ ଏପ୍ରିଲରେ ଦେବେନ୍ଦ୍ର ଫଡନବୀସ ସରକାରଙ୍କ ମନ୍ତ୍ରୀ ନିତେଶ ରାଣେଙ୍କୁ ଗୋଟିଏ ମାସ ପାଇଁ ଜେଲଦଣ୍ଡ ଶୁଣାଇଥିଲେ। କିନ୍ତୁ ରାଣେ ଏହି ନିଷ୍ପତ୍ତି ବିରୁଦ୍ଧରେ ବମ୍ବେ ହାଇକୋର୍ଟରେ ଆବେଦନ କରିଥିଲେ ଏବଂ କୋଲହାପୁର ବେଞ୍ଚ କୋର୍ଟର ନିଷ୍ପତ୍ତି ଉପରେ ସ୍ଥଗିତାଦେଶ ଲଗାଇଛନ୍ତି। ଏହା ବ୍ୟତୀତ, ନିତେଶ ରାଣେଙ୍କ ବିଧାୟକ କିମ୍ବା ମନ୍ତ୍ରୀ ଭାବରେ ତାଙ୍କର ପଦବୀ ଜେଲ ଦଣ୍ଡ ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି ଯେଉଁ ଗୁଜବ ହେଉଥିଲା ସେଥିରେ କୌଣସି ପ୍ରଭାବ ପଡିବ ନାହିଁ। ଜନପ୍ରତିନିଧିତ୍ୱ ଆଇନ ଅନୁଯାୟୀ, ଯଦି ଜଣେ ଜନ ପ୍ରତିନିଧିଙ୍କୁ ଦୁଇ ବର୍ଷ କିମ୍ବା ତା'ଠାରୁ ଅଧିକ ସଜା ହୁଏ, ତେବେ ତାଙ୍କୁ ଇସ୍ତଫା ଦେବାକୁ ପଡିବ। ତଥାପି, ନିତେଶ ରାଣେଙ୍କ କ୍ଷେତ୍ରରେ, ଦଣ୍ଡ କେବଳ ଗୋଟିଏ ମାସ, ଏବଂ ତାହାକୁ ମଧ୍ୟ ସ୍ଥଗିତ ରଖାଯାଇଛି।

# ମଧ୍ୟପ୍ରାଚ୍ୟରେ ପୁଣି ଯୁଦ୍ଧ ଉତ୍ତେଜନା

### ୟୁଏଇ ତେଲ ଭଣ୍ଡାରରେ ମିସାଇଲ ମାଡ଼
### ଖଣିରେ କାର୍ଯ୍ୟରତ ୩ ଭାରତୀୟ ଆହତ
### ଇରାନର ୭ ଜାହାଜ ବୁଡ଼ାଇଲା ଆମେରିକା
### ୟୁଏଇରେ ଯୁଦ୍ଧକାଳୀନ ହାଇଆଲର୍ଟ



ଆବୁଧାବି, ୫।୫: ଇରାନ୍-ଆମେରିକା ଯୁଦ୍ଧ ବିରତି ସତ୍ତ୍ୱେ ୟୁନାଇଟେଡ଼ ଆରବ ଏମିରେଟ୍ସ (ୟୁଏଇ)ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ତେଲ ଭଣ୍ଡାର ଫୁଜାଇରା ଉପରେ ଇରାନ ପ୍ରଚଣ୍ଡ ଆକ୍ରମଣ କରିଛି। ଇରାନ ଫୁଜାଇରାରେ ୧୫ଟି ମିସାଇଲ ଓ ୪ଟି ଡ୍ରୋନ ମାଡ଼ ହୋଇଛି। ଫଳରେ ଫୁଜାଇରା ତୈଳ ଖଣିରେ ନିଆଁ ଲାଗିଛି। ଇରାନର ଏହି ଆକ୍ରମଣ ପରେ ଇରାନକୁ ଧ୍ୱଂସ କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଧମକ ଦେଇଛନ୍ତି। ସେତିକିନୁହେଁ, ୟୁଏଇ ଉପରେ ଇରାନର ହମଲାର ପ୍ରତିଜବାବ ଦେଇ ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜରେ ଇରାନ ଜାହାଜଗୁଡ଼ିକୁ ଟ୍ରାର୍ଗେଟ କରିଛି। ଆମେରିକା ନୌସେନା ଆକ୍ରମଣରେ ଇରାନର ୭ଟି ଜାହାଜ ବୁଡିଯାଇଥିବା ଖବର ମିଳିଛି। ସୋମବାର ୟୁଏଇର ଫୁଜେରା ପେଟ୍ରୋଲିୟମ ଇଣ୍ଡଷ୍ଟ୍ରିଜ୍ ଜୋନ୍ (ଫଏଜ୍) ଉପରେ ଇରାନ ପକ୍ଷରୁ କରାଯାଇଥିବା ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପୂରା ଶିଳ୍ପାଞ୍ଚଳରେ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ସେଠାରେ କାର୍ଯ୍ୟରତ ୩ ଜଣ ଭାରତୀୟ ଶ୍ରମିକ ଆହତ ହୋଇଥିବା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନିଶ୍ଚିତ କରାଯାଇଛି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ନାଗରିକଙ୍କ ସୁରକ୍ଷା ସହ ସାଲିସ ହେବନି: ମୋଦି



ନୂଆଦିଲ୍ଲୀ, ୫।୫: ୟୁଏଇ ତେଲ ଭଣ୍ଡାର ଆକ୍ରମଣରେ ୩ ଭାରତୀୟ ଆହତ ହୋଇଥିବା ଘଟଣାରେ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ଏହାକୁ ନିନ୍ଦା କରିବା ସହିତ ଯୁଦ୍ଧ କୌଣସି ପ୍ରଶ୍ନର ଉତ୍ତର ନୁହେଁ ବୋଲି କହିଛନ୍ତି। ଏହାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଚିନ୍ତା ବ୍ୟକ୍ତ କରିଛନ୍ତି। ଭାରତୀୟ ନାଗରିକଙ୍କ ଆହତ ହେବା ଘଟଣାକୁ ନିନ୍ଦା କରିବା ସହିତ ସାଧାରଣ ନାଗରିକ ଏବଂ ଭିତ୍ତିଭୂମିକୁ ନଷ୍ଟ କରିବା କଦାପି ଗ୍ରହଣୀୟ ନୁହେଁ ବୋଲି ମୋଦୀ ତାଙ୍କ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ସ୍ପଷ୍ଟ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଶକ୍ତି ସୁରକ୍ଷା ଏବଂ ଆଞ୍ଚଳିକ ସ୍ଥିରତା ପାଇଁ ହର୍ମୁଜ ଷ୍ଟ୍ରେଟ୍ ଦେଇ ସୁରକ୍ଷିତ ଯାତାୟାତ ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଇରାନର ଏହି ଦୁଃସାହସ ପରେ ପଶ୍ଚିମ ଏସିଆରେ ଏକ ବଡ଼ ଧରଣର ଯୁଦ୍ଧ ହେବାର ଆଶଙ୍କା ଦେଖାଦେଇଛି। ଭାରତ ବର୍ତ୍ତମାନ ପରିସ୍ଥିତିକୁ ଶାନ୍ତ କରିବା ପାଇଁ ସମସ୍ତ ପକ୍ଷଙ୍କୁ ଅନୁରୋଧ କରିଛି । ତେବେ ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ନେଇ ଭାରତ କୌଣସି ପ୍ରକାର ସାଲିସ କରିବ ନାହିଁ ବୋଲି ନୂଆଦିଲ୍ଲୀ ସ୍ପଷ୍ଟ କରିଦେଇଛି।

## ପାକ୍ ନୌସେନା ବଞ୍ଚାଇଲା ୬ ଭାରତୀୟଙ୍କ ଜୀବନ



ନୂଆଦିଲ୍ଲୀ,୫।୫: ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଆରବ ସାଗରରେ ଫସି ରହିଥିବା ଭାରତୀୟ ଜାହାଜକୁ ପାକିସ୍ତାନ ନୌସେନା ସହାୟତା କରିବା ସହ ୭ ଜଣଙ୍କ ଜୀବନ ବଞ୍ଚାଇଛି। ଓମାନରୁ ଭାରତ ଫେରୁଥିବା ଏମଭି ଜାହାଜ ସମୁଦ୍ରରେ ଥିବା ବେଳେ ଯାନ୍ତ୍ରିକ ତ୍ରୁଟିର ସୂଚନା ଦେଇଥିଲା। ମୁମ୍ବାଇ ସ୍ଥିତ ସାମୁଦ୍ରିକ ଉଦ୍ଧାର ଏବଂ ସମନ୍ୱୟ କେନ୍ଦ୍ର ପାକିସ୍ତାନୀ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିଥିଲେ। ଜାହାଜରେ ୬ ଜଣ ଭାରତୀୟ ଏବଂ ଜଣେ ଇଣ୍ଡୋନେସିଆନ ନାଗରିକ ସମେତ ମୋଟ ସାତ ଜଣ କ୍ରୁ ସଦସ୍ୟ ଥିଲେ। ପାକିସ୍ତାନ ନୌସେନା ଫସି ରହିଥିବା କର୍ମଚାରୀମାନଙ୍କୁ ତୁରନ୍ତ ଖାଦ୍ୟ, ଚିକିତ୍ସା ସହାୟତା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଜରୁରୀକାଳୀନ ସାମଗ୍ରୀ ଯୋଗାଇ ଦେଇଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜାହାଜର ଯାନ୍ତ୍ରିକ ସମସ୍ୟାକୁ ମରାମତି କରି ଏହାକୁ ସୁରକ୍ଷିତ ସ୍ଥାନକୁ ଟାଣିବା ପାଇଁ ପ୍ରୟାସ ଜାରି ରହିଛି।

# ଶବ୍ଦ ପ୍ରଦୂଷଣ ପ୍ରତି ପ୍ରଶାସନର ଅଙ୍କୁଶ ନାହିଁ

## ବଢ଼ୁଛି ଉଚ୍ଚ ରକ୍ତଚାପ ଓ ସ୍ନାୟୁଗତ ରୋଗ

**ଯାଜପୁର,୫।୫ (ସଂଚାର ବ୍ୟୁରୋ):** ଶବ୍ଦ ପ୍ରଦୂଷଣ ନିୟମକୁ ସରକାର କଡାକଡି କରିଛନ୍ତି। ହେଲେ ଏହି ନିୟମକୁ କେହି ମାନିବା ପରି ମନେ ହେଉନି। କାରଣ ଶବ୍ଦ ପ୍ରଦୂଷଣକୁ ରୋକିବା ଉପରେ ପ୍ରଶାସନର କେବଳ କାଗଜ କଲମରେ ସିମିତ ରହୁଥିବା ଅଭିଯୋଗ ହେଉଛି। କାରଣ ଏବେ ବିଭିନ୍ନ ପୂଜା-ପାର୍ବଣ ଆରମ୍ଭ ହୋଇଯାଇଛି। ଏହି ସମୟରେ ମାତ୍ରାଧିକ ଶବ୍ଦପ୍ରଦୂଷଣ ହେଉଥିବା ଦେଖାଯାଉଛି। ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। କିନ୍ତୁ ଏହା ସଫଳ ହେବା ପରି ଜଣାପଡୁନି। କାରଣ ପ୍ରଶାସନର ନିର୍ଦ୍ଦେଶକୁ ମାନୁନାହାନ୍ତି କାର୍ଯ୍ୟଗ୍ରାହୀ ଲୋକେ। ଯାହାକି କଳିଙ୍ଗନଗର ଶିଳ୍ପାଞ୍ଚଳ, ସୁକିନ୍ଦା ଖଣିଅଞ୍ଚଳ, ଶିଳ୍ପ ବାଣିଜ୍ୟ କେନ୍ଦ୍ର ବ୍ୟାସନଗର, ଯାଜପୁରଟାଉନ, ପାଣିକୋଇଲି ସମେତ ସାରା ଜିଲାରେ ଏହି ନିୟମ ପାଳନ ହେଉଥିବା ପରି ମନେ ହେଉନି।

ତେବେ ଏଥିନେଇ ସ୍ଥାନୀୟ ଲେକେ ଉଚ୍ଚ ରକ୍ତଚାପ, ସ୍ନାୟୁଗତ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗଢ଼ି ଉଠିଥିବା କଳକାରଖାନା ସାଙ୍ଗକୁ ସୁକିନ୍ଦା ଖଣି ଅଞ୍ଚଳରେ ଶବ୍ଦ ପ୍ରଦୂଷଣ ଏବେ ଉଦବେଗଜନକ ସ୍ଥିତିରେ ପହଞ୍ଚିଛି। କିନ୍ତୁ ପ୍ରଶାସନ ଶବ୍ଦ ପ୍ରଦୂଷଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବା ବଦଳରେ ନୀରବ ଦ୍ରଷ୍ଟା ସାଜୁଛି। ଶବ୍ଦ ପ୍ରଦୁଷଣ ପ୍ରତି ଧ୍ୟାନ ଦେବାକୁ ପ୍ରଶାସନିକ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୂଜା ପାର୍ବଣ ଓ ବିବାହ ଉତ୍ସବରେ ଡିଜେ ବାଜିବା ଦ୍ୱାରା ମାତ୍ରାଧିକ ଶବ୍ଦ ପ୍ରଦୂଷଣ ହେଉଛି। ହେଲେ ସରକାର ଡିଜେ ବାଜିବା ଉପରେ ସର୍ବାଧିକ କଟକଣା କରିଛନ୍ତି। କିନ୍ତୁ ଏହାକୁ କେହି ମାନିବାକୁ ପ୍ରସ୍ତୁତ ନାହାନ୍ତି। ଯାହାକି ଶବ୍ଦ ପ୍ରଦ୍ୟୁଷଣ ରୋକିବା ପ୍ରଶାସନର ସମ୍ଭବ ହେଉନି।



ଅପରପକ୍ଷରେ ସୁକିନ୍ଦା ଖଣି ଅଞ୍ଚଳ ସମେତ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଗଢ଼ିଉଠିଥିବା କଳକାରଖାନା, କ୍ରସର ଶିଳ୍ପ, ଆପାର୍ଟମେଣ୍ଟ ନିର୍ମାଣ, ଯାନବାହାନ ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜିବା ଯୋଗୁଁ ଶବ୍ଦ ପ୍ରଦୂଷଣ ମଧ୍ୟ ମାତ୍ରାଧିକ ହେଉଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମରେ ଡାକବାଜି ଯନ୍ତ୍ରର ଅପବ୍ୟବହାର ଏବଂ ବାଣ ଫୁଟା ଶବ୍ଦ ପ୍ରଦୂଷଣର ଅନ୍ୟ ଏକ କାରଣ। ଅଧିକାଂଶ ଗାଡି ଚାଳକ ପ୍ରେସର ହର୍ଣ୍ଣ ବ୍ୟବହାର ଯୋଗୁଁ ଶବ୍ଦ ପ୍ରଦୂଷଣ ମାତ୍ରାଧିକ ଭାବେ ବୃଦ୍ଧି ପାଉଛି। ଏଥି ନେଇ ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ହୋଇଛି।

## ମଣ୍ଡଳ ଶିକ୍ଷା ବିଭାଗ ପକ୍ଷରୁ ସୁକିନ୍ଦା ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ଯାଜପୁର,୫।୫ (ସଂଚାର ବ୍ୟୁରୋ):** ଚଳିତ ମାଟ୍ରିକ ପରୀକ୍ଷାରେ ସୁକିନ୍ଦା ବ୍ଲକରୁ ଏ-୧ କୃତିତ୍ୱ ହାସଲ କରିଥିବା ଦୁଇ ଛାତ୍ର ଶିବମ ନାୟକ ଓ ଇନ୍ଦ୍ରଜିତ ଦୋରାଙ୍କୁ ମଣ୍ଡଳ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଦିନ ସମ୍ବର୍ଦ୍ଧିତ କରାଯାଇଛି। ମଙ୍ଗଳପୁର ମହାମାୟୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶିବମ୍ ନାୟକ ୫୪୮ ନମ୍ବର ରଖିଥିବା ବେଳେ ପିଙ୍ଗଳ କୃଷ୍ଣର ଅନ୍ତର୍ଗତ ବୈଟିମାଳ ଉଚ୍ଚ ବିଦ୍ୟାଳୟର ଛାତ୍ର ଇନ୍ଦ୍ରଜିତ ଦୋରା ୫୪୬ ରଖି ଏ-୧ କୃତିତ୍ୱ ଅର୍ଜନ କରିଛନ୍ତି। ଉଭୟ ଛାତ୍ରଙ୍କୁ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ଦାସ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ,ପ୍ରେମାଞ୍ଜଳି ନାୟକ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବସନ୍ତ କୁମାର ବଳ, ଅଶୋକ କୁମାର ଦାସ ଓ ଦୁଇ କୃତି ଛାତ୍ରଙ୍କ ପିତା ମାତାଙ୍କୁ କାର୍ଯ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ ସଦସ୍ୟ ତଥା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୃନ୍ଦ ଉପସ୍ଥିତ ହୋଇ ସଫଳ କରିଥିଲେ। ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ର ଶିବମ୍ ନାୟକ ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ଲୋକମାନଙ୍କର ସେବା କରିବା ପାଇଁ ଆଶା ରଖିଥିବା ବେଳେ ଇନ୍ଦ୍ରଜିତ ଦୋରା ଜଣେ ଉତ୍ତମ ଡାକ୍ତର ହୋଇ ମାନବ ସେବା ହିଁ ମାଧବ ସେବାର କର୍ତ୍ତବ୍ୟ ପାଳନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।

## ନୀଳଗିରି ଉପଖଣ୍ଡ ଟପ୍ପରଙ୍କୁ ପୂର୍ବତନ ବିଧାୟକଙ୍କ ପକ୍ଷରୁ ସମ୍ବର୍ଦ୍ଧନା



**ନୀଳଗିରି,୫।୫ (ସଂଚାର ବ୍ୟୁରୋ):** ଚଳିତ ମେଟ୍ରିକ ବୋର୍ଡ ପରୀକ୍ଷାରେ ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ର ତଥା ଔପଦା ବ୍ଲକ ବାଉଁଶ ବଣିଆ ଗ୍ରାମର ସୁଚେତା ରାଉଳ ଙ୍କ ପୁତ୍ର ଆୟୁଷ୍ମାନ ଦାସ ସର୍ବାଧିକ ୫୮୨ ନମ୍ବର ରଖି ଏ -୧ ରେ ପାସ କରିଛନ୍ତି। ଠିକ ସେହିପରି ଉକ୍ତ ବ୍ଲକ ଫତେପୁର ପଞ୍ଚାୟତ ର ଛାତ୍ର ରଶ୍ମିରଞ୍ଜନ ବାରିକ ୫୮୦ ରଖି ଏ -୧, ଜ୍ୟୋତିର୍ମୟୀ ବାରିକ ୫୬୯ରଖି ଏ -୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ ସମସ୍ତ ମେଧାବୀ ଙ୍କୁ ସାକ୍ଷାତ କରି ଫୁଲ ତୋଡା ଦେଇ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ଯୁବ ସମାଜ ସେବୀ ରମାକାନ୍ତ ନାୟକ, ଅବସର ପ୍ରାପ୍ତ ଶିକ୍ଷକ ନିରଂଜନମହାନ୍ତି ବହୁ କାର୍ଯ୍ୟ କର୍ତା ଉପସ୍ଥିତ ଥିଲେ।

### ମାଟ୍ରିକ ପରୀକ୍ଷାରେ ଖୋର୍ଦ୍ଧା ଜିଲ୍ଲାର ସଫଳତା

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଓଷ୍ଟାର ସମ୍ବର୍ଦ୍ଧନା



**ଖୋର୍ଦ୍ଧା,୫।୫ (ସଂଚାର ବ୍ୟୁରୋ):** ଅଦ୍ୟ ଖୋର୍ଦ୍ଧା ଜିଲ୍ଲା ମାଟ୍ରିକ ପରୀକ୍ଷାରେ ସଫଳତା ନେଇ ଓଷ୍ଟା ଖୋର୍ଦ୍ଧା ଜିଲ୍ଲା ତରଫରୁ କର୍ମକର୍ତ୍ତାମାନେ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ଼ ପ୍ରଜ୍ଞା ପରମିତା ଜେନା, ରଶ୍ମିବାଳା ପରିଡା, ବିଜୟ କୁମାର ବେହେରାଙ୍କ ସମେତ ଖୋର୍ଦ୍ଧା ବ୍ଲକ୍ ଶିକ୍ଷାଧିକାରୀ ଯାଜ୍ଞସେନୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାଶିକ୍ଷାଧିକାରୀ ଶ୍ରୀମତୀ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଷ୍ଠାପର ଭାବରେ ଛାତ୍ରଛାତ୍ରୀମାନଙ୍କ ପାଇଁ ସେମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିଥିଲେ। ଅନୁରୂପ ଭାବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀ, ଓଷ୍ଟାର କର୍ମକର୍ତ୍ତା ମାନଙ୍କୁ ଏହି ସଫଳତା ପାଇଁ ଶ୍ରେୟ ଦେଇଥିଲେ । ତୁଳନାତ୍ମକ ଭାବରେ ୨୦୨୪, ୨୦୨୫ ଫଳାଫଳ ଠାରୁ ୨୦୨୬ ର ଫଳାଫଳରେ ଯଥେଷ୍ଟ ଉନ୍ନତି ପରିଲକ୍ଷିତ ହୋଇଥିଲା । ବିଶେଷ ଭାବରେ ଏ-୧, ଏ-୨, ବି-୧, ବି-୨ ଏବଂ ପାସ୍ ହାରରେ ବିଗତ ବର୍ଷ ମାନଙ୍କ ଠାରୁ ଚଳିତ ବର୍ଷ ବୃଦ୍ଧି ଘଟିଛି । ରାଜ୍ୟର ପାସ୍ ହାର ଶତକଡା ୯୫.୩୩ ହୋଇଥିବାବେଳେ ଖୋର୍ଦ୍ଧା ଜିଲ୍ଲାର ପାସ୍ ହାର ଶତକଡା ୯୭.୧୭ ହୋଇଛି । ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ଼ ଜେନା ଖବ୍ ଶୀଘ୍ର ଏହା ଉପରେ ସମୀକ୍ଷା କରାଯାଇ ଚଳିତ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି କରାଯିବ ବୋଲି କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ବର୍ଷ କିଭଳି ଭାବରେ ଅଧିକରୁ ଅଧିକ ଉର୍ଣ୍ଣତି ହେବ ସେ ଦିଗରେ ଓଷ୍ଟା ତରଫରୁ ବିଭିନ୍ନ ପ୍ରସ୍ତାବ ଦିଆଯିବା ସହିତ ସହଯୋଗ କରାଯିବ ବୋଲି ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ଶତ ପ୍ରତିଶତ ଫଳାଫଳ

## ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ



**କାକଟପୁର/ଅସ୍ତରଙ୍ଗ,୫।୫ (ସଂଚାର ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ )ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ୨୦୨୫-୨୬ଶିକ୍ଷା ବର୍ଷର ପ୍ରକାଶ ପାଇଥିବା ଫଳାଫଳ ଅନୁସାରେ ପୁରୀ ଜିଲ୍ଲା କାକଟପୁରର ଅଗ୍ରଣ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରଧାନ ଆଚାର୍ଯ୍ୟ ତନ୍ମୟ କୁମାର ପାତ୍ରଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ।

ଚଳିତ ଦଶମ ଶେଣୀ ବୋଡ଼ ପରୀକ୍ଷାରେ କୃତକାର୍ଯ୍ୟ ଶିଶୁ ଭାଇ ଓ ଭଉଣୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ ପୂର୍ବତନ ସଭାପତି ତଥା ଶିକ୍ଷକ ଓ ପରାମର୍ଶଦାତା ପ୍ରମୋଦ କିଶ୍ୱର ପୃଷ୍ଟି, ସଭାପତି ପୀତବାସ ଦୀକ୍ଷିତ, ସମ୍ପାଦକ ରବୀନ୍ଦ୍ର ପ୍ରଧାନ, ଉପସଭାପତି ମନୋଜ ସାହୁ, ସହସମ୍ପାଦକ ରାଜକିଶୋର ମଲ୍ଲିକ, ସଦସ୍ୟ ସୁଭଦ୍ରା ସାହୁ, ସହପ୍ରଧାନ ଆଚାର୍ଯ୍ୟ ଜୟନ୍ତୀବାଳା ନନ୍ଦ ଯୋଗଦେଇ ଚଳିତ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଶିଶୁ ଭାଇ ଓ ଭଉଣୀମାନଙ୍କୁ ଫୁଲତୋଡା ଓ ମିଠା ଖୁଆଇ ସମ୍ବର୍ଦ୍ଧିତ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏ-୧ଗ୍ରେଡରେ ପାସକରି ବିଦ୍ୟାଳୟ ପାଇଁ ସୁନାମ ଆଣିଥିବା ଚାରିଜଣ ଶିଶୁ ଭାଇ ଓ ଭଉଣୀ ହେଲେ ଆକାଂକ୍ଷା ଆଦ୍ୟାଶା ତ୍ରିପାଠୀ ୫୫୫, ଅଭିଷେକ ବିଶ୍ୱାଳ ୫୫୫, ସ୍ୱୟଂପ୍ରକାଶ ଜେନା ୫୪୦, ଆଦ୍ୟାଶ୍ରୀ ପ୍ରଧାନ ୫୪୦ । ସେହିପରି ଏ-୨ ଗେଡ଼ରେ ୧୦ଜଣ, ବି-୧ ଗ୍ରେଡରେ ୯ଜଣ, ବି-୨ ଗ୍ରେଡରେ ୧୦ଜଣ ଏବଂ ସି ଗ୍ରେଡରେ ୯ଜଣ ଶିଶୁ ଭାଇ ଓ ଭଉଣୀ କୃତିତ୍ୱ ଅର୍ଜନ କରିଛନ୍ତି ।

ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଗୁରୁଜୀ, ଗୁରୁମା ଉପସ୍ଥିତ ଥିବାବେଳେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ଜେନା ସମସ୍ତେ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଘରୁ ଘୋଷାରି ମା'-ପୁଅଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

# ଅଭିଯୋଗ ଶୁଣୁନି ପୁଲିସ

**ଅସ୍ତରଙ୍ଗ/କାକଟପୁର,୫।୫ (ସଂଚାର ବ୍ୟୁରୋ):** ବାଡ଼ ଯଦି କ୍ଷେତ ଖାଇବ ତାହେଲେ ଅଭିଯୋଗ କରିବ କାହାକୁ। ଘଟଣାଟି ଅସ୍ତରଙ୍ଗ ଥାନା ଅନ୍ତର୍ଗତ ନଗର ପଞ୍ଚାୟତ କାଳିଆକଣରୁ ହେମା ବେହେରା(୬୪) ଓ ତାଙ୍କ ପୁଅକୁ ୭ଜଣ ମିଳିମିଶି ମାଡ଼ ମାରିବା ସହ ମରଣାନ୍ତକ ଆକ୍ରମଣ ନେଇ ଅସ୍ତରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ତେବେ ପୁଲିସ ମାମଲାର ରଫାଦଫା ପାଇଁ ଅଭିଯୋଗକାରୀଙ୍କ ଉପରେ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଣିଥିବା ପରିବାର ବାଧ୍ୟବାଧକତାରେ ରଫାଦଫା ପାଇଁ ରାଜି ହୋଇଥିବା ତାଙ୍କ ସମ୍ପର୍କୀୟମାନେ ପ୍ରକାଶ କରିଛନ୍ତି।

ଏନେଇ କୌଣସି ଖବର ଗଣମାଧ୍ୟମକୁ ନ ଦେବା ପାଇଁ କୁହାଯାଇଛି। ଏଥିରେ ଥାନା ଭିତରେ କିଛି କୁଜି ନେତା ଦଣ୍ଡିଆଗିରି କରୁଥିବା ବ୍ୟକ୍ତି ଓ ପୁଲିସର ହାତ ରହିଛି ବୋଲି ସୂଚନା ମିଳିଛି। ସବୁଠାରୁ ବଡ଼କଥା ହେଲା ଅନ୍ୟ ଜିଲ୍ଲାରେ ଜଣେ ପୁଲିସ୍ ଅଫିସର ଭାବେ କାର୍ଯ୍ୟ କରୁଥିବା ପରିବାର ନାଁରେ ଅଭିଯୋଗ ହୋଇଥିଲା । ପୁଲିସ ବିଭାଗରେ କାର୍ଯ୍ୟ କରୁଥିବା ଏହି ଅଧିକାରୀ ଜଣକ ଗାଁକୁ ଆସି ଦବଙ୍ଗଗିରି ଦେଖାଇବା ସହ ତାଙ୍କ ସମ୍ପର୍କୀୟ ମିଶି ଅଭିଯୋଗକାରୀ ମହିଳାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ଅସ୍ତରଙ୍ଗ ପୁଲିସ ଭାଇକୁ ଅନୁକମ୍ପା ଦେଖାଇବା ଘଟଣା ଚାରିଆଡ଼େ ପ୍ରଚାର ହେଉଛି।

ସୂଚନା ଅନୁସାରେ କାଳିଆକଣ ମୌଜାର ହେମ ବେହେରା ଅସ୍ତରଙ୍ଗ ଥାନାରେ ଅଭିଯୋଗ ମୁତାବକ ସ୍ଥାନୀୟ ଅଞ୍ଚଳରୁ ୭ଜଣ ଏକ କାରରେ ଆସି ଘର ଭିତରୁ ତାଙ୍କ ପୁଅ ଭାଗୁ ବେହେରାଙ୍କୁ ବାହାରକୁ ଟାଣି ମିଳିମିଶି ବିଧା ଗୋଇଠା ମାଡ଼ ମାରିଥିଲେ। ପୁଅକୁ ମାଡ଼ ମାରିବା ବେଳେ ହେମା ପ୍ରତିରୋଧ କରିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲା। ତେବେ ପଡ଼ିଶା ଲୋକ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ସମ୍ପୃକ୍ତ ବ୍ୟକ୍ତିମାନେ ସ୍ଥାନ ଛାଡ଼ି ପଳାଇଥିଲେ। ସ୍ଥାନୀୟ ଲୋକ ଆହତ ମହିଳା ଓ ତାଙ୍କ ପୁଅକୁ ନେଇ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ । ଅଭିଯୋଗରେ ଶିବଚରଣ ବେହେରା, ଟୁକୁନା ବେହେରା, ପଞ୍ଚୁ ବେହେରା, ଦେଈ ବେହେରା, ତଉଲି ବେହେରା, ଜ୍ୟୋସ୍ନାରାଣୀ ବେହେରା ଓ ଅନ୍ୟଜଣେ ରହିଛନ୍ତି। ଏହି ଘଟଣାରେ ଅନ୍ୟ ଜିଲ୍ଲାରେ କାର୍ଯ୍ୟରତ ଜଣେ ପୁଲିସ ଅଫିସର ଓ ତାଙ୍କର ସମ୍ପର୍କୀୟ ସଂଶ୍ଳିଷ୍ଟ ରହିଥିବା କୁହାଯାଉଛି।

ଘଟଣା ସଂପର୍କରେ ଅସ୍ତରଙ୍ଗ ଥାନା ଅଧିକାରୀ ଅବଗତ ଥିଲେ ମଧ୍ୟ ଗତକାଲି ରାତିରେ ସେ ଅଭିଯୋଗ ବିଷୟରେ ଜାଣି ନଥିବା କହିଥିଲେ।

### ପର୍ଜଙ୍ଗରେ ଅମାନବିକତା

# ବୃଦ୍ଧାଙ୍କୁ ଘରୁ ତଡ଼ିଦେଲେ ବଡ଼ବୋହୂ ଓ ନାତି

**ଢେଙ୍କାନାଳ,୫।୫ (ସଂଚାର ବ୍ୟୁରୋ):** ସମ୍ପର୍କର ସବୁ ସୀମା ଟପିଗଲା ପର୍ଜଙ୍ଗ ଥାନା ଅନ୍ତର୍ଗତ ଜଟିଆ ଗ୍ରାମରେ। ସମ୍ପତ୍ତି ଲୋଭରେ ଅନ୍ଧ ହୋଇ ଜଣେ ବଡ଼ ବୋହୂ ଓ ତାଙ୍କର ଦୁଇ ପୁଅ ମିଶି ନିଜ ବୃଦ୍ଧା ଶାଶୂଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ପର୍ଜଙ୍ଗ ଥାନାକୁ ଯାଇ ନିରାଶ ହେବା ପରେ ଶେଷରେ ବୃଦ୍ଧା ଜଣକ ତାଙ୍କ ଝିଅମାନଙ୍କ ସହ ମିଶି ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷଙ୍କ ନିକଟରେ ଗୁହାରି କରିଛନ୍ତି।



ମିଳିଥିବା ଅଭିଯୋଗ ଅନୁସାରେ, ଜଟିଆ ଗ୍ରାମର ୭୮ ବର୍ଷୀୟା ସୁଲୋଚନା ସାହୁଙ୍କୁ ଗତ ଦୁଇ ଦିନ ତଳେ ତାଙ୍କ ବଡ଼ ବୋହୂ ମମତା ସାହୁ ଏବଂ ଦୁଇ ନାତି ମିଶି ଅମାନୁଷିକ ଭାବେ ମାଡ଼ ମାରିଥିଲେ। ଜମିବାଡ଼ି ନିଜ ନାମରେ ଲେଖିଦେବାକୁ ବାଧ୍ୟ କରିବା ପାଇଁ ଏଭଳି କାଣ୍ଡ ଘଟାଇଥିବା ବୃଦ୍ଧା ଜଣକ କହିଛନ୍ତି। ମାଡ଼ ମାରିବା ପରେ ତାଙ୍କୁ ଘରୁ ଠେଲି ବାହାର କରି ଦିଆଯାଇଥିଲା। ବୃଦ୍ଧା ଜଣକ ରାତିସାରା ଗାଁ ଦାଣ୍ଡରେ ପଡ଼ି ରହିବା ପରେ ସକାଳୁ ତାଙ୍କ ଝିଅମାନେ ଆସି ତାଙ୍କୁ ଉଦ୍ଧାର କରିଥିଲେ। ତାଙ୍କ ଦେହରେ ବହୁ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି।

ଏହି ଘଟଣା ପରେ ବୃଦ୍ଧା ଓ ତାଙ୍କ ଝିଅମାନେ ପର୍ଜଙ୍ଗ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ତେବେ ଥାନା ଅଧିକାରୀ ଏହାକୁ 'ପାରିବାରିକ ବିବାଦ' କହି ମାମଲା ରୁଜୁ ନକରି ସେମାନଙ୍କୁ ଫେରାଇ ଦେଇଥିବା ଅଭିଯୋଗ ହୋଇଛି। ଥାନାରୁ ନ୍ୟାୟ ନ ପାଇ ନିରାଶ ହେବା ପରେ ସେମାନେ ଆଜି ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

ବଡ଼ ପୁଅ ଘରୁ କୁଆଡେ ପଳେଇ ଯିବା ପରେ ବୋହୂ ଓ ନାତିମାନେ ମୋତେ ଦେଖୁନାହାନ୍ତି। ଜମି ତାଙ୍କ ନାଁରେ କରିଦେବାକୁ ନିତି ମାରପିଟ କରୁଛନ୍ତି। ଏଥର ମାରି ଘରୁ ବାହାର କରିଦେଲେ। ମୁଁ କୁଆଡେ ଯିବି? ଥାନା ବି ଶୁଣିଲାନି,"।

ଏ ସମ୍ପର୍କରେ ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷ କହିଛନ୍ତି, "ଅଭିଯୋଗ ମିଳିଛି। ଏହା ଏକ ସମ୍ବେଦନଶୀଳ ଘଟଣା। ପର୍ଜଙ୍ଗ ଥାନା ଆଇଆଇସିଙ୍କୁ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବୃଦ୍ଧାଙ୍କୁ ନ୍ୟାୟ ମିଳିବ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ।

### ଧାରଣାକୁ ପୂରିଲା ୫୦ ଦିନ

## ବିସ୍ଥାପିତଙ୍କୁ ନ୍ୟାୟ ନମିଳିଲେ ଧାରଣାରେ ବସିବାକୁ ବିଧାୟକଙ୍କ ଚେତାବନୀ



**ସୁନ୍ଦରଗଡ଼,୫।୫ (ସଂଚାର ବ୍ୟୁରୋ):** ମହାନଦୀ କୋଲଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍)ର ସିଆରମାଲ ପ୍ରକଳ୍ପ ପାଇଁ ବିସ୍ଥାପିତ ହୋଇଥିବା ଗ୍ରାମବସୀମାନଙ୍କ ଧାରଣାକୁ ଆଜି ୫୦ ଦିନ ପୂରିଲା। ଯାହାକୁ ନେଇ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ ସିଂ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କ ଦାବି ଯଥାଶୀଘ୍ର ପୂରଣ କରିବା ପାଇଁ କହିବା ସହ ଦାବି ପୂରଣ ନ ହେଲେ ନିଜେ ବିଧାୟକ ଧାରଣାରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଚେତାବନୀ ଦେଇଛନ୍ତି।

ଦୀର୍ଘ ୫୦ ଦିନ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିଥିବା ବିସ୍ଥାପିତମାନେ ନିଜ ନ୍ୟାୟ ଦାବୀରେ ଅଡିଆ ରହିଛନ୍ତି। ନିଜ ଘରଦ୍ୱାର ଓ ଜମିଜମା ହରାଇଥିବା ସତ୍ତ୍ୱେ ଏବଂ ଜଙ୍ଗଲ ଜମିର ପଟ୍ଟା ଥିଲେ ମଧ୍ୟ, ସେମାନେ ଏପର୍ଯ୍ୟନ୍ତ ଉଚିତ୍ କ୍ଷତିପୂରଣ ପାଇ ପାରିନାହାନ୍ତି। ଏହି ଅସହାୟ ପରିସ୍ଥିତିରେ ବିସ୍ଥାପିତମାନେ ଦିନରାତି ଧାରଣାରେ ବସି ରହି ନ୍ୟାୟ ଅପେକ୍ଷା କରୁଛନ୍ତି। ଏହି ଆନ୍ଦୋଳନ ଆଜି ନୂଆ ମୋଡ଼ ନେଇଛି ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ ସିଂ ଧାରଣା ସ୍ଥଳରେ ପହଞ୍ଚି ବିସ୍ଥାପିତମାନଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ଦୁଃଖଦ ଅବସ୍ଥା ଦେଖି ବିଧାୟକ ଜିଲ୍ଲା ପ୍ରଶାସନ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଜିଲ୍ଲାପାଳଙ୍କୁ ଭେଟି ବିଧାୟକ ସ୍ପଷ୍ଟ ଭାବରେ ଚେତାବନୀ ଦେଇ କହିଛନ୍ତି, "ବିସ୍ଥାପିତଙ୍କୁ ତୁରନ୍ତ ନ୍ୟାୟ ଦିଆଯାଉ, ନହେଲେ ମୁଁ ନିଜେ ଧାରଣାରେ ବସିବି ବୋଲି କହିଛନ୍ତି"। ବିଧାୟକଙ୍କ ଏହି କଠୋର ମତାମତ ପରେ ପ୍ରଶାସନ ଉପରେ ଚାପ ବଢ଼ିଛି। ଦାବୀ ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି।

## ସନ୍ତୋଷ କୁମାର ପଟ୍ଟନାୟକ ବିଜେଡିର ରାଜ୍ୟ ସମ୍ପାଦକ ଭାବେ ପୁନଃ ମନୋନୀତ



**ପାରାଦୀପ,୫।୫ (ସଂଚାର ବ୍ୟୁରୋ):** ପାରାଦ୍ୱୀପର ବିଶିଷ୍ଟ ଶ୍ରମିକ ନେତା ଶ୍ରୀ ସନ୍ତୋଷ କୁମାର ପଟ୍ଟନାୟକ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ପୁନଃ ମନୋନୀତ ହୋଇଛନ୍ତି। ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକ ତାଙ୍କ ଉପରେ ଏହି ଗୁରୁ ଦାୟିତ୍ୱ ଦେଇ ଥିବାରୁ ତାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଶ୍ରୀଯୁକ୍ତ ପଟ୍ଟନାୟକ କୁଜଙ୍ଗ ପାରାଦ୍ୱୀପ ଅଞ୍ଚଳରେ ବିଜେଡିର ଜଣେ ଛାମୁଆ ସଙ୍ଗଠକ ଭାବେ ବେଶ ପରିଚିତ। ବିଜେଡି ପକ୍ଷରୁ ରାଜ୍ୟର ରକ୍ତ ସଙ୍କଟ ଦୂର କରିବା ପାଇଁ ସାରା ରାଜ୍ୟରେ ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇ ଥିଲା ବେଳେ ସନ୍ତୋଷ କୁମାର ପଟ୍ଟନାୟକଙ୍କ ଦ୍ୱାରା ଆୟୋଜିତ ରକ୍ତଦାନ ଶିବିରରେ ୫ହଜାର ୟୁନିଟରୁ ଅଧିକ ରକ୍ତ ସଂଗ୍ରହ କରି ସାରା ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଉଚ୍ଚ ପ୍ରଶଂସିତ ହୋଇ ଥିଲେ। ସେହି ପରି ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରି ଦଳୀୟ ସଂଗଠନ ଦୃଢ଼ କରିଥିଲେ। ସେ ଏକାଧିକ ସଂଗଠନର ମୁଖ୍ୟ ଭାବେ କାର୍ଯ୍ୟ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

## ପାଣି ପାଇଁ ମହିଳାଙ୍କ ରାସ୍ତା ଅବରୋଧ



**ନୀଳଗିରି,୫।୫ (ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକର ମାଟିଆଳି ପଞ୍ଚାୟତର ନଟାପଡ଼ା ଗ୍ରାମର ୨୦୦ରୁ ଅଧିକ ପରିବାର ରହୁଥିବା ବେଳେ ଆଜକୁ ୧୫ଦିନ ଧରି ଜଳ ଯୋଗାଣ ପାଇପ୍ ରେ ପାଣି ଆସୁ ନ ଥିବା ବେଳେ ଗ୍ରାମର ସମସ୍ତ ପରିବାର ଡହଳ ବିକଳ ହେଉଛନ୍ତି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ପରେ ବି କୌଣସି ସୁଫଳ ନ ମିଳିବାରୁ ଶେଷରେ ମଙ୍ଗଳବାର ଦିନ ମହିଳାମାନେ ହାତରେ ଗରା ବାଲଟି ଧରି ନରଣପୁର ମାଟିଆଳୀ ରାସ୍ତାର ନଟାପଡ଼ା ଛକ ନିକଟରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଛନ୍ତି। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କଲା ପରେ ଘଟଣା ସ୍ଥଳରେ ବିଭାଗୀୟ ଯନ୍ତ୍ରୀ ପହଞ୍ଚି ତୁରନ୍ତ ପାଇପ୍ ଯୋଗେ ଜଳ ଯୋଗାଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

## ବିଜେପି ମଣ୍ଡଳ ପକ୍ଷରୁ ପ୍ରତିବାଦ ସଭା



**ବାଲିଅନ୍ତା,୫।୫ (ସଂଚାର ବ୍ୟୁରୋ):** ସଂସଦରେ ପାରିତ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍‌କୁ ବିରୋଧ କରୁଥିବା ରାଜନୈତିକ ଦଳଗୁଡିକ ବିରୁଦ୍ଧରେ ଆଜି ବାଲକାଟି ବିଜେପି ମଣ୍ଡଳ ପକ୍ଷରୁ ବାଲକାଟି ବଜାରରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେପି ସ୍ଥାୟୀ ସଦସ୍ୟ ଡ. ଅରବିନ୍ଦ ଢାଲିଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ସାମିଲ ହୋଇ ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରୁଥିବା ଦଳମାନଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ।

ପ୍ରତିବାଦ ଶୋଭାଯାତ୍ରା ପରେ କାର୍ଯ୍ୟକର୍ତାମାନେ ଡାକ୍ତରଖାନା ଛକରେ ଏକତ୍ରିତ ହୋଇ ଏକ ସଭା କରିଥିଲେ। ଝିଲ୍ଲୀ ସାମନ୍ତରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ବକ୍ତାମାନେ ବିଲ୍ ବିରୋଧୀଙ୍କୁ କଡା ସମାଲୋଚନା କରିଥିଲେ । ଏଥିରେ ସୁବାସ ଜେନା, ଶିବ ମଲ୍ଲିକ, ଜଗନ୍ନାଥ ବେହେରା, ସୁଦର୍ଶନ ଜେନା, ବିନୋଦିନୀ ମିଶ୍ର, କନକଲତା ମହାପାତ୍ର, ସୁବାସିନୀ ବେହେରା, ସୁବାସିନୀ ଦାସ, ମମତା ସାହୁ, ତୃପ୍ତିବାଳା ବସ୍ତିଆ, ତରୁଣବାଳା ସିଂ, ସସ୍ମିତା ନାୟକ, ସସ୍ମିତା ମହାନ୍ତି, ମାଗୁଣି ସେଠୀ, ବ୍ରହ୍ମାନନ୍ଦ ସ୍ୱାଇଁ, ସଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ମହୁଲିଆରେ 'ସହୀଦ ସ୍ମୃତିପୀଠ' ନିର୍ମାଣ ପାଇଁ ଭୂମି ପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ



**ବେତନଟୀ,୫।୫ (ସଂଚାର ବ୍ୟୁରୋ):** ଦେଶପ୍ରେମୀ ସ୍ୱାଧୀନତା ସଂଗ୍ରାମୀ ସହୀଦ କଙ୍କା ମାଝୀ, କାଳିଆ ମହାନ୍ତ, ନୟନ ସିଂ ମୁଣ୍ଡା ଏବଂ ରୁଡକୋଲ କାମାରଙ୍କର ୧୧୦ତମ ସହୀଦ ଦିବସ ମହୁଲିଆ ହାଟ ପଡିଆରେ ବେତନଟୀ ଗ୍ରାମ ପଞ୍ଚାୟତର ସରପଞ୍ଚ ପାନମଣି ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପ୍ରଥମେ ସହୀଦ ସ୍ମୃତି ପୀଠ ମହୁଲିଆର ଭିତ୍ତି ପ୍ରସ୍ତର ସ୍ଥାପନା ସହୀଦ କଙ୍କା ମାଝୀଙ୍କର ଦାୟାଦ ହିନ୍ଦୁ ମାଝୀ ଏବଂ ସହୀଦ କାଳିଆ ମହାନ୍ତଙ୍କର ଦାୟାଦ କୃପାସିନ୍ଧୁ ମହାନ୍ତଙ୍କ ଦ୍ୱାରା ଭୂମି ପୂଜନା ପୂର୍ବକ କରାଯାଇଥିଲା ।

ଅପରାହ୍ନ ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ସୈନିକ ସଂଗଠନ ମୟୂରଭଞ୍ଜ ଜିଲ୍ଲାର ସଭାପତି ଜନାର୍ଦ୍ଦନ ମହାନ୍ତ ଯୋଗଦାନ କରି ଦେଶର ସ୍ୱାଧୀନତା ପାଇଁ ହସି ହସି ଫାସୀ ଖୁଣ୍ଟରେ ଚଢ଼ି ସହୀଦ ହୋଇଥିବା ବୀର ମାନଙ୍କର ସ୍ମୃତି ରକ୍ଷା ପାଇଁ ପ୍ରତିଷ୍ଠା କରାଯାଇଥିବା "ସହୀଦ ସ୍ମୃତି ପୀଠ " ସମାଜ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ କାର୍ଯ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ସୈନିକ ସଂଗଠନର ସଭାପତି ନକୁଳ ଚନ୍ଦ୍ର ମହାନ୍ତ "ଯେତେ ଦିନ ପର୍ଯ୍ୟନ୍ତ ସୂର୍ଯ୍ୟଚନ୍ଦ୍ର ଥିବେ ସହୀଦ ମାନଙ୍କର କୀର୍ତ୍ତି ସେତେ ଦିନ ପର୍ଯ୍ୟନ୍ତ ଅମର ହୋଇ ରହିଥିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ପରିଷଦ "କବି ସଙ୍ଗମ"ର ସଭାପତି ବସୁଦେବ ନାପିତ ଯୋଗଦାନ କରି ଦେଶ ପାଇଁ ପ୍ରାଣବଳୀ ଦେଥିବା ସହୀଦ ମାନଙ୍କ ପାଇଁ ଏ ମାଟି ଧନ୍ୟ ହୋଇଛି ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବରେ ବେତନଟୀ ସାମ୍ବାଦିକ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ,ହିନ୍ଦୁ ମାଝୀ, ଦୈତାରୀ ମହାନ୍ତ, ପ୍ରମୁଖ ଯୋଗଦାନ କରି ସହୀଦ ମାନଙ୍କର ଗୁଣଗାନ କରିଥିଲେ।

## ଦଶମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

**ନୀଳଗିରି,୫।୫ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜୁରିଆ ପାଟଣା ଗ୍ରାମର ମନୋରଞ୍ଜନ ମଲ୍ଲିକ ଙ୍କ ପୁଅ ବବୁଲ ମଲ୍ଲିକ (୧୭), ଚଳିତ ମେଟ୍ରିକ ପରୀକ୍ଷା ରେ ପାସ କରିଥିଲେ।କୌଣସି କାରଣରୁ ଆଜି ରାତି ପ୍ରାୟ ୮ ଘଟିକା ସମୟରେ ମାନସିକ ଭାରସାମ୍ୟ ହରାଇ ନିଜ ଘର ଭିତରେ ବେକରେ ରଶି ଲଗାଇ ଆତ୍ମ ହତ୍ୟା କରିଛନ୍ତି। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲକୁ ଆଣିଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ଆସନ୍ତା ୬ରେ ବ୍ୟବଚ୍ଛେଦ ହେବ ବୋଲି ଜଣା ପଡ଼ିଛି। ଏନେଇ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି।

## ଶ୍ରୀ ଶ୍ରୀ ନୀଳମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ



**ବୋରିଗୁମ୍ମା,୫।୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରର ସର୍ବପୁରାତନ ସମୟର ଶ୍ରୀ ଶ୍ରୀ ନୀଳମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାଆଡମ୍ବର ସହକାରେ ପାଳନ କରାଯାଇଛି। ଏହି ଉତ୍ସବ ୧ ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହୋଇ ଚାରି ତାରିଖ ସୋମବାର ପର୍ଯ୍ୟନ୍ତ କରାଯାଇଥିଲା। ଏନେଇ ଗୁରୁବାର ସନ୍ଧ୍ୟା ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ୧ ତାରିଖରେ କଳସ ଯାତ୍ରା, ଦୀକ୍ଷା ଗ୍ରହଣ, ମଣ୍ଡଳୀ କରଣ ୨ ତାରିଖରେ ଶାଳା ପ୍ରବେଶ ବୈଦିକ ପୂଜା, ସୂର୍ଯ୍ୟ ପୂଜା ଓ ଗୋ ପୂଜା, ବନ ଯୋଗ, ଅଗ୍ନି ସ୍ଥାପନା, ବୈଦିକ ପୂଜାର୍ଚ୍ଚନା, ପାର୍ଶ୍ୱ ଦେବତାଙ୍କ ପ୍ରତିଷ୍ଠା, ନୀଳ ଚକ୍ର, ହୋମ ନ୍ୟାସ ପରିଭ୍ରମଣ ଆଦି ରହିଥିବା ବେଳେ ୩ ତାରିଖରେ ରତ୍ନମୁଦ ଓ ଶ୍ରୀ ମହାଦେବ ମନ୍ଦିର ବିଜେ କରିବେ ବୋଲି ପୁରୋହିତମାନଙ୍କ ଦ୍ୱାରା ସ୍ଥିର କରାଯାଇଛି।

କର୍ତ୍ତା ଭାବେ ଶ୍ରୀକାନ୍ତ ରଥ ଓ ସହଧର୍ମିଣୀ ସୁନିତା ରଥ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ଏଥିରେ ଅନିଲ କୁମାର ଶତପଥୀ, ସରୋଜ କୁମାର ଶତପଥୀ, ତ୍ରିଲୋଚନ ଦାସ, ପ୍ରତାପ କୁମାର ଦାସ, ରାହୁଲ କୁମାର ଦାସ, ସିମାଞ୍ଚଳ ଦାସ, ରଞ୍ଜନ କୁମାର ଶତପଥୀଙ୍କ ସହଯୋଗୀ ବ୍ରାହ୍ମଣମାନେ ପୁରୋହିତ ଭାବେ ଯୋଗଦେଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପନ କରିଥିଲେ ।

### ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦେବାକୁ ପରିବହନ କମିଶନରଙ୍କ ନିର୍ଦ୍ଦେଶ

# କାର୍ଯ୍ୟ ଦକ୍ଷତା ରିପୋର୍ଟରେ ସାମିଲ ହେବ ସଡ଼କ ସୁରକ୍ଷା




**ଆରଟିଓଙ୍କ ଗତବର୍ଷର କାର୍ଯ୍ୟ ସମୀକ୍ଷା କଲେ ପରିବହନ କମିଶନର୍**

**କେବଳ ରେଗୁଲେଟର୍ ନୁହେଁ, ଏଜୁକେଟର୍ ହେବାକୁ ପରାମର୍ଶ**

**ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି ଫିଟନେସ୍ ପ୍ରଦାନରେ ସ୍ୱଚ୍ଛତା ରଖିବାକୁ ନିର୍ଦ୍ଦେଶ**

**କଟକ,୫।୫(ସଂଚାର ବ୍ୟୁରୋ)ଃ** ସଡ଼କ ଦୁର୍ଘଟଣା ହ୍ରାସ ଉପରେ ପ୍ରାଧାନ୍ୟ ଦେଇଛନ୍ତି ରାଜ୍ୟ ସରକାର। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସମସ୍ତ ଉପ ପରିବହନ ଆୟୁକ୍ତ (ଡିସିଟି), ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଏଆରଟିଓ)ଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ପରିବହନ କମିଶନର ଅମିତାଭ ଠାକୁର। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଅଧିକାରୀମାନେ ସାମିଲ ଥିବା ବେଳେ ଆଭାସୀ ଜରିଆରେ ଆରଟିଓମାନେ ଉପସ୍ଥିତ ଥିଲେ। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନିଜ ନିଜ ଜିଲ୍ଲା ଅନୁଯାୟୀ ଆବଶ୍ୟକ ପଦକ୍ଷେପ ବ୍ୟାପକ ଭାବେ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପରିବହନ କମିଶନର ଶ୍ରୀ ଠାକୁର କହିଥିଲେ ଯେ ପ୍ରତିଦିନ ଯେଉଁଭଳି ସଡ଼କ ଦୁର୍ଘଟଣା ଘଟୁଛି, ଏହା ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି କରୁଛି। ଏହାକୁ ହ୍ରାସ କରିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କର ନିର୍ଦ୍ଦେଶ ରହିଛି। ତେଣୁ ଆରଟିଓମାନଙ୍କୁ ଗ୍ରାଉଣ୍ଡ ଜିରୋରେ ଏ ଦିଗରେ ବ୍ୟାପକ କାର୍ଯ୍ୟ କରିବାକୁ ହେବ। ଅନେକ ଗାଡ଼ି ଚାଳକ ସଡ଼କ ସୁରକ୍ଷା ନିୟମ ପାଳନ କରୁନାହାନ୍ତି। ମନଇଚ୍ଛା ଗାଡ଼ି ଚଲାଉଛନ୍ତି, ଆଉ ନିଜ ସହ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ବିପଦରେ ପକାଉଛନ୍ତି। ଏହାକୁ ରୋକିବା ପାଇଁ ଯୋଜନା ଭିତ୍ତିରେ ଏନଫୋର୍ସମେଣ୍ଟ ଜରୁରୀ ବୋଲି ଶ୍ରୀ ଠାକୁର କହିଛନ୍ତି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଲାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ କରିବା, ରାଜପଥରେ ଅବୈଧ ପାର୍କିଂ କରିବା, ମନଇଚ୍ଛା ଗାଡ଼ିର ଆକାରରେ ପରିବର୍ତ୍ତନ କରିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ ବ୍ୟବହାର ଭଳି ନିୟମ ଉଲ୍ଲଙ୍ଘନକୁ ରୋକିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ସେ ଆହରି କହିଛନ୍ତି ଯେ କେବଳ ରେଗୁଲେଟର୍ ବା ନିୟନ୍ତ୍ରକ ଭୂମିକା ନିର୍ବାହ ନୁହେଁ, ଏଜୁକେଟର୍ ଭାବେ ମଧ୍ୟ ଆର୍‌ଟିଓଙ୍କୁ ଦାୟିତ୍ୱ ନେବାକୁ ହେବ। ଜନସାଧାରଣଙ୍କ ମଧ୍ୟରେ ନିୟମ ଉଲ୍ଲଙ୍ଘନ ଓ ଏହାର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ସେହିଭଳି ଆରଟିଓମାନଙ୍କ ଦକ୍ଷତା ରିପୋର୍ଟରେ ଆଗକୁ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟର ମଧ୍ୟ ଏକ ବିଶେଷ ଭୂମିକା ରହିବ ବୋଲି ସେ ସୂଚାଇ ଦେଇଛନ୍ତି। ଏଥିସହ ପରିବହନ ସମ୍ବନ୍ଧୀୟ ସେବା ପ୍ରଦାନରେ ଗତବର୍ଷ କେଉଁ ଆରଟିଓଙ୍କ ପ୍ରଦର୍ଶନ କ'ଣ ଥିଲା, ଆଜିର ବୈଠକରେ ତା'ର ବି ସମୀକ୍ଷା କରାଯାଇଥିଲା।

# ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତିସଂଘ ଆବାସିକ ସଂଯୋଜକ

### କୃଷି, ପର୍ଯ୍ୟଟନ ଓ ଅକ୍ଷୟ ଶକ୍ତିରେ ସହଯୋଗ ନେଇ ଆଲୋଚନା



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ଭାରତରେ ଜାତିସଂଘର ଆବାସିକ ସଂଯୋଜକ ଷ୍ଟିଫାନ ପ୍ରିସନର୍ ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ।

ଓଡ଼ିଶା ସରକାର ଓ ଜାତିସଂଘ ମଧ୍ୟରେ ପ୍ରମୁଖ ବିକାଶମୂଳକ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଆଲୋଚନା ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ପଥରେ ଭାରତ ଦୃଢ଼ ପଦକ୍ଷେପ ନେଉଛି ଏବଂ ଓଡ଼ିଶା କୃଷି, ଶିଳ୍ପ ତଥା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ରାଜ୍ୟ ସରକାର କୃଷିକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ଶ୍ରୀ ସିଂହଦେଓ କହିଥିଲେ ଯେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଜଳବାୟୁ ଅନୁକୂଳ ଚାଷ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଏବଂ କୃଷି ମୂଲ୍ୟ ଶୃଙ୍ଖଳାକୁ ମଜବୁତ କରିବା ପାଇଁ ନିୟମିତ ପ୍ରୟାସ ଜାରି ରହିଛି।

ଆଲୋଚନାରେ ପର୍ଯ୍ୟଟନ ଓ ଐତିହ୍ୟ ପ୍ରସଙ୍ଗକୁ ପ୍ରାଧାନ୍ୟ ଦିଆଯାଇଥିଲା। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଓ ରାଣିପୁର-ଝରିଆଲ ଏବଂ ହରିଶଙ୍କର ଭଳି ସମ୍ଭାବ୍ୟ ପର୍ଯ୍ୟଟନସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ଓଡ଼ିଶାର ଅନନ୍ୟ ଆଦିବାସୀ ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖି ଏହାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ିତୋଳିବା ଦିଗରେ ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ସିଂହଦେଓ କହିଥିଲେ।

ସେହିପରି ଓଡ଼ିଶାକୁ ଅକ୍ଷୟ ଶକ୍ତିର ଏକ କେନ୍ଦ୍ର ଭାବେ ଗଢ଼ିତୋଳିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଓ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ହାସଲ କରିବା ଦିଗରେ ଜାତିସଂଘର ସହଯୋଗ ନେଇ ଉଭୟ ପକ୍ଷ ଆଲୋଚନା କରିଥିଲେ। ଶ୍ରୀ ପ୍ରିସନର୍ ଓଡ଼ିଶାର କୃଷି ଓ ଶକ୍ତି ପରିବର୍ତ୍ତନ କ୍ଷେତ୍ରରେ ହୋଇଥିବା ପ୍ରଗତିକୁ ପ୍ରଶଂସା କରିଥିଲେ। ଏଥିସହ ବୈଷୟିକ ଜ୍ଞାନକୌଶଳ ହସ୍ତାନ୍ତର, ଦକ୍ଷତା ବୃଦ୍ଧି ଓ ସମାବେଶୀ ବିକାଶ କ୍ଷେତ୍ରରେ ଜାତିସଂଘ ସହଭାଗୀ ହେବାକୁ ପ୍ରସ୍ତୁତ ବୋଲି ସେ କହିଥିଲେ।

# ଦୁଷ୍କର୍ମୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ




**ସୁନ୍ଦରଗଡ଼,୫।୫(ସଂଚାର ବ୍ୟୁରୋ)ଃ** ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଦୋଷୀକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଛି। ଏଥିସହ ଦୋଷୀ ଉପରେ ଅଦାଲତ ୩୦ ହଜାର ଟଙ୍କାର ଜରିମାନା ଲଗାଇଛନ୍ତି। ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ତାକୁ ଆହୁରି ଏକ ବର୍ଷ ପାଇଁ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ତାଙ୍କ ଆଦେଶରେ କହିଛନ୍ତି। ବିବରଣୀରୁ ଜଣାପଡ଼ିଛି ଯେ ଗତ ୨୦୨୧ ଜାନୁଆରୀ ୨୨ ତାରିଖରେ ତଳସରା ଥାନାଞ୍ଚଳରେ ଅଭିଯୁକ୍ତ ଜଣଙ୍କ ଜନୈକା ୧୪ ବର୍ଷୀୟା ନାବାଳିକାଙ୍କୁ ପ୍ରଥମେ ଅପହରଣ ଓ ପରେ ଦୁଷ୍କର୍ମ କରିଥିଲା। ଏନେଇ ଅଭିଯୋଗ କ୍ରମେ ପୁଲିସ୍ ମାମଲା ରୁଜୁ କରିବା ସହ ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାଟି ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଜଜ, ସ୍ୱତନ୍ତ୍ର ପୋସ୍‌କୋ କୋର୍ଟରେ ବିଚାରାଧୀନ ଥିବା ବେଳେ ଆଜି ଏହାର ଚୂଡ଼ାନ୍ତ ରାୟ ଆସିଛି। ଏଥିରେ ଅଭିଯୁକ୍ତକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିବା ସକାଶେ ଆଦେଶ ଦେଇଛନ୍ତି।

# ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ ବେଳେ ୪ ଗିରଫ




**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** ଆମ୍ବୁଲାନ୍ସରେ ହେଉଥିଲା ଗଞ୍ଜେଇ ଚାଲାଣ। ରୋଗୀ ଏମର୍ଜେନ୍ସି ଆଳ ଦେଖାଇ ବେପାରୀ ଜଣଙ୍କ ପାର୍ ହେଉଥିଲେ। କିନ୍ତୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଛକରେ ଯାଞ୍ଚ୍ ବେଳେ ନୟାପଲ୍ଲୀ ପୁଲିସ୍ ଉକ୍ତ ବେପାରୀଙ୍କୁ ଗିରଫ କରିଛି। କଟକରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ କରୁଥିବା ସମୟରେ ଉକ୍ତ ବେପାରୀ ସମେତ ମୋଟ ୪ ଜଣ ଗିରଫ ହୋଇଥିବା ବେଳେ ଆମ୍ବୁଲାନ୍ସ ଭିତରୁ ୨୫ କେଜି ଗଞ୍ଜେଇ ଜବତ ହୋଇଛି। ଗିରଫ ହୋଇଥିବା ୪ ଜଣ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କୌଣସି ମାମଲା ରହିଛି କି ନାହିଁ, ତା' ପୁଲିସ୍ ଯାଞ୍ଚ୍ କରୁଛି। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତ୍ରିରେ ଏହି ଗଞ୍ଜେଇ ଚାଲାଣ ହେଉଥିଲା। ସକାଳୁ ସକାଳୁ ପୁଲିସ ନାକା ଚେକ୍ ସମୟରେ ଏହି ଗଞ୍ଜେଇ ଧରାପଡ଼ିଛି।

# କୋଟିଆରେ ପୁରୀରୁ ଆସିଥିବା ସୁଭଦ୍ରାଙ୍କ ରଥ ଚକ ସ୍ଥାପିତ



**ଭୁବନେଶ୍ୱର,୫।୫(ସଂଚାର ବ୍ୟୁରୋ)ଃ** କୋଟିଆସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ମନ୍ଦିର ପ୍ରାଙ୍ଗଣରେ ପୁରୀରୁ ଆସିଥିବା ମା' ସୁଭଦ୍ରାଙ୍କ ଏକ ରଥର ଚକ ପୂଜାର୍ଚ୍ଚନା କରାଯାଇ ପ୍ରତିଷ୍ଠା କରାଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, କୋରାପୁଟ ବିଧାୟକ ରଘୁରାମ ମାଛ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ତାରାପ୍ରସାଦ ବାହିନୀପତି, ଶ୍ରୀଜଗନ୍ନାଥ ମନ୍ଦିର ପୁରୀର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ କୋଟିଆର ଉନ୍ନତି ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। କୁନ୍ଦୁଲିରୁ କୋଟିଆ ପୂର୍ତ୍ତ ବିଭାଗ ରାସ୍ତାକୁ ପ୍ରଶସ୍ତ କରିବା ସହ କୋଟିଆସ୍ଥିତ ଜରାଜୀର୍ଣ୍ଣ ରାଜସ୍ୱ ଡାକବଙ୍ଗଳାର ପୁନରୁଦ୍ଧାର କରି ଏହାକୁ ନୂତନ ଭାବେ ତିଆରି କରାଯିବ। ଏହି ଅବସରରେ ଶ୍ରୀ ପୂଜାରୀ ଜଙ୍ଗଲ ଜମି ପଟ୍ଟା, ରାସନ କାର୍ଡ, ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସହାୟତା ବଣ୍ଟନ କରିଥିଲେ।

# ଭିଜିଲାନ୍ସ ଜାଲରେ ଅମିନ ଓ ଆକାଉଣ୍ଟାଣ୍ଟ



**କଣ୍ଟାବାଞ୍ଜି,୫।୫(ସଂଚାର ବ୍ୟୁରୋ)ଃ** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ତହସିଲ ଅଫିସ ଅମିନ ଓବ୍ଲକ୍ ଆକାଉଣ୍ଟାଣ୍ଟ। ଉଭୟେ ଲାଞ୍ଚ ନେଉଥିବା ବେଳେ ସେମାନଙ୍କୁ ଭିଜିଲାନ୍ସ ପ୍ରମାଣ ସହ ଗିରଫ କରିଛି। ୧୫ ହଜାର ଟଙ୍କା ନେବା ବେଳେ ବଙ୍ଗୋମୁଣ୍ଡା ତହସିଲ ଅମିନ ନିର୍ମଳେନ୍ଦୁ କବି ଧରାପଡ଼ିଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା ପାଇଁ ଲାଞ୍ଚ ନେଉଥିବା ବେଳେ ଦେବେନ୍ଦ୍ର ସାହୁ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି।

ମିଳିଥିବା ସୂଚନାନୁସାରେ, ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲ୍ ଅମିନ ଜନୈକ ଆବେଦନକାରୀଙ୍କଠାରୁ ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ କରିବା ଓ ସେମାନଙ୍କର ଜମି ସମ୍ପତ୍ତି ବିଭାଜନ ଏବଂ ସମ୍ପୃକ୍ତ ଅଂଶୀଦାରଙ୍କ ସପକ୍ଷରେ ନୂତନ ଆର୍‌ଓଆର୍ ପ୍ରଦାନ ପାଇଁ ଫାଇଲ୍ ପ୍ରକ୍ରିୟାକରଣ ସକାଶେ ୧୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଆର୍ ଏଣ୍ଡ୍ ଡିଏମ୍ ବିଭାଗର ସରକାରୀ ନିୟମ ଅନୁଯାୟୀ ଆବେଦନକାରୀ ଜଣଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ସେମାନଙ୍କର ଜମି ବିଭାଜନ ପାଇଁ ଆବେଦନ କରିଥିଲେ। ଜମି ବିଭାଜନର ଆବଶ୍ୟକତା ଅନୁଯାୟୀ ପ୍ରତ୍ୟେକ ଅଂଶୀଦାରଙ୍କ ପାଇଁ ସ୍କେଚ୍ ମ୍ୟାପ୍ ଆବଶ୍ୟକ। ତେଣୁ ଆବେଦନକାରୀ ଅମିନଙ୍କୁ ଭେଟି ବିଭାଜନର ଆବଶ୍ୟକତା ଅନୁଯାୟୀ ସ୍କେଚ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ନିବେଦନ କରିଥିଲେ। କିନ୍ତୁ ଅମିନ ଶ୍ରୀ କବି ସ୍କେଚ୍ ମ୍ୟାପ୍ ଓ ଜମି ବିଭାଜନ ଏବଂ ପୃଥକ ଆର୍‌ଓଆର୍ ପ୍ରଦାନ ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ପ୍ରସ୍ତୁତ କରିବା ପାଇଁ ୧୫ ହଜାର ଟଙ୍କା ମାଗିଥିଲେ। ତେବେ ଆବେଦନକାରୀ ଜଣଙ୍କ ଏହା ଦେବାକୁ ଅସମର୍ଥ ଥିବାରୁ ଶ୍ରୀ କବିଙ୍କ ଲାଞ୍ଚ ଦାବି ସମ୍ପର୍କରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ।

ଏହାପରେ ସୁଚିନ୍ତିତ ଯୋଜନା ମୁତାବକ ଆଜି ଆବେଦନକାରୀ ସମ୍ପୃକ୍ତ ଅମିନଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ସେତିକିବେଳେ ସେଠାରେ ଉପସ୍ଥିତ ଥିବା ଭିଜିଲାନ୍ସ ଅଧିକାରୀମାନେ ଶ୍ରୀ କବିଙ୍କୁ ପ୍ରମାଣ ସହ ଗିରଫ କରିଛନ୍ତି। ସେହିପରି କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ୍ ଆକାଉଣ୍ଟାଣ୍ଟ ଶ୍ରୀ ସାହୁ ଜନୈକ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବା ସକାଶେ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଥିଲେ। ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ କବିଙ୍କ ସହ ଜଡ଼ିତ ୩ଟି ସ୍ଥାନରେ ଓ ଶ୍ରୀ ସାହୁଙ୍କ ସହ ଜଡ଼ିତ ୨ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି।

### ଆଇନଶୃଙ୍ଖଳାକୁ ଆଖିଠାର

# ଜମି ବିବାଦରୁ ହଣାକଟାଃ ଜଣେ ମୃତ, ୭ ଗୁରୁତର

**ଯାଜପୁର ଟାଉନ,୫।୫(ସଂଚାର ବ୍ୟୁରୋ)ଃ** ଯାଜପୁର ସଦର ଥାନା ଅଧୀନସ୍ଥ ବଡ଼ତ୍ରିଲୋଚନପୁର ଗ୍ରାମରେ ଘଟିଛି ଏକ ମର୍ମନ୍ତୁଦ ହତ୍ୟାକାଣ୍ଡ, ଯାହାକି ସ୍ଥାନୀୟ ଅଞ୍ଚଳରେ ଆଇନଶୃଙ୍ଖଳା ସ୍ଥିତି ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ଷ ବର୍ଷର ଜମି ବିବାଦ ଗତକାଲି ନେଇଛି ଭୟାବହ ରୂପ। ଜମିବାଡ଼ିର ମୋହ ଆଗରେ ତୁଚ୍ଛ ହୋଇଛି ରକ୍ତ ସମ୍ପର୍କ। ଘର ଅଗଣା ପାଲଟିଛି ରଣକ୍ଷେତ୍ର, ଆଉ ଲୁହା ରଡ୍ ଓ ଲାଠି ଆଦିରେ ଖେଳାଯାଇଛି ରକ୍ତର ହୋଲି। ଏହି ରକ୍ତାକ୍ତ ସଂଘର୍ଷରେ ଜଣେ ୬୨ ବର୍ଷୀୟ ବୃଦ୍ଧ ଗୋବିନ୍ଦ ଘଡ଼ାଇଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଗୁରୁତର ଭାବେ ଆହତ ହୋଇ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ପୂର୍ବରୁ ବିବାଦର ସମାଧାନ ସକାଶେ ପୁଲିସ୍ ହସ୍ତକ୍ଷେପ କରିଥିଲା ଓ ଥାନାରେ ଭଦ୍ରଲୋକଙ୍କ ଉପସ୍ଥିତିରେ ଆପୋଷ ସମାଧାନ ବି ହୋଇଥିବା କୁହାଯାଉଛି। ତେବେ ଯଦି ସମାଧାନ ହୋଇଥିଲା, ତା'ହେଲେ କାହିଁକି ଘଟିଲା ଏପରି ନୃଶଂସ କାଣ୍ଡ? ଏନେଇ ସ୍ଥାନୀୟ ପୁଲିସ୍ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ପୁଲିସ୍ ଧରିପାରିନାହିଁ। ଏପରିକି ପୁଲିସ୍ ମାମଲାକୁ ରଫାଦଫା କରିବାକୁ ବି ଉଦ୍ୟମ ଚଳାଇଥିବା ଅଭିଯୋଗ ହେଉଛି। ତେବେ ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି ହେଉଛି।

### ନ୍ୟାୟ ପାଇଁ ଧାରଣାରେ ବସିଥିଲେ ପ୍ରେମିକା

# ଟାଙ୍ଗିଆ ଚୋଟରେ ଜୀବନ ନେଲା ପ୍ରେମିକର ଭାଇ



**ଆସିକା,୫।୫(ସଂଚାର ବ୍ୟୁରୋ)ଃ** ନ୍ୟାୟ ପାଇଁ ପ୍ରେମିକ ଘର ଆଗରେ ଧାରଣାରେ ବସିଥିଲା ଗର୍ଭବତୀ ପ୍ରେମିକା। ତେବେ ଏଥିରେ ଉତକ୍ଷିପ୍ତ ହୋଇ ପ୍ରେମିକାକୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ପ୍ରେମିକର ସାନ ଭାଇ। ହିଞ୍ଜିଳି ଥାନା ଅନ୍ତର୍ଗତ କେ. ଖରିଡ଼ାରେ ଘଟିଛି ଏଭଳି ଏକ ନୃଶଂସ କାଣ୍ଡ। ମୃତ୍ୟୁବରଣ କରିଥିବା ପ୍ରେମିକା ଜଣଙ୍କ ରମ୍ଭା ଥାନା ଅନ୍ତର୍ଗତ ଅଗସ୍ଥି ନୂଆଗାଁର ପୂଜା ସ୍ୱାଇଁ ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଦୁଇ ବର୍ଷ ତଳେ ଇନଷ୍ଟାଗ୍ରାମରେ କେ. ଖରିଡ଼ା ଗ୍ରାମର ଚିଣ୍ଟୁ ଗୌଡ଼କୁ ପୂଜା ଭଲ ପାଇଥିଲେ। ପ୍ରଥମେ ଅନଲାଇନ୍‌ରେ କଥାବାର୍ତ୍ତା ଓ ପରେ ପରସ୍ପର ସହ ମିଳାମିଶା କରିଥିଲେ ପୂଜା ଓ ଚିଣ୍ଟୁ। ତିନି ବର୍ଷ ତଳେ ସେମାନେ ପରସ୍ପରକୁ ମନ୍ଦିରରେ ବିବାହ ମଧ୍ୟ କରିଥିଲେ। ଗତ ୬ ମାସ ହେଲା ସେମାନେ ପୁରୀରେ ଭଡ଼ା ଘରେ ରହୁଥିଲେ। ତେବେ ୧୫ ଦିନ ତଳେ ଚିଣ୍ଟୁ ପରିବାର ଲୋକଙ୍କ ସହ ଦେଖା କରିବାକୁ କହି ପୂଜା ଓ ୩ ବର୍ଷର ଝିଅଙ୍କୁ ବ୍ରହ୍ମପୁର ଷ୍ଟେସନରେ ବସାଇ ଶୌଚାଳୟ ଯିବା ବାହାନାରେ ଖସି ପଳାଇଥିଲେ। ଏନେଇ ପୂଜା ହିଞ୍ଜିଳି ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ନ୍ୟାୟ ନ ମିଳିବାରୁ ଗତକାଲିଠାରୁ ସେ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଥିଲେ। ପୂଜା ୪ ମାସର ଗର୍ଭବତୀ ଥିବା ବେଳେ ଗତକାଲି କେତେକ ଗଣମାଧ୍ୟମ ପ୍ରତିନିଧି ପୂଜାଙ୍କୁ ତାଙ୍କ ଧାରଣା ସମ୍ପର୍କରେ ପଚାରିଥିଲେ। ତେବେ ସେଠାରେ ଅଧିକ ଭିଡ଼ ହେଉଥିବାରୁ ଏହାକୁ ନେଇ ଚିଣ୍ଟୁଙ୍କ ସାନ ଭାଇ ଲିଟୁ ଉତ୍ତ୍ୟକ୍ତ ହୋଇ ଆଜି ପୂଜାଙ୍କୁ ଏ ସମ୍ପର୍କରେ ପଚାରିଥିଲା। ସେମାନଙ୍କ ମଧ୍ୟରେ କିଛି ଉଚ୍ଚବାଚ ହେବାରୁ ଲିଟୁ ତାଙ୍କୁ ଧାରୁଆ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୂଜା ଛଟପଟ ହୋଇ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ମୃତଦେହ ପାଖରେ ବସି କୁନି ଝିଅଟିର 'ମା..., ମା...' ଡାକ ସେଠାରେ ଏକ କରୁଣମୟ ପରିବେଶ ସୃଷ୍ଟି କରିଥିଲା। ହିଞ୍ଜିଳି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ସକାଶେ ପଠାଇଛି। ଏଥିସହ ଲିଟୁକୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଛି।

### ପାନୀୟ ଜଳ ସମସ୍ୟାର ସମାଧାନ ଦାବି

# ପିଏଚଡି କାର୍ଯ୍ୟାଳୟ ଘେରିଲେ ଉତ୍ତ୍ୟକ୍ତ ଲୋକେ



ଯନ୍ତ୍ରୀଙ୍କ ଟେବୁଲ ଉପରେ ମାଠିଆ ରଖି ପ୍ରତିବାଦ କଲେ

**ବଲାଙ୍ଗୀର,୫।୫(ସଂଚାର ବ୍ୟୁରୋ)ଃ** ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ପାନୀୟ ଜଳ ଯୋଗାଣରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ବେଳେ ଏହା ପ୍ରତିବାଦରେ ଆଜି ସକାଳୁ ମ୍ୟୁନିସିପାଲିଟି ଅଧ୍ୟକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ସମସ୍ତ ବିଜେଡି କାଉନସିଲର ଜନସ୍ୱାସ୍ଥ୍ୟ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ମାଠିଆ ଧରି କାଉନସିଲରମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରବେଶ କରିବା ସହ ଯନ୍ତ୍ରୀଙ୍କ ଟେବୁଲ ଉପରେ ମାଠିଆ ରଖି ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ବାରମ୍ବାର ଅଭିଯୋଗ ହେବା ସତ୍ତ୍ୱେ ସଠିକ୍ ଭାବେ ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳର ବିଭିନ୍ନ ୱାର୍ଡକୁ ଜନସ୍ୱାସ୍ଥ୍ୟ ବିଭାଗ ପାଣି ଯୋଗାଉ ନ ଥିବାରୁ ଖରା ଦିନରେ ଜଳକଷ୍ଟ ଉତ୍କଟ ହେଉଛି। ଅନ୍ୟପକ୍ଷରେ ଉନ୍ନୟନ କାମ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ସହରର ପ୍ରାୟ ବନ୍ଧକଟାର ପାଣି ନିଷ୍କାସିତ ହୋଇସାରିଛି। ଏହାଦ୍ୱାରା ଜଳ ସ୍ତର କମିଯିବା ସହ କୂଅ ଓ ବୋରିଂର ଜଳ ସ୍ତର ମଧ୍ୟ ନିମ୍ନଗାମୀ ହେଉଛି। ଏପରିକି କେତେକ ସ୍ଥାନରେ କୂଅ ଶୁଖିଗଲାଣି। ଏଭଳି ସ୍ଥିତିରେ ଲୋକଙ୍କର ପିଏଚଡି ପାଣି ଉପରେ ଭରସା କରିବା ଛଡ଼ା ଅନ୍ୟ କୌଣସି ବାଟ ନାହିଁ। ସେହିପରି ସପ୍ଲାଏ ପାଣି ମଧ୍ୟ ସଠିକ୍ ଭାବେ ଆସୁନଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ ଦିନ ଭିତରେ ପାନୀୟ ଜଳ ଯୋଗାଣ ଦିଗରେ ସୁବନ୍ଦୋବସ୍ତ କରାନଗଲେ, ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦିଆଯାଇଛି।

### ଟଙ୍କା ଆତ୍ମସାତ୍ ଘଟଣା

# କେସିସି ବ୍ୟାଙ୍କ ମ୍ୟାନେଜର ଗିରଫ

**ଜୟପୁର,୫।୫(ସଂଚାର ବ୍ୟୁରୋ)ଃ** ମାଲକାନଗିରିସ୍ଥିତ କୋରାପୁଟ ସେଣ୍ଟ୍ରାଲ୍ କୋଅପରେଟିଭ୍ (କେସିସି) ବ୍ୟାଙ୍କର ମ୍ୟାନେଜରଙ୍କ ପାଖାପାଖି ଏକ କୋଟି ଟଙ୍କା ଆତ୍ମସାତ କରିଥିବା ବେଳେ ଆଜି ଏହି ଘଟଣାରେ ଭିଜିଲାନ୍ସ ବିଭାଗର ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମ୍ୟାନେଜର ସୁଧାଂଶୁ ଖରାଙ୍କୁ ଗିରଫ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି ଭିଜିଲାନ୍ସ ବିଭାଗ। ସୁଧାଂଶୁଙ୍କ ନାଁରେ ପ୍ରାୟ ୧ କୋଟି ୮ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, କେସିସି ବ୍ୟାଙ୍କ ଦ୍ୱାରା ବିଭିନ୍ନ ଲ୍ୟାମ୍ପ୍ସ ମାଧ୍ୟମରେ ଚାଷୀଙ୍କୁ ଚାଷ ଋଣ ପ୍ରଦାନ କରାଯାଇଥାଏ। ଏହି ଟଙ୍କା ଲ୍ୟାମ୍ପ୍ସ ମାଧ୍ୟମରେ ଆଦାୟ ପରେ ସମ୍ପୃକ୍ତ ଚାଷୀଙ୍କ ଆକାଉଣ୍ଟରେ ବ୍ୟାଙ୍କ ମାଧ୍ୟମରେ ପୈଠ ହେବା କଥା। କିନ୍ତୁ ବ୍ୟାଙ୍କ ମ୍ୟାନେଜର ଶ୍ରୀ ଖରା ଉକ୍ତ ଟଙ୍କା ସେମାନଙ୍କ ଆକାଉଣ୍ଟରେ ଡିପୋଜିଟ୍ ନ କରି ଭିନ୍ନ ଭିନ୍ନ ଆକାଉଣ୍ଟରେ ଡିପୋଜିଟ୍ କରି ଆତ୍ମସାତ କରିଥିବା କୋରାପୁଟ ଡିଭିଜନର ଭିଜିଲାନ୍ସ ଏସପି କହିଛନ୍ତି।

# ୫ ବର୍ଷ ବିତିଲା, ତଥାପି ଖୋଲିଲାନି ଶ୍ରୀଗୋପୀନାଥ ସୂତାକଳ

- ହଜାରେରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ସ୍ୱପ୍ନ ଧୂଳିସାତ
- ବାହାନା ଦେଖାଇ ସମୟ ଗଡ଼ାଇ ଚାଲିଛି କମ୍ପାନୀ




**ବାଲିଆପାଳ,୫।୫(ସଂଚାର ବ୍ୟୁରୋ)ଃ** ଗତ ମେ ପହିଲାରେ ସବୁଠି ଶ୍ରମିକ ଦିବସ ପାଳିତ ହୋଇଛି। ଶ୍ରମିକମାନଙ୍କ ଭବିଷ୍ୟତ ପାଇଁ କେତେ କ'ଣ ସ୍ୱପ୍ନ ଦେଖାଇ ଲମ୍ବା ଲମ୍ବା ଭାଷଣ ଦିଆଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ କିଛି ବୟାନ କରୁଛି। ବାଲିଆପାଳର ଶ୍ରୀଗୋପୀନାଥ ସୂତାକଳ ଏକଦା ହଜାରେରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀଙ୍କୁ ଦାନାପାଣି ଦେଉଥିଲା। କିନ୍ତୁ ଦୀର୍ଘ ୧୪ ବର୍ଷ ଧରି ବନ୍ଦ ରହିବା ପରେ ଏବେ ଏହାକୁ ସବୁଦିନ ପାଇଁ ବନ୍ଦ କରିବା ପାଇଁ ଚକ୍ରାନ୍ତ ଚାଲିଛି। ସରକାର ମିଲ୍‌କୁ ଚଳାଇପାରିବେ ନାହିଁ ବୋଲି କହିବା ସହ ଗତ ୨୦୧୭ରେ ପିକନ ଇଲେକ୍ଟ୍ରୋନିକ୍ସ ନାମକ ରାଜ୍ୟ ବାହାରର କମ୍ପାନୀ ହାତକୁ ମିଲ୍‌ଟିକୁ ମାତ୍ର ୫ କୋଟି ୭୫ଲକ୍ଷ ଟଙ୍କାରେ ଟେକି ଦେଇଥିଲେ।

ମିଲ୍ କିଣିବା ବେଳେ ଏହି କମ୍ପାନୀ ଏହାକୁ କାର୍ଯ୍ୟକ୍ଷମ କରିବ ବୋଲି ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଥିଲା। ପୂର୍ବରୁ ମଧ୍ୟ ସମ୍ପୃକ୍ତ କମ୍ପାନୀ ମିଲ ବନ୍ଦ ହେବା ପର୍ଯ୍ୟନ୍ତ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହାକୁ କନଭର୍ସନରେ ଚଳାଉଥିଲା। କମ୍ପାନୀର ଅଭିଜ୍ଞତା ଦୃଷ୍ଟିରୁ ମିଲ୍ ପୁଣି କାର୍ଯ୍ୟକ୍ଷମ ହେବ ବୋଲି ବାଲିଆପାଳବାସୀଙ୍କ ମନରେ ଆଶା ସଂଚାର ହୋଇଥିଲା । ତେବେ ମିଲ୍ ଚଳାଇବା ତ ଦୂରର କଥା, କମ୍ପାନୀ ମିଲ୍ ଭିତରେ ଥିବା କୋଟି କୋଟି ଟଙ୍କାର ମୂଲ୍ୟବାନ ଯନ୍ତ୍ରପାତି ରାତାରାତି ଟ୍ରକ ଲଗାଇ ବୋହି ନେଇ ବିକ୍ରି କରିଦେଇଥିଲା। ମିଲ ଭିତରେ ଏକ ଫେରୋସିଲ୍କ କାରଖାନା ହେବ ବୋଲି କମ୍ପାନୀ କହିଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀ ମିଲ ପରିସରରୁ ଶତାଧିକ ପୁରୁଣା ଗଛ କାଟି ବିକ୍ରି କରିଦେଲେ। ଇତିମଧ୍ୟରେ ସରକାରଙ୍କ ସହ କମ୍ପାନୀର ଚୁକ୍ତିନାମାକୁ ପାଖାପାଖି ୯ ବର୍ଷ ପୂରିବାକୁ ବସିଥିବା ବେଳେ ମିଲ୍ ଖୋଲିବା ତ ଦୂରର କଥା, ପରିସରରେ ଇଟା ଖଣ୍ଡିଏ ବି ପଡ଼ିନାହିଁ। ସରକାର ମିଲ୍ ଜମିକୁ କମ୍ପାନୀ ନାମରେ ପଞ୍ଜିକରଣ କରି ନ ଥିବାରୁ କମ୍ପାନୀ ବ୍ୟାଙ୍କ୍ ଋଣ ପାଇପାରୁନାହିଁ ଆଉ ସୂତାକଳ ଖୋଲିବାରେ ହେଉଥିବା ବିଳମ୍ବ ପାଇଁ ଏହା ହିଁ ଦାୟୀ ବୋଲି ଦାୟିତ୍ୱରେ ରେ ଥିବା ପୂର୍ବତନ ଏମଡି ଭରତ ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତିଙ୍କଠାରୁ ଏହା ଜାଣିବା ପରେ ମିଲରେ କାମ କରୁଥିବା ଶ୍ରମିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବେକାର ଯୁବକଯୁବତୀ ନିରାଶ ହୋଇଛନ୍ତି। ଏହି ମିଲ୍‌ର ଏବେ ୪୦ ଏକର ଜାଗା ରହିଛି ଯାହାର ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା ହେବ। ତେବେ କମ୍ପାନୀ ପୁଣିଥରେ ସୂତାକଳକୁ ଚାଲୁ କରିବ, ସେପରି ସମ୍ଭାବନା କମ୍ ରହିଛି। କାରଣ କମ୍ପାନୀ ଉକ୍ତ ଜମିକୁ ବିକ୍ରି କରିବା ଯୋଜନାରେ ଥିବା ଶୁଣିବାକୁ ମିଳୁଛି। ତେଣୁ ଏଥିପ୍ରତି ସରକାର ଦୃଷ୍ଟି ଦେଇ ସୂତାକଳ କିପରି ତୁରନ୍ତ କାର୍ଯ୍ୟକ୍ଷମ ହେବ, ସେନେଇ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳର ଲୋକେ ଓ ମିଲ୍‌ର କର୍ମଚାରୀମାନେ ଦାବି କରିଛନ୍ତି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

# ଏପ୍ରିଲରେ ଏଲ୍‌ପିଜି ବ୍ୟବହାର ୧୬% ହ୍ରାସ




ନୂଆଦିଲ୍ଲୀ, ୫।୫: ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ହର୍ମୁଜ ପ୍ରଣାଳୀ ବନ୍ଦ ପାଇଁ ଦେଶକୁ ଏଲ୍‌ପିଜି ଆସିବାରେ ଅସୁବିଧା ସୃଷ୍ଟି ହୋଇଛି। ଏଥିପାଇଁ ଦେଶରେ ଉଭୟ ଘରୋଇ ଓ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଫଳରେ ଏପ୍ରିଲରେ ଦେଶରେ ଏଲ୍‌ପିଜି ବ୍ୟବହାର ୧୬.୧୬ ପ୍ରତିଶତ କମିଯାଇଛି। ସୂଚନା ଅନୁଯାୟୀ, ଏପ୍ରିଲରେ ୨.୨ ନିୟୁତ ଟନ୍ ଏଲ୍‌ପିଜି ବ୍ୟବହାର ହୋଇଛି। ୨୦୨୫ ଏପ୍ରିଲ ତୁଳନାରେ ଏହା ୧୬.୧୬ ପ୍ରତିଶତ କମ୍। ଚଳିତବର୍ଷ ମାର୍ଚ୍ଚରେ ବ୍ୟବହାର ହୋଇଥିବା ୨.୩୭୯ ନିୟୁତ ଟନ ଏଲ୍‌ପିଜି ତୁଳନାରେ ମଧ୍ୟ ଏହା କମ୍ ବୋଲି ପେଟ୍ରୋଲିୟମ ମନ୍ତ୍ରାଳୟର ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ୍ ଆନାଲିସିସ୍ ସେଲ୍ (ପିପିଏସି) ତଥ୍ୟରୁ ଜଣାଯାଇଛି।

ଭାରତ ଏହାର ମୋଟ ଏଲ୍‌ପିଜି ଆବଶ୍ୟକତାର ପ୍ରାୟ ୬୦ ପ୍ରତିଶତ ଆମଦାନି କରିଥାଏ। ଏଥିରୁ ଅଧିକାଂଶ ହର୍ମୁଜ ପ୍ରଣାଳୀ ଦେଇ ଆସିଥାଏ। କିନ୍ତୁ ପୃଥିବୀର ଏହି ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ ବନ୍ଦ ରହିଛି। ମଧ୍ୟପ୍ରାଚ୍ୟରୁ ଏଲ୍‌ପିଜି ଯୋଗାଣ ହ୍ରାସ ପାଇବା ଫଳରେ ସରକାର ଦେଶରେ ଗ୍ୟାସ ଯୋଗାଣ ଉପରେ କଟକଣା ଲଗାଇଛନ୍ତି। ସହରାଞ୍ଚଳରେ ଘରୋଇ ଏଲ୍‌ପିଜି ଗ୍ରାହକଙ୍କ ପାଇଁ ଗ୍ୟାସ ଡେଲିଭରିର ୨୫ ଦିନ ପରେ ବୁକିଂ ସୁବିଧା ମିଳୁଛି। ଗ୍ରାମାଞ୍ଚଳରେ ଏହି ଅବଧିକୁ ୪୫ ଦିନ କରାଯାଇଛି। ରିଫିଲ୍ ବୁକିଂ ଅବଧି ବଢ଼ାଇ ଦେଇ ସରକାର ଗ୍ୟାସର ଚାହିଦା ଓ ଯୋଗାଣ ମଧ୍ୟରେ ନିୟନ୍ତ୍ରଣ ଆଣିବାକୁ ପ୍ରୟାସ କରିଛନ୍ତି। ଏଥିସହିତ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ଉପରେ କଟକଣା ଲଗାଇ ଦିଆଯାଇଛି। ମାର୍ଚ୍ଚ ମାସରେ ଦେଶରେ ଏଲ୍‌ପିଜି ବ୍ୟବହାର ୧୨.୮ ପ୍ରତିଶତ ହ୍ରାସ ପାଇ ୨.୩୭୯ ନିୟୁତ ଟନ ରହିଥିଲା।

ଏପ୍ରିଲରେ ଏଟିଏଫ୍ ବା ବିମାନ ଇନ୍ଧନ ବ୍ୟବହାର ୧.୩୭ ପ୍ରତିଶତ ହ୍ରାସ ପାଇ ୭,୬୧,୦୦୦ ଟନ୍‌ରେ ରହିଛି। ମାର୍ଚ୍ଚ ମାସରେ ଦେଶରେ ଏଟିଏଫ୍ ବ୍ୟବହାର ୮,୦୭,୦୦୦ ଟନ ରହିଥିଲା। ତେଣୁ ମାର୍ଚ୍ଚ ତୁଳନାରେ ଏପ୍ରିଲରେ ୪୬ ହଜାର ଟନ କମ୍ ଏଟିଏଫ୍ ବିକ୍ରି ହୋଇଛି। ଏପ୍ରିଲରେ ଡିଜେଲ ବ୍ୟବହାର ମାତ୍ର ୦.୨୫ ପ୍ରତିଶତ ବୃଦ୍ଧି ଘଟି ୮.୨୮୨ ନିୟୁତ ଟନରେ ରହିଛି। ମାର୍ଚ୍ଚ ମାସରେ ଡିଜେଲ ବ୍ୟବହାର ୮.୧ ପ୍ରତିଶତ ବୃଦ୍ଧି ଘଟି ୮.୭୨୭ ନିୟୁତ ଟନ ରହିଥିଲା। ଏପ୍ରିଲରେ ପେଟ୍ରୋଲ ବିକ୍ରି ୬.୩୬ ପ୍ରତିଶତ ବୃଦ୍ଧି ଘଟି ୩.୬୭ ନିୟୁତ ଟନରେ ରହିଥିଲେ ମଧ୍ୟ ମାର୍ଚ୍ଚରେ ହୋଇଥିବା ୩.୭୮ ନିୟୁତ ଟନ ତୁଳନାରେ ଏହା କମ୍ ବୋଲି ଜଣାଯାଇଛି।

## ଇରାନ ଆକ୍ରମଣ ଆରମ୍ଭ, ଏପଟେ କମିଗଲା ସୁନା ଓ ରୁପା ଦର

ନୂଆଦିଲ୍ଲୀ, ୫।୫:ପୁଣିଥରେ ଇରାନ ଆକ୍ରମଣ କରିବା ଆରମ୍ଭ କରିଦେଇଛି। ଫଳରେ ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଦେଖା ଦେଇଛି। ଏପଟେ ଆକ୍ରମ ହେବା ମାତ୍ରେ ପୁଣିଥରେ ସୁନା ଓ ରୁପା ଦର କମିଯାଇଛି। ମଙ୍ଗଳବାର (ମେ ୫ ତାରିଖ) ସୁନା ଏବଂ ରୁପା ଦର ହ୍ରାସ ପାଇଛି।

ଇଣ୍ଡିଆ ବୁଲିୟନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍ ଅନୁଯାୟୀ, ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ୫୪୩ ହ୍ରାସ ପାଇ ୧.୪୭ ଲକ୍ଷ ହୋଇଛି। ପୂର୍ବରୁ, ଏହାର ମୂଲ୍ୟ ୧.୪୮ ଲକ୍ଷ ଥିଲା। ଏହି ସମୟରେ, ଏକ କିଲୋଗ୍ରାମ ରୁପା ମୂଲ୍ୟ ୬୧୮ ଟଙ୍କା ହ୍ରାସ ପାଇ ୨.୩୯ ଲକ୍ଷ ଟଙ୍କା ହୋଇଛି। ଏହା ପୂର୍ବରୁ ସୋମବାର ରୁପା କିଲୋଗ୍ରାମ ମୂଲ୍ୟ ୨.୪୦ ଲକ୍ଷ ଟଙ୍କା ଥିଲା। ୨୦୨୬ ସୁନା ଏପର୍ଯ୍ୟନ୍ତ ୧୪,୦୦୦ ମହଙ୍ଗା ହୋଇ ସାରିଲଣି। ୩୧ ଡିସେମ୍ବର ୨୦୨୫ ରେ ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ମୂଲ୍ୟ ୧.୩୩ ଲକ୍ଷ ଥିଲା, ଯାହା ଏବେ ୧.୪୭ ଲକ୍ଷରେ ପହଞ୍ଚିଛି। ସେହିପରି ଚଳିତ ବର୍ଷ ରୁପା ୯,୦୦୦ ମହଙ୍ଗା ହୋଇଛି। ୩୧ ଡିସେମ୍ବର ୨୦୨୫ ରେ ରୁପା କିଲୋଗ୍ରାମ ପିଛା ୨.୩୦ ଲକ୍ଷ ଥିଲା, ଯାହା ଏବେ ୨.୩୯ ଲକ୍ଷକୁ ବୃଦ୍ଧି ପାଇଛି। ବର୍ଷ ଆରମ୍ଭରେ ସୁନା ମୂଲ୍ୟ ଅଧିକ ଥିଲା କିନ୍ତୁ ଲାଭ-ବୁକିଂ ଏବଂ ଇରାନ ଯୁଦ୍ଧ ଯୋଗୁ ଗତ କିଛି ସପ୍ତାହରେ ଏହା ହ୍ରାସ ପାଇଛି। ୨୦୨୫ ଡିସେମ୍ବର ୩୧ ତାରିଖରେ ୨୪ କ୍ୟାରେଟ ସୁନା ମୂଲ୍ୟ ଥିଲା ୧.୩୩ ଲକ୍ଷ ଟଙ୍କା। ଏହାପରେ ୨୯ ଜାନୁଆରୀ ୨୦୨୬ରେ ଏହା ସର୍ବୋଚ୍ଚ ସ୍ତର ୧.୭୬ ହଜାର ଟଙ୍କା ଛୁଇଁଥିଲା। ହେଲେ ଇରାନ ଯୁଦ୍ଧ ପରେ ଏଥିରେ ୨୯ ହଜାର ଟଙ୍କା ହ୍ରାସ ପାଇ ୧.୪୭ ଲକ୍ଷ ଟଙ୍କା ହୋଇଛି।



### ଗ୍ରାହକଙ୍କୁ ଝଟକା ଦେଲା ଜିଓ

## ବନ୍ଦ କରିଦେଲା ସୁଲଭ ପ୍ରିପେଡ ପ୍ଲାନ୍

ନୂଆଦିଲ୍ଲୀ,୫।୫: ରିଲାଏନ୍ସ ଜିଓ ଏହାର ଲକ୍ଷ ଲକ୍ଷ ଗ୍ରାହକଙ୍କୁ ଏକ ବଡ଼ ଝଟକା ଦେଇଛି। କମ୍ପାନୀ ଏହାର ଏକ ଲୋକପ୍ରିୟ ଏବଂ ସୁଲଭ ପ୍ରିପେଡ ଯୋଜନା ବନ୍ଦ କରିଦେଇଛି, ଯାହା ବ୍ୟବହାରକାରୀଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ଥିଲା। ଭାରତୀୟ ଟେଲିକମ ନିୟାମକ ପ୍ରାଧିକରଣ (ଟ୍ରାଇ)ର ନିର୍ଦ୍ଦେଶ ପରେ ଏହି ପଦକ୍ଷେପ ନିଆଯାଇଥିବା ବିଶ୍ୱାସ କରାଯାଉଛି। ରିପୋର୍ଟ ଅନୁଯାୟୀ, ଟ୍ରାଇର କିଛି ଟାରିଫ ଯୋଜନାକୁ ସ୍ୱଚ୍ଛତାର ଅଭାବ ଏବଂ ପକ୍ଷପାତପୂର୍ଣ୍ଣ ମନେ କରି ବନ୍ଦ କରିବାକୁ ସୁପାରିଶ କରିଥିଲା।ଏହି ୨୦୯ ଟଙ୍କାର ପ୍ଲାନ ଜିଓର ଏକମାତ୍ର ସୁଲଭ ପ୍ୟାକ ଥିଲା, ଯାହା ପ୍ରତିଦିନ ୧ଜିବି ଡାଟା ପ୍ରଦାନ କରୁଥିଲା। ଏବେ, ଏହାର ବନ୍ଦ ହେବା ପରେ, ବ୍ୟବହାରକାରୀମାନଙ୍କ ପାଖରେ ଆଉ ଏପରି ବଜେଟ-ଅନୁକୂଳ ବିକଳ୍ପ ନାହିଁ। କମ୍ପାନୀ ଏହାକୁ ପୁନଃ ଲଞ୍ଚ କରିବ କି ନାହିଁ ତାହା ସ୍ପଷ୍ଟ ନୁହେଁ। ଏହି ଯୋଜନାରେ ୨୨ ଦିନର ବୈଧତା ସହିତ ମୋଟ ୨୨ ଜିବି ହାଇ-ସ୍ପିଡ ଡାଟା, ଅର୍ଥାତ୍ ପ୍ରତିଦିନ ୧ ଜିବି ପ୍ରଦାନ କରାଯାଉଥିଲା। ଏଥିରେ ଅସୀମିତ ଭଏସ କଲିଂ ଏବଂ ପ୍ରତିଦିନ ୧୦୦ ଟି ଏସଏମଏସ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଉପଭୋକ୍ତାମାନେ ଜିଓ ଟିଭି ଏବଂ ଜିଓ ଏଇଆଇ କ୍ଲାଉଡ ଭଳି ପ୍ଲାଟଫର୍ମର ମଧ୍ୟ ଆକ୍ସେସ ପାଇଥିଲେ। ଦୈନିକ ଡାଟା ସୀମା ପହଞ୍ଚିବା ପରେ, ଇଣ୍ଟରନେଟ ସ୍ପିଡ ୬୪ କେବିପିଏସକୁ ହ୍ରାସ କରାଯାଇଥିଲା।

### ପୋଷ୍ଟ ଅଫିସ୍ ନିୟମରେ ବଡ଼ ପରିବର୍ତ୍ତନ

## ଟଙ୍କା ଉଠାଇବା ଆଉ ହେବନି ସହଜ

ନୂଆଦିଲ୍ଲୀ, ୫।୫:ପୋଷ୍ଟ ଅଫିସ୍ ଏକ ନୋଟିଫିକେସନ୍ ଜାରି କରିଛି। ପୋଷ୍ଟ ଅଫିସ୍ ନିୟମରେ ୨ ବଡ଼ ପରିବର୍ତ୍ତନ ହୋଇଛି। ପ୍ୟାନ୍ କାର୍ଡ ବିନା ଟଙ୍କା ଜମା କିମ୍ବା ଉଠାଣ କରିପାରିବେ ନାହିଁ ଆକାଉଣ୍ଟଧାରକ।ଏକ ଫର୍ମରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଆୟକର ଆଇନ ପକ୍ଷରୁ ଏହି ୨ ଟି ନିୟମରେ ପରିବର୍ତ୍ତନ କରାଯାଇଛି। ଏବେ ପୋଷ୍ଟ ଅଫିସର ଯୋଜନା ହେଉ କିମ୍ବା ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କରେ ରେଜିଷ୍ଟ୍ରେସନ୍ ପାଇଁ ଆକାଉଣ୍ଟଧାରକମାନଙ୍କର ପ୍ୟାନ୍ କାର୍ଡକୁ ବାଧ୍ୟତାମୂଳକ କରିଦିଆଯାଇଛି। ପ୍ୟାନ୍ କାର୍ଡ ବିନା ଟଙ୍କା ଜମା କରିବା ଏବଂ ଉଠାଇବା ଅସମ୍ଭବ। ପୋଷ୍ଟ ଅଫିସରେ ଆକାଉଣ୍ଟ ଖୋଲିବା, ଟଙ୍କା ଜମା କରିବା, ଟଙ୍କା ଉଠାଣ, ଫିକ୍ସଡ୍ ଡିପୋଜିଟ୍ ସମେତ ଅନ୍ୟାନ୍ୟ କାରବାର ପାଇଁ ପ୍ୟାନ୍ କାର୍ଡ ନମ୍ବର ପ୍ରଦାନ କରିବା ବାଧ୍ୟତାମୂଳକ। ଏହି ଆବଶ୍ୟକ ଆୟକର ନିୟମ ୨୦୨୬ର ୧୫୯, ୧୬୦, ୧୬୧, ୨୧୧ ଏବଂ ୨୩୭ ଅଧୀନରେ ଆସେ। ସ୍ୱଚ୍ଛତାକୁ ଉନ୍ନତ କରିବା , ଉଚ୍ଚ-ମୂଲ୍ୟ କାରବାର ଉପରେ ନଜର ରଖିବା ଏବଂ ପୋଷ୍ଟ ଅଫିସ୍ ସଞ୍ଚୟ ନେଟୱାର୍କ ମଧ୍ୟରେ ଟିକସ ଚୋରୀ ସମ୍ଭାବନାକୁ କମ୍ କରିବା ହେଉଛି ଏହି ପଦକ୍ଷେପର ଲକ୍ଷ୍ୟ। ଏଥିସହ ଯେଉଁମାନଙ୍କର ପ୍ୟାନ୍ କାର୍ଡ ନାହିଁ ସେମାନଙ୍କ ପାଇଁ ନିୟମରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପ୍ୟାନ କାର୍ଡ ନଥିବା ଜମାକାରୀମାନେ ଏବେ ଫର୍ମ ୬୦ ବଦଳରେ ଫର୍ମ ୯୭ ପୂରଣ କରି ଦାଖଲ କରିବେ।




ଏହି ଫର୍ମରେ ଜମାକାରୀଙ୍କ ନାମ ଏବଂ ଠିକଣା, କାରବାରର ପ୍ରକାର ଏବଂ କାରବାର ଯାଞ୍ଚ କରୁଥିବା ସହାୟକ ଡକ୍ୟୁମେଣ୍ଟ ରହିବା ଜରୁରୀ। ପ୍ୟାନ୍ କାର୍ଡ ନମ୍ବର ବିନା ଟଙ୍କା ଜମା କିମ୍ବା ଉଠାଣ ଏବଂ ଟିକସ ଚୋରୀ ମଧ୍ୟରେ କାରବାରକୁ ସଠିକ୍ ଭାବେ ରେକର୍ଡ କରାଯାଇପାରିବ ବୋଲି ପୋଷ୍ଟ ଅଫିସଗୁଡ଼ିକୁ ଏହି ସୂଚନା ସଂଗ୍ରହ କରିବାର ଦାୟିତ୍ୱ ଦିଆଯାଇଛି। ଯଦି ଆଉ ଏକ ପରିବର୍ତ୍ତନ ସମ୍ପର୍କରେ କୁହାଯାଏ ତେବେ ଫର୍ମ ୧୫G ଏବଂ ୧୫H କୁ ଏକାଠି କରି ଗୋଟିଏ ଫର୍ମ ୧୨୧ କରିଦିଆଯାଇଛି। ପୂର୍ବରୁ, ସୁଧ ଉପରେ ଟିଡିଏସ କାଟରୁ ବଞ୍ଚିବା ପାଇଁ ୬୦ ବର୍ଷରୁ କମ୍ ବୟସ୍କଙ୍କ ପାଇଁ ଫର୍ମ ୧୫ଜି ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଫର୍ମ ୧୫H ଦାଖଲ କରାଯାଉଥିଲା। କିନ୍ତୁ ଏବେ କେବଳ ୧୨୧ ଫର୍ମ ଦାଖଲ କରାଯିବ। ଏହାକୁ ପ୍ରତି ଆର୍ଥିକ ବର୍ଷରେ ଦାଖଲ କରିବାକୁ ପଡିବ। ଯେତେବେଳେ ଜମାକାରୀଙ୍କ ମୋଟ୍ ଆୟ ଶୂନ ହୋଇଥାଏ ସେତେବେଳେ ଏହି ନିୟମ ଲାଗୁ କରାଯିବ। ଏହି ପରିବର୍ତ୍ତନ ଖୁବ୍ ଶୀଘ୍ର ଲାଗୁ ହେବାକୁ ଯାଉଛି।

## ଓପନଏଆଇ କମ୍ପାନୀ ପ୍ରଥମ ଥର ତିଆରି କରୁଛି ଏଆଇ ସ୍ମାର୍ଟଫୋନ୍

ନୂଆଦିଲ୍ଲୀ,୫।୫:ଚାର୍ଟଜିପିଟି ତିଆରି କରୁଥିବା ଏଆଇ କମ୍ପାନୀ ଓପନଏଆଇ ଏବେ ଆପଲ୍ ଓ ସାମସଙ୍ଗକୁ ଚ୍ୟାଲେଞ୍ଜ ଦେବାର ପ୍ରସ୍ତୁତିରେ ରହିଛି। ମିଡିଆ ରିପୋର୍ଟ ଅନୁସାରେ, କମ୍ପାନୀ ପ୍ରଥମେ ଏଆଇ ଫୋନ୍ ଉପରେ କାମ କରୁଛି। ଏଥିରେ ବହୁ ଆପ୍ ଭିତରେ ନାଭିଗେଟ୍ କରିବା ବଦଳରେ, ୟୁଜର୍ସଙ୍କୁ ନିଜର କାମ ପୁରା କରିବା ପାଇଁ ଏଆଇ ଉପରେ ନିର୍ଭର କରିବ। ଆନାଲିଷ୍ଟ ମିଗ୍-ଚି କୁଓ ଏକ ଏକ୍ସ ପୋଷ୍ଟ କରିଛନ୍ତି ଓପନଏଆଇ ନିଜର ପୂର୍ବ ଏଆଇ ଏଜେଣ୍ଟ ସ୍ମାର୍ଟଫୋନର ଡେଭଲପମେଣ୍ଟକୁ ଦ୍ରୁତ ଗତିରେ ଆଗକୁ ବଢାଉଛି ଓ ଆଶା ରହିଛି ୨୦୨୭ ର ପ୍ରଥମ ୬ ମାସ ପର୍ଯ୍ୟନ୍ତ ଏହାର ବଡ ପରିମାଣରେ ପ୍ରଡକ୍ସନ ଆରମ୍ଭ ହୋଇଯିବ। ମିଗ୍-ଚି କୁଓଙ୍କ କହିବା ଅନୁସାରେ, ଏଆଇ ପାଓ୍ୱାର୍ଡ ସ୍ମାର୍ଟଫୋନ୍ କିମ୍ବା ଏଜେଣ୍ଟ ଫୋନ୍ କ୍ଷେତ୍ରରେ ଏହା ହେଉଛି ବଢୁଥିବା ମୁକାବିଲା। ଏଠାରେ କମ୍ପାନୀ ଗୁଡିକ ଅଧିକ ଆଡଭାନ୍ସ ଏଆଇ ଫିଚର୍ସ ଦେବାର ଚେଷ୍ଟାରେ ରହିଥାଏ। 'ଏକ୍ସ' ଉପରେ ତାଙ୍କର ପୂର୍ବ ପୋଷ୍ଟରେ, କୁଓ ଉଲ୍ଲେଖ କରିଥିଲେ ଯେ ଓପନଏଆଇ ସ୍ମାର୍ଟଫୋନ୍ ପାଇଁ ପ୍ରୋସେସର ବିକାଶ କରିବା ପାଇଁ ମିଡିଆ ଟେକ୍ ଏବଂ କ୍ୱାଲାକମ୍ ଉଭୟଙ୍କ ସହିତ ସହଭାଗୀତା କରିଛି। ତଥାପି, ଏହା ଦେଖାଯାଉଛି ଯେ ଉନ୍ନତ ସ୍ପେସିଫିକୌସନ୍ ଯୋଗୁଁ, ଓପନଏଆଇ ସ୍ମାର୍ଟଫୋନ୍ ପ୍ରୋସେସର ପାଇଁ ଏକମାତ୍ର ଯୋଗାଣକାରୀ ଭାବରେ ମିଡିଆ ଟେକ୍‌କୁ ଚୂଡ଼ାନ୍ତ କରିଛି। ସ୍ମାର୍ଟଫୋନର ପ୍ରୋସେସରଟି ଡାଇମନସିଟି ୯୬୦୦ ଉପରେ ଆଧାରିତ ହେବ ଏବଂ ଟିଏସଏମସି ଏନ୨ପି ନୋଡ୍



(୨ଏନଏମ-କ୍ଲାସ୍ ସେମିକଣ୍ଡକ୍ଟର ନୋଡ୍) ବ୍ୟବହାର କରି ନିର୍ମିତ ହେବ। ୨୦୨୬ ର ଦ୍ୱିତୀୟାର୍ଦ୍ଧରେ ଉତ୍ପାଦନ ଆରମ୍ଭ ହେବାର ଆଶା କରାଯାଉଛି। ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଏଆଇ କମ୍ପ୍ୟୁଟ୍ ପାଇଁ ଡୁଆଲ୍-ଏନପିୟୁ ଆର୍କିଟେକ୍ଚର, ମେମୋରୀ ବାଧାଗୁଡ଼ିକୁ ସମାଧାନ କରିବା ପାଇଁ ଏଲପିଡିଡିଆର୬+ୟୁଏଫଏସ ୫.୦, ଏବଂ ସୁରକ୍ଷା ପାଇଁ ପିକେଭିଏମ ଏବଂ ଇନଲାଇନ୍ ହାସିଂ ଅନ୍ତର୍ଭୁକ୍ତ। ମିଙ୍ଗ୍-ଚି କୁଓ ଏକ ଏକ୍ସ ପୋଷ୍ଟରେ ଲେଖିଛନ୍ତି ଯେ ଯଦି ବିକାଶ ସଠିକ୍ ଗତିରେ ଜାରି ରହେ, ତେବେ ମୋଟ ସିପମେଣ୍ଟ ୨୦୨୭-୨୦୨୮ରେ ପ୍ରାୟ ୩୦ ମିଲିୟନ ୟୁନିଟ୍ ପର୍ଯ୍ୟନ୍ତ ପହଁଞ୍ଚିପାରେ।

ଫୋନ୍ ବିଷୟରେ ତାଙ୍କର ପୂର୍ବ ପୋଷ୍ଟରେ, କୁଓ କହିଥିଲେ ଯେ ଓପନଏଆଇ ବର୍ତ୍ତମାନ ଏଆଇ ଏଜେଣ୍ଟ ଫୋନ୍ ଉପରେ ଧ୍ୟାନ ଦେଉଛି କାରଣ ଫୋନ୍ଗୁଡ଼ିକରେ ଲୋକେସନ୍,କମ୍ୟୁନିକେସନ୍ ଓ କନଟେକ୍ସଟ୍ ପର୍ଯ୍ୟନ୍ତ ରହିଥାଏ। ଏହି କାରଣରୁ ଏଆଇ ଏଜେଣ୍ଟମାନଙ୍କୁ ଅନ୍ୟ ଯେକୌଣସି ଡିଭାଇସ୍ ଅପେକ୍ଷା ଫୋନରେ ଭଲ କାମ କରିବାକୁ ଅନୁମତି ଦିଏ। ବିଜନେସ୍ ମଡେଲ୍ ଦୃଷ୍ଟିରୁ, ଓପନଏଆଇ ହାର୍ଡୱେର୍ ସହିତ ସବସ୍କ୍ରିପସନ୍ ବଣ୍ଡଲ୍ କରିପାରିବ ଏବଂ ଡେଭଲପରମାନଙ୍କୁ ନିୟୋଜିତ କରି ଏକ ନୂତନ ଏଆଇ ଏଜେଣ୍ଟ ଇକୋସିଷ୍ଟମ୍ ସୃଷ୍ଟି କରିପାରିବ।

## ଆମଦାନି ଗାଡ଼ିର ଦାମ୍ କମାଇଲା ଜେଏଲ୍‌ଆର୍

ନୂଆଦିଲ୍ଲୀ, ୫।୫:ବ୍ରିଟେନରୁ ଆମଦାନି ହେଉଥିବା ରେଞ୍ଜରୋଭର ଗାଡ଼ିର ମୂଲ୍ୟ ହ୍ରାସ ଘୋଷଣା କରିଛି ଜାଗୁଆର ଲ୍ୟାଣ୍ଡରୋଭର (ଜେଏଲ୍‌ଆର୍) ଇଣ୍ଡିଆ। ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ ହେବା ପୂର୍ବରୁ କମ୍ପାନି ଏହି ଘୋଷଣା କରିଛି। ଏହାଦ୍ୱାରା ରେଞ୍ଜରୋଭର ଏସ୍‌ଭି ଏବଂ ରେଞ୍ଜରୋଭର ସ୍ପୋର୍ଟ ଏସ୍‌ଭି ଭଳି ମଡେଲ କମ୍ ମୂଲ୍ୟରେ ଉପଲବ୍ଧ ହେବ ବୋଲି କମ୍ପାନି କହିଛି। ରେଞ୍ଜରୋଭର ଏସ୍‌ଭି ମଡେଲର ଏକ୍ସସୋରୁମ ଦାମ୍ ୪.୨୫ କୋଟି ଟଙ୍କାରୁ ୩.୫ କୋଟି ଟଙ୍କାକୁ ହ୍ରାସ ପାଇଛି। ଅର୍ଥାତ୍ ଏହି ଗାଡ଼ି ଦାମ୍ ୭୫ ଲକ୍ଷ କମିଯାଇଛି। ସେହିଭଳି ରେଞ୍ଜରୋଭର ସ୍ପୋର୍ଟ ଏସ୍‌ଭିର ଏକ୍ସସୋରୁମ୍ ଦାମ୍ ୨.୭୫ କୋଟି ଟଙ୍କାରୁ ୨.୩୫ କୋଟି ଟଙ୍କାକୁ କମିଛି। ସଂଶୋଧିତ ଦରକୁ




ତୁରନ୍ତ ଲାଗୁ କରାଯାଇଛି। ଜେଏଲ୍‌ଆର୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜନ ଅମ୍ବା କହିଛନ୍ତି ଯେ ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ ହେବା ଆଶାରେ ଆମେ ଆମର ଗ୍ରାହକଙ୍କୁ ଏହି ସୁବିଧା ପ୍ରଦାନ କରିଛୁ। ରେଞ୍ଜରୋଭର ଏସ୍‌ଭି ଏବଂ ରେଞ୍ଜରୋଭର ସ୍ପୋର୍ଟ ଏସ୍‌ଭି ମୂଲ୍ୟ ହ୍ରାସ କରି ଗ୍ରାହକ ପ୍ରଥମ ଆଭିମୁଖ୍ୟ ସମେତ ଗ୍ରାହକଙ୍କ ସହ ଦୀର୍ଘ ସଂପର୍କ ସ୍ଥାପନ ପ୍ରତିବଦ୍ଧତାକୁ ଆମେ ପ୍ରକାଶ କରିଛୁ।

ରେଞ୍ଜରୋଭର,ରେଞ୍ଜରୋଭର ସ୍ପୋର୍ଟ, ରେଞ୍ଜରୋଭର ଇଭୋକ, ରେଞ୍ଜରୋଭର ଭେଲାର, ଡିସକଭରି ସ୍ପୋର୍ଟ ଭଳି ଭାରତରେ ନିର୍ମିତ ମଡେଲର ଦର ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମା ଦ୍ୱାରା ପ୍ରଭାବିତ ହେବନାହିଁ। ଡିଫେଣ୍ଡର ଏବଂ ଡିସକଭରି ଭଳି ମଡେଲ ମୂଲ୍ୟରେ ମଧ୍ୟ କୌଣସି ପରିବର୍ତ୍ତନ ହେବ ନାହିଁ। କାରଣ ଏଗୁଡ଼ିକ ସ୍ଲୋଭାକିଆରେ ନିର୍ମାଣ ହେଉଥିବାରୁ ଭାରତ-ବ୍ରିଟେନ ମୁକ୍ତ ବାଣିଜ୍ୟ ରାଜିନାମାର ପ୍ରଭାବ ଏଗୁଡ଼ିକ ଉପରେ ପଡ଼ିବ ନାହିଁ ବୋଲି କମ୍ପାନି କହିଛି।



## ଆଜିର ସୁନା ଦର

ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୦୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୦୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୨୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୦୪୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୪,୧୯୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୪, ୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୦୪୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୧,୨୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି।

## ଝାଲ୍‌ମୁଢ଼ି ବାଣ୍ଟିଲେ ବିଜେପି କର୍ମୀ



ରାଇଘର,୫।୫ (ସଂଚାର ବ୍ୟୁରୋ)ଃ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ସୋମବାର ପ୍ରକାଶ ପାଇଛି । ବିଜେପିର ବହୁ ସଂଖ୍ୟକ ବିଜୟ ସହିତ ୩ ରାଜ୍ୟରେ ବିଜେପି ସରକାର ଗଠନ କରିବା ନିଶ୍ଚିତ ହୋଇଯାଇଛି। ଏହା ଜାଣିବା ପରେ ବିଜେପି କର୍ମୀଙ୍କ ମଧ୍ୟରେ ଖୁସିର ମହୋଲ ଦେଖିବାକୁ ମିଳିଛି। ରାଇଘର ବିଜେପି ପକ୍ଷରୁ ଆଜି ସନ୍ଧ୍ୟାରେ ହନୁମାନ ମନ୍ଦିର ଠାରେ ବାଣ ଫୁଟାଇବା ସହିତ ସାଧାରଣଙ୍କୁ ଝାଲ୍ ମୁଢ଼ି ବାଣ୍ଟିବା ସହିତ ମିଠା ନିଜଭିତରେ ଝାଲମୁଢ଼ି ଓ ମିଠାଖାଇ ଖୁସି ମନାଇଥିଲେ। ବିଜେପି କର୍ମୀ ମଣ୍ଡଳ ସଭାପତି ଟୁକୁନି ସାମନ୍ତରାୟ,ବସନ୍ତ ଡଙ୍ଗରି, ତିରୁ ପାତ୍ର, ଜଗନ୍ନାଥ ନାୟକ, ରିଙ୍କୁ ଶ୍ରୀବାସ୍ତବ, ଉମେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥୁବାବେଳେ ଶତାଧୁକ ବିଜେପି କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳିତ



ବୋରିଗୁମ୍ମା,୫।୫ (ସଂଚାର ବ୍ୟୁରୋ)ଃ ପଶ୍ଚିମବଙ୍ଗ ସାଧାରଣ ନିର୍ବାଚନରେ ବିଜେପି ବହୁମତ ପାଇଛି। ଫଳରେ ସାରା ଦେଶରେ ବିଭିନ୍ନ ସ୍ଥାନରେ ଆଜି ବିଜେପି ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବିଜେପି ଶାଖା ପକ୍ଷରୁ ସ୍ଥାନୀୟ ମୁଖ୍ୟ ଟ୍ରାଫିକ ଛକ ଠାରେ ମଧ୍ୟ ବିଜୟ ଉତ୍ସବ ପାଳନ କରାଯାଇଛି। ୫ଟି ରାଜ୍ୟର ନିର୍ବାଚନ ଫଳାଫଳ ଜଣାପଡିବା ପରେ ବିଶେଷକରି ଅସମରେ ପୁନର୍ବାର କ୍ଷମତା ବଜାୟ ରଖିବା ସହ ବହୁ ବିତର୍କିତ ପଶ୍ଚିମବଙ୍ଗ ନିର୍ବାଚନ ପଳାଫଳ ବିଜେପି ଓ ତାର ସମର୍ଥକ ମାନଙ୍କୁ ଆଶାତୀତ ସଫଳତା ପ୍ରଦାନ କରିଛି । ଏହି ଅବସରରେ ବିଜେପି ବ୍ଲକ ମଣ୍ଡଳ ସଭାପତି ବିଘନେଶ୍ୱର ଖୋଡଙ୍ଗୀ,ସୋରଜ ପାଣିଗ୍ରାହୀ, ସୌରଭ ଦୋରା, ସିମାଞ୍ଚଳ ମହାରଣା, ମୋହନ ଦୋରା, ରାଜ ସିଂ, ରଞ୍ଜନ ମିଶ୍ର, ଗୋପାଳ ମହାପାତ୍ର,ବୃନ୍ଦାବନ ଦାସଙ୍କ ସମେତ ଦଳୀୟ କର୍ମକର୍ତ୍ତା ମାନଙ୍କ ସହ ସାଧାରଣ କର୍ମୀ, ସମର୍ଥକ ଓ ଶୁଭେଛୁ ମାନେମଧ୍ୟ ପଶ୍ଚିମବଙ୍ଗରେ ୨୦୦ ସିଟରେ ଅଧିକ ଜିତିବା ଜଣାପଡିବା ପରେ ଟ୍ରାଫିକ ଛକ ନିକଟରେ ବାଣ ଫୁଟାଇ, ମିଠା ବାଣ୍ଟି, ବାଜା ବଜାଇ ଝାଲମୁଢ଼ି ସହ ବିଜୟ ଉତ୍ସବ ପାଳନ କରିଥିଲେ।

## ସୁନ୍ଦରଗଡ଼ରେ ବିଜୟ ଉତ୍ସବ ପାଳିତ



ସୁନ୍ଦରଗଡ଼,୫।୫ (ସଂଚାର ବ୍ୟୁରୋ)ଃ ଚଳିତ ସାଧାରଣ ବିଧାନସଭା ନିର୍ବାଚନରେ ପଶ୍ଚିମ ବଙ୍ଗ, ଆସାମ ଓ ପୁଣ୍ଡୁଚେରୀରେ ଭାରତୀୟ ଜନତା ପାର୍ଟିର ଐତିହାସିକ ବିଜୟ ଲାଭ ପରିପ୍ରେକ୍ଷୀରେ, ଆଜି ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ସୁନ୍ଦରଗଡ଼ ସ୍ଥିତ ଅଟଳ ଛକ ଠାରେ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଭବ୍ୟ "ବିଜୟ ଉତ୍ସବ" ପାଳନ କରାଯାଇଥିଲା।

ଏହି ଅବସରରେ ବାଜା-ଗଜା, ବାଣ ଫୋଟକା ସହ ଉତ୍ସାହମୟ ପରିବେଶ ମଧ୍ୟରେ ଦଳୀୟ କର୍ମୀମାନେ ବିଜୟର ଆନନ୍ଦ ପାଳନ କରିଥିଲେ। ସେହିପରି ମିଷ୍ଟାନ ସହିତ ଝାଲମୁଢ଼ି ବଣ୍ଟନ କରି ସାଧାରଣ ଲୋକଙ୍କ ସହିତ ଖୁସି ବାଣ୍ଟାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ପୌରପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ସୁରେନ୍ଦ୍ର ଭିତ୍ରିଆ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ନଗର ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁ, ରୁପେଶ ପଟେଲ, ସୁରେନ୍ଦ୍ର ଦେହୁରୀ, ଭେଷଜ ରଥ, ଧ୍ରୁବ କାଲୋ, ନୀଳମାଧବ ସାହାଣୀ, ବିରବର ସାହୁ, ବିକାଶ ନାଏକ, ଶକୁନ୍ତଳା କାଲୋ, ସଂଯୁକ୍ତା ନାଏକ, ମିନତୀ ପୁରୋହିତ, ଭାରତୀ ରାଉତ, ଶାନ୍ତି ସରାଫ, ହିମାନୀ ପାଢ଼ୀ, ମୀନା ନାଏକ, ଦୀପାଞ୍ଜଳି ନନ୍ଦ, ଅନୁପମା ଟପ୍ପୋ, ଲତିକା ପଟ୍ଟନାୟକ, ଶ୍ରୀକାନ୍ତ ଭଞ୍ଜ, ଯଶନ୍ତି ଏକ୍କା, ହରିପ୍ରିୟା ପଟେଲ, କର୍ଣ୍ଣ ସିଂ, ରାଜା କାକ, ସୁରେଶ ପଟେଲ, ଆଶୀଷ ପଟେଲ, ପରକ୍ଷିତ ସାହୁ, ଘନଶ୍ୟାମ ରଣା, ପ୍ରଭାତ ନନ୍ଦ, ଦିନେଶ ନାଏକ, ରୀନା ପ୍ରଧାନ, ପିଙ୍କୁ ପୃସେଠ, ଲକି ଯଂଙ୍କସୀ ସମେତ ବହୁ ସଂଖ୍ୟକ ଦଳୀୟ କର୍ମୀ ଓ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।

# ନାହିଁ ନାହିଁରେ ଚାଲିଛି ସରକାରୀ କାର୍ଯ୍ୟାଳୟ

### ସ୍ଥାୟୀ ଅଧିକାରୀ ଓ କର୍ମଚାରୀ ନିଯୁକ୍ତି ଦାବି

ଧାମନଗର,୫।୫ (ସଂଚାର ବ୍ୟୁରୋ)ଃ ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳ ହେଉଛି ଓଡିଶା ସରକାରଙ୍କର ଉଚ୍ଚଶିକ୍ଷା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ। କିନ୍ତୁ ଦୁଃଖ ଓ ପରିତାପର ବିଷୟ ମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀ ଧାମନଗର ଅଞ୍ଚଳରେ ନାହିଁ ନାହିଁରେ ଚାଲିଛି ବିଇଓ ଅଫିସ, ଉଦ୍ୟାନ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗ।

ଧାମନଗର ବିଇଓ ଅଫିସରେ ସ୍ଥାୟୀ ଅଧିକାରୀ ନାହାନ୍ତି। ବରିଷ୍ଠ କିରାଣୀ ଓ କନିଷ୍ଠ କିରାଣୀ ସ୍ଥାୟୀ ଭାବରେ ତିନି ଜଣ ମଧ୍ୟରୁ କେହି ନଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ୍ୟ ନାହାନ୍ତି। ଦୀର୍ଘ ଦିନ ହେବ ଜଣେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି ପଡିଛି। ସେହିପରି ଧାମନଗର ଉଦ୍ୟାନ କୃଷି ଭବନ ଅଧିକାରୀ ଅବସର ପରେ ଏହି ପଦବୀ ଦୀର୍ଘ ଦିନ ହେବ ଖାଲି ପଡିଥିବା ବେଳେ ସ୍ଥାୟୀ ଅଧିକାରୀ ନଥିବା ବେଳେ ଓ ଅନ୍ୟ କର୍ମଚାରୀର ଘୋର ଅଭାବ ଦେଖାଦେଇଛି। ସ୍ୱାସ୍ଥ୍ୟ ବିଭାଗ କଥା ନକହିବା ଭଲ ବହୁ ସମସ୍ୟା ଘେରରେ ଧାମନଗର ସ୍ୱାସ୍ଥ୍ୟ କେନ୍ଦ୍ର। ପ୍ରାୟ ୧୬ ଟି ପଞ୍ଚାୟତ ଓ ଗୋଟିଏ ଏନଏସିର ହଜାର ହଜାର ଲୋକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଡାକ୍ତରଖାନା ଉପରେ ନିର୍ଭର କରନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ସିଏଚସି ରେ ଏବେ କର୍ମଚାରୀ ଓ ଅଧିକାରୀ ମରୁଡ଼ି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ଲକ ପବ୍ଲିକ ହେଲଥ ଅଫିସର (ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ) ନାହାଁନ୍ତି। ଏଠାରେ ମେଲ ଓ ଫିମେଲ ହେଲଥ ସୁପରଭାଇଜର ପଦବୀ ଶୂନ୍ୟ ଥିବାବେଳେ ହେଲଥ ଓ୍ୱାର୍କର ଫିମେଲଙ୍କ ପଦୋନ୍ନତି ପରେ ଏହି ସ୍ଥାନ ମଧ୍ୟ ଖାଲି ପଡ଼ିଛି।

ନାହିଁ ନାହିଁରେ ଚାଲିଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଣ ଏବଂ ଉକ୍ତ ସମସ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ,ଜିଲ୍ଲାପାଳ ଓ ବିଭାଗୀୟ ସଚିବ ସହିତ ସର୍ବୋପରି ମାନ୍ୟବର ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।




## +୨ ବିଜ୍ଞାନ ପୁସ୍ତକ ବଣ୍ଟନ ଓ ଶିକ୍ଷକ ପ୍ରଶିକ୍ଷଣ କର୍ମଶାଳା

### ଜିଲ୍ଲା ମାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଯାଜପୁର,୫।୫ (ସଂଚାର ବ୍ୟୁରୋ)ଃ ଯାଜପୁର ଜିଲ୍ଲାସ୍କୁଲ ସମ୍ମିଳନୀ କକ୍ଷରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଓଡ଼ିଆରେ ଲିଖିତ ବିଜ୍ଞାନ ପାଠ୍ୟପୁସ୍ତକ ପ୍ରଚଳନ ସମ୍ପର୍କିତ ଆଲୋଚନା ଜିଲ୍ଲାର ସମସ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଅଧିକାରୀ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ତରଫରୁ ଆଜି ସଦସ୍ୟ ସଚିବ ଡକ୍ଟର ସୁବ୍ରତ କୁମାର ପୃଷ୍ଟି ଓ ପ୍ରକଳ୍ପ ନିର୍ଦ୍ଦେଶକ ନିରଦ ବରଣ ଖୁଣ୍ଟିଆଂକ ଉପସ୍ଥିତିରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଓଡ଼ିଆ ବିଜ୍ଞାନ ଅଧ୍ୟୟନ ଓ ଶିକ୍ଷା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ଓ ଏହାର ସମାଧାନ ତଥା ଉପାଦେୟତା ବିଷୟରେ ଆଲୋଚନା ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀ ଇଂଲିଶରେ ଦୁର୍ବଳ ସମସ୍ତ ପିଲା କିପରି ଓଡିଆରେ ବିଜ୍ଞାନ ବିଷୟକୁ ପଢିବେ, ସେ ବିଷୟରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଅଧ୍ୟକ୍ଷ ତଥା ଶିକ୍ଷକମାନଂକୁ ପରାମର୍ଶ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ କି ଉଚ୍ଚ ମାଧ୍ୟମିକ ସ୍ତରରେ ବିଜ୍ଞାନ ଶିକ୍ଷାପାଇଁ ଓଡ଼ିଆ ଭାଷା ଆଦୌ ପ୍ରତିବନ୍ଧକ ହେବ ନାହିଁ ବରଂ ଇଂରାଜିରେ ଦୁର୍ବଳ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏହା ବହୁମାତ୍ରାରେ ସାହାଯ୍ୟ କରିବା ସହ ସେମାନେ ବିଷୟବସ୍ତୁକୁ ଠିକରେ ବୁଝିପାରିବେ ଓ ପରୀକ୍ଷାରେ ମଧ୍ୟ ଓଡ଼ିଆରେ ଲେଖି ପାରିବେ।

ଶେଷରେ ମେଟ୍ରିକ ପରୀକ୍ଷାରେ ଜିଲ୍ଲାର ସର୍ବାଧିକ ନମ୍ବର ରଖିଥିବା ସତ୍ୟସାଇ ଉଚ୍ଚବିଦ୍ୟାଳୟ, କାକୁଡିକୁଦର ଶୁଭମ ସାହୁଂକୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ ଦୁଇ ବିଜ୍ଞାନ ପୁସ୍ତକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସୁଦର୍ଶନପାଢ଼ୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ଚିନ୍ମୟୀ ସିଂହ ଓ ରୋଜି ବାରିକଙ୍କୁ ଇନ୍ଦୁମତୀ ପୃଷ୍ଟି ମେଧାବୀ ବାଳିକା ଶିକ୍ଷା ପୁରସ୍କାର ପ୍ରଦାନ ସହ ଓଡିଆ ବିଜ୍ଞାନପୁସ୍ତକ ସେଟ ପ୍ରଦାନ କରାଯାଇଥିଲା । ଅନନ୍ୟା ସାହିତ୍ୟ ସଂସଦର ସଭାପତି ସନ୍ତୋଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## କାରଖାନାର ମନମାନୀ ନେଇ ଜିଲ୍ଲାପାଳଙ୍କୁ ଭେଟିଲେ ବିଧାୟକ



ସୁନ୍ଦରଗଡ଼,୫।୫ (ସଂଚାର ବ୍ୟୁରୋ)ଃ ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ କୁଣ୍ଡୁକେଲା ଓ ମସନିକାନି ପଞ୍ଚାୟତରେ ଗଢ଼ି ଉଠିଥିବା ତିନୋଟି କାରଖାନାର କମ୍ପାନୀ କତ୍ତୃପକ୍ଷ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା କରି ଅନେକ ଗୁଡିଏ ବେନିୟମ କାର୍ଯ୍ୟକରୁଥିବା ନେଇ ଆଜି ୧୦ଜଣ ସରପଞ୍ଚଙ୍କ ସହ ବିଧାୟକ ଯୋଗେଶ ସିଂ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ଭେଟି କମ୍ପାନୀର ମନମାନି ବିରୁଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି।

ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳରେ ମଦ ପାଇଁ ବ୍ୟବହାର ହଉଥିବା ସ୍ପିରିଟ କାରଖାନାର ଦୁର୍ଗନ୍ଧ ଅଞ୍ଚଳବାସୀଙ୍କୁ ଅତିଷ୍ଠ କଲାଣି ଏହା ସହ ଏହି କାରଖାନା ପ୍ରଦୂଷଣ ଯୋଗୁଁ ଚାଷବାସ ସହ ଗ୍ରାମାଞ୍ଚଳ ପରିବେଶ ଦୂଷିତ ହଉଛି। କମ୍ପାନୀ ଆରମ୍ଭ ସମୟରେ ଦେଇଥିବା ପ୍ରତିଶୃତି ଭୁଲି ଗଲାଣି। ପାରିପାର୍ଶ୍ୱିକ ପାଣ୍ଠିରୁ ଏହି ଅଞ୍ଚଳରେ ଯେଉଁ ବିକାଶ କରିବା କଥା ତାହା କମ୍ପାନୀ କର୍ତ୍ତୃପକ୍ଷ ବର୍ତ୍ତମାନ କର୍ଣ୍ଣପାତ କରୁନାହାନ୍ତି। ଆଜି ଏ ନେଇ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂ କହିଛନ୍ତି ଯଦି ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ସେ ଖୋଦ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ।

## ବୈକୁଣ୍ଠ ନାଏକ ବିଜେଡି ରାଜ୍ୟ ସମ୍ପାଦକ



ସୁନ୍ଦରଗଡ଼,୫।୫ (ସଂଚାର ବ୍ୟୁରୋ)ଃ ରାଜ୍ୟ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁ ଯୁବ ଜନତା ଦଳର ପୂର୍ବତନ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କୁ ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରିଥିବା ଜଣା ପଡିଛି । ନବ ନିଯୁକ୍ତ ରାଜ୍ୟ ସମ୍ପାଦକ ବୈକୁଣ୍ଠ ନାଏକ ପୂର୍ବରୁ ଜିଲ୍ଲା ଛାତ୍ର ସଭାପତି,ରାଜ୍ୟ ଛାତ୍ର ବିଜେଡିର ସମ୍ବଲପୁର ଜୋନ ସ୍ତରୀୟ ସଭାପତି ଏବଂ ପରେ ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ସହ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଏକ୍ସପର୍ଟ ମେମ୍ବର ପଦବୀରେ ରହି ଦଳୀୟ ସଂଗଠନ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିଥିବା ହେତୁ ତାଙ୍କ ଉପରେ ଦଳର ସଭାପତି ବିଶ୍ୱାସ ଓ ଆସ୍ଥା ପ୍ରକଟ କରି ପୁନର୍ବାର ଦଳୀୟ ସଂଗଠନ ପାଇଁ ରାଜ୍ୟ ସମ୍ପାଦକ ଭାବେ ଦାୟୀତ୍ୱ ଦେଇଥିବାରୁ ଏହି ନିଯୁକ୍ତି ପାଇଁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ,ଜିଲ୍ଲା ବିଜେଡ଼ି ସଭାପତି ତଥା ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ ସିଂ, ରାଉଲକେଲା ବିଧାୟକ ସାରଦା ପ୍ରସାଦ ନାଏକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ପୂର୍ବତନ ମନ୍ତ୍ରୀ ମଙ୍ଗଳା କିସାନ ଏବଂ ରାଜମାତା ପଦ୍ମିନୀ ଶେଖର ଦେଓ ପ୍ରମୁଖଙ୍କୁ ବୈକୁଣ୍ଠ ନାଏକ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ହଷ୍ଟେଲରୁ ପାରା-ମେଡିକାଲ କର୍ମଚାରୀଙ୍କ ମୃତଦେହ ଉଦ୍ଧାର



ଢେଙ୍କାନାଳ,୫।୫ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ସହର ଗାୟତ୍ରୀ ନଗର ଅଞ୍ଚଳରେ ଏକ ସନ୍ଦେହଜନକ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ସାଇ ଶ୍ରୀ ଚକ୍ଷୁ ହସ୍ପିଟାଲରେ ପାରା-ମେଡିକାଲ ଷ୍ଟାଫ ଭାବେ କାର୍ଯ୍ୟରତ ଜଣେ ଯୁବତିଙ୍କ ମୃତଦେହ ତାଙ୍କ ହଷ୍ଟେଲ ରୁମରୁ ଉଦ୍ଧାର ହୋଇଛି। ଘଟଣା ପରେ ମୃତକଙ୍କ ପରିବାର ଲୋକେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ନାମରେ ଗୁରୁତର ଅଭିଯୋଗ ଆଣିବା ସହ ପୋଲିସ୍ ବିରୋଧରେ ମଧ୍ୟ ଟଙ୍କା ମଗାର ଅଭିଯୋଗ କରିଛନ୍ତି।

ମୃତକ ଯୁବତି ଜଣଙ୍କ ଢାଙ୍କାନାଳ ଜିଲ୍ଲା ଗୋବିନ୍ଦପୁର ଅଞ୍ଚଳର ଜଣାପଡିଥିବା ବେଳେ ସେ ଗତ ୨ ବର୍ଷ ହେଲା ସାଇ ଶ୍ରୀ ଚକ୍ଷୁ ହସ୍ପିଟାଲରେ ଓଟି ଆସିଷ୍ଟାଣ୍ଟ ଭାବେ କାମ କରୁଥିଲେ ଏବଂ ଗାୟତ୍ରୀ ନଗରର ଏକ ହଷ୍ଟେଲରେ ରହୁଥିଲେ। ଗତକାଲି ରାତିରେ ସହକର୍ମୀମାନେ ଡାକିବା ସତ୍ତ୍ୱେ କବାଟ ନ ଖୋଲିବାରୁ ସନ୍ଦେହ ହୋଇଥିଲା। ହଷ୍ଟେଲ ମାଲିକ ପୋଲିସକୁ ଖବର ଦେବା ପରେ ଟାଉନ୍ ଥାନା ପୋଲିସ୍ ପହଞ୍ଚି କବାଟ ଭାଙ୍ଗି ଯୁବତିଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତଦେହ ନିକଟରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ।

ଖବର ପାଇ ଆଜି ସକାଳେ ମୃତକଙ୍କ ପରିବାର ଲୋକେ ପହଞ୍ଚିଥିଲେ। ଗଣମାଧ୍ୟମ ଆଗରେ ସେମାନେ ଅଭିଯୋଗ କରିଛନ୍ତି ଯେ, ଝିଅ ଆମର ଗତ କିଛି ଦିନ ହେଲା ହସ୍ପିଟାଲରେ କାର୍ଯ୍ୟ ଚାପ ଓ ମାନସିକ ନିର୍ଯାତନା ବିଷୟରେ କହୁଥିଲା। ଦରମା ବି ଠିକ୍ ସମୟରେ ମିଳୁନଥିଲା। ତା’ ମୃତ୍ୟୁ ପଛରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଭୂମିକା ଅଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେଉ।

ଅନ୍ୟ ପଟରେପରିବାର ପକ୍ଷରୁ ଆହୁରି ଏକ ସଙ୍ଗୀନ ଅଭିଯୋଗ ଆସିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଭଡ଼ା ବାବଦରେ ପୋଲିସ୍ କର୍ମଚାରୀ ତାଙ୍କଠାରୁ ଟଙ୍କା ମାଗିଥିଲେ ବୋଲି ମୃତକଙ୍କ ଭାଇ ଅଭିଯୋଗ କରିଛନ୍ତି। ଟାଉନ୍ ଥାନା ଅଧିକାରୀ କହିଛନ୍ତି, “ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

## ପ୍ରସ୍ତାବିତ ରେଲୱେ ସାଇଡିଂ ପାଇଁ ଗ୍ରାମସଭା ସଫଳ




ସୁନ୍ଦରଗଡ଼,୫।୫ (ସଂଚାର ବ୍ୟୁରୋ)ଃ ମେ ୫ ତାରିଖ ମଙ୍ଗଳବାର ବିଜିଆର କମ୍ପାନୀର ପ୍ରସ୍ତାବିତ ରେଲୱେ ସାଇଡିଂ ପାଇଁ ପ୍ରଶାସନ ଦ୍ୱାରା ଡକା ଯାଇଥିବା ଗ୍ରାମସଭାକୁ ସହଯୋଗ କଲେ ପଞ୍ଚାୟତବାସୀ। ସ୍ଥାନୀୟ ସରପଞ୍ଚ ଜୟକୃଷ୍ଣ ମାଝୀଙ୍କ ନିଷ୍ପତ୍ତିରେ ସହମତି ଦେଲେ ପଞ୍ଚାୟତବାସୀ । ଗତ ଥର ଗ୍ରାମସଭା ଭଣ୍ଡୁର ହୋଇଥିବା ବେଳେ ଆଜି ସଫଳ ହୋଇଯାଇଛି ।

ଗ୍ରାମ ସଭାରେ ଅନେକ ପ୍ରସ୍ତାବ ମଧ୍ୟରୁ ପରିବେଶ ପର୍ଯ୍ୟାବରଣ,ପିଇବା ପାଣି,ପାଣି ସିଞ୍ଚନ, କଲ୍ୟାଣ ମଣ୍ଡପ, ଗାଧୋଇବା ଘାଟ, ଆଲୋକ ବ୍ୟବସ୍ଥା, ରାସ୍ତା ଘାଟ ଉନ୍ନତି, ଚାଷ ଜମି କ୍ଷୟ କ୍ଷତି ନ ହେବାର ସୁ ବ୍ୟବସ୍ଥା, ବେକାର ଯୁବକ ଯୁବତୀ ନିଯୁକ୍ତି ସହିତ ଅନ୍ୟାନ୍ୟ ସୁ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଗ୍ରାମ ସଭାରେ ହେମଗିର ବିଡ଼ିଓ ରୀନା ନାଏକ, ହେମଗିର ତହସିଲଦାର ସାଗରୀକା ଧମେଲ, ଏସଡ଼ିପିଓ ନିର୍ମଳ କୁମାର ମହାପାତ୍ର, ବିଜିଆର କମ୍ପାନୀର ପଦାଧିକାରୀ ଓ ପୋଲିସ ପ୍ରଶାସନ ଉପସ୍ଥିତ ଥିଲେ । ବିଜିଆର କମ୍ପାନୀ ସମସ୍ତ ଦାବୀ ଗୁଡିକ ପୂରଣ କରିବା ପାଇଁ ପଞ୍ଚାୟତ ବାସୀଙ୍କୁ ପ୍ରତିଶ୍ରୁତି ଦେବାପରେ ଗ୍ରାମସଭା ସଫଳ ହୋଇଥିଲା ।

## ଗୁରୁଶ୍ରୀ ସୁଶାନ୍ତ ପାଣିଙ୍କୁ ଶ୍ରୁତି ସମ୍ମାନ



ପଟ୍ଟାମୁଣ୍ଡାଇ,୫।୫ (ସଂଚାର ବ୍ୟୁରୋ)ଃ ଉତ୍କଳୀୟ ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ପଞ୍ଚକଳାର ମହାର୍ଘ୍ୟ ଶିକ୍ଷାଦାନ, ଉନ୍ନତ କଳାଶିଳ୍ପୀ ନିର୍ମାଣ ଓ ସାଂସ୍କୃତିକ ପ୍ରଚାର-ପ୍ରସାର କ୍ଷେତ୍ରରେ ଜୀବନବ୍ୟାପୀ ଉଲ୍ଲେଖନୀୟ ଅବଦାନ ପାଇଁ ପଟ୍ଟାମୁଣ୍ଡାଇ ଅଂଚଳର ଅନନ୍ୟ ପଞ୍ଚକଳା ପ୍ରତିଷ୍ଠାନ ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କୁ ମର୍ଯ୍ୟାଦାଜନକ "ଶ୍ରୁତି ସମ୍ମାନ -୨୦୨୬" ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ୨୧ତମ ଶ୍ରୁତି ସମାରୋହରେ ବିଶ୍ୱବିଦିତ ଓଡ଼ିଶୀ ନୃତ୍ୟ ପଟ୍ଟୟସୀ ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ଡଃ. ସୁଜାତା ମହାପାତ୍ର, ତାଳବାଦ୍ୟ ଗୁରୁ ପଣ୍ଡିତ ଧନେଶ୍ୱର ସ୍ୱାଇଁ, ଆକାଶବାଣୀ ଗୀତିକାର ପୀତାମ୍ବର ମିଶ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ବିଜୟ କୁମାର ଜେନା ଓ ଶ୍ରୁତି ସମ୍ପାଦିକା ସୁକଣ୍ଠ ଶିଳ୍ପୀ ହରପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଗୁରୁଶ୍ରୀ ପାଣିଙ୍କୁ ଏହି ମର୍ଯ୍ୟାଦାଜନକ ଶ୍ରୁତି ସମ୍ମାନ ପ୍ରଦାନ କରିଥିଲେ । ଏଥି ପୂର୍ବରୁ ଗୁରୁ ଶ୍ରୀପାଣି ଉଭୟ ହରିୟାନା ତଥା ଓଡ଼ିଶା ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେବା ସହିତ କଳା-ସଂସ୍କୃତି ସମ୍ମାନ, ଭାରତୀ ଯୁବ ସମ୍ମାନ, ବଳଦେବଶ୍ରୀ ସମ୍ମାନ, ପୃଥ୍ୱୀଦେବୀ ସମ୍ମାନ, ସୁଲେଖା ସଂସ୍କୃତି ସମ୍ମାନ, ଗ୍ରନ୍ଥସାରଥି ସମ୍ମାନ, ଭଜନ ସମ୍ରାଟ ଭିକାରୀବଳ ସ୍ମୃତି ସମ୍ମାନରେ ସମ୍ମାନିତ ହୋଇଛନ୍ତି ।

## ମା’ ବୁଢ଼ୀ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଓ ଉଦ୍‌ଘାଟନ ଉତ୍ସବ



ନୀଳଗିରି,୫।୫ (ସଂଚାର ବ୍ୟୁରୋ)ଃ ନୀଳଗିରି ଉପଖଣ୍ଡ ବାଉଁଶବଣିଆ ପଞ୍ଚାୟତ ଗୋବର୍ଦ୍ଧନପୁର ଗ୍ରାମରେ ଥିବା ପ୍ରତ୍ୟକ୍ଷ ଦେବୀ ମା’ ବୁଢ଼ୀମଙ୍ଗଳା ଠାକୁରାଣୀ ଙ୍କମନ୍ଦିର ପ୍ରତିଷ୍ଠା ଓ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଏହି ଉତ୍ସବକୁ ଗୋବର୍ଦ୍ଧନପୁର, କୁମ୍ଭକଣିଆ, କୁଅଁରପୁର ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ମହିଳା ପୁରୁଷ ମାନେ ମିଶି ଯଥା ଶକ୍ତି ଆର୍ଥିକ ସାମର୍ଥ୍ୟ ପ୍ରଦାନ କରିବା ସହିତ ପ୍ରତ୍ୟକ୍ଷ ସହଯୋଗ କରି ଆଜି ର ଉତ୍ସବ କୁ ବେଶ ଧୁମ ଧାମ ପାଳନ କରିଛନ୍ତି । ଏହି ଅବସରରେ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା।

ମା, ବୁଢ଼ୀ ମଙ୍ଗଳା ପ୍ରତିଷ୍ଠା ଉତ୍ସବରେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସମାଜ ସେବି ଗଙ୍ଗାଧର ମିଶ୍ର ଯୋଗଦାନ କରି ନୂତନ ମନ୍ଦିରର ଫିତା କାଟି ଶୁଭ ଉଦ୍‌ଘାଟନ କରିବା ସହିତ ମା’ଙ୍କ ଆଶିଷ ଭିକ୍ଷା କରିଥିଲେ। ମୁଖ୍ୟ ଉଦ୍ୟକ୍ତା ଭାବେ ସନ୍ତୋଷ ମହାନ୍ତି, ଶରତ ଚନ୍ଦ୍ର ମହାନ୍ତିଙ୍କ ସହିତ ବନୋଜ ମହାନ୍ତି, ବନୋଜ ପୃଷ୍ଟି,ବଳଭଦ୍ର ବାଗ, କୃତିବାସ ମହାନ୍ତି, ହରିଶ୍ଚନ୍ଦ୍ର ରାଉତ, ଜଗବନ୍ଧୁ ବାଗ, ସୁରେନ୍ଦ୍ର ରାଉତ, ମାନସ ପୃଷ୍ଟି ପ୍ରମୁଖ ବଦାନ୍ୟ ବ୍ୟକ୍ତି ଙ୍କ ସହଯୋଗ ରେ ଆଜି ପ୍ରତିଷ୍ଠା ଉତ୍ସବ ସମାପନ ହୋଇଥିବା ବେଳେ ମୁଖ୍ୟ ପୂଜକବିଜୟ ମିଶ୍ର ଏବଂ ବାବୁ ଦେହୁରୀ ମାଙ୍କ ସେବା ସହିତ ପାରମ୍ପରିକ ନୃତ୍ୟ, ଗୀତ, ବାଜା ଢୋଲ, ଶଙ୍ଖ ବଜାଇ ରିତୀ ନୀତି ଅନୁସାରେ ପୂଜା, ହୋମ ଯଜ୍ଞ କାର୍ଯ୍ୟ ସମାପନ୍ନ ହୋଇଥିଲା।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



ମାହାଙ୍ଗା,୫।୫ (ସଂଚାର ବ୍ୟୁରୋ)ଃ ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣପୁର ପଞ୍ଚାୟତ ସ୍ଥିତ ରାମଚନ୍ଦ୍ରପୁର ଗ୍ରାମର ଆଦର୍ଶ ଶିକ୍ଷକ ଯଚିନ୍ଦ୍ର କୁମାର ଦାସ(୮୩)ଙ୍କ ପରଲୋକ ଘଟିଛି। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ସଂସ୍କୃତି ପ୍ରେମୀ, ଛାତ୍ର ବତ୍ସଳ ଓ ଆଦର୍ଶ ଶିକ୍ଷକ ଭାବେ ବେଶ ପରିଚିତ ଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ଶବଦାହ କରାଯାଇଥିବାବେଳେ ପୁତ୍ର ଶାରଦା ମୁଖାଗ୍ନି ଦେଇଥିଲେ। ଶବଦାହ ସମୟରେ ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକଟ କରିବା ସହ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ।

## ନାଗ ସାପ ଉଦ୍ଧାର

ମାହାଙ୍ଗା,୫।୫ (ସଂଚାର ବ୍ୟୁରୋ)ଃମାହାଙ୍ଗା ବ୍ଲକ ଅନ୍ତର୍ଗତ କୁହୁଣ୍ଡା ପଞ୍ଚାୟତ କୁମୁଡାହାଟ ଠାରେ ଥିବା ପଞ୍ଚାନନ ପଣ୍ଡାଙ୍କ ଘରୁ ଏକ ନାଗ ସାପ ଉଦ୍ଧାର ହୋଇଥିବା ଜଣାଯାଇଛି। ସୂଚନା ଅନୁଯାୟୀ ଆଜି ସନ୍ଧ୍ୟା ସମୟରେ ପଞ୍ଚାନନଙ୍କ ଘରେ ଏକ ନାଗ ସାପ ଘରେ ପଶି ଯାଇଥିଲା। ଘର ଲୋକେ ସାପକୁ ଦେଖି ଭୟଭିତ ହୋଇଯାଇଥିଲେ। ଯାହାକୁ ନେଇ ସ୍ନେକ ହେଲପ ଲାଇନ ସଦସ୍ୟ ପ୍ରଦୋଶ ଜେନାଙ୍କୁ ଖବର ଦେଇଥିଲେ। ଶ୍ରୀ ଜେନା ପଞ୍ଚାନନଙ୍କ ଘରେ ପହଞ୍ଚି ନାଗ ସାପଟିକୁ ଉଦ୍ଧାର କରି ସ୍ଥାନୀୟ ଜଙ୍ଗଲରେ ଛାଡି ଦେଇଥବବା ଜଣାଯାଇଛି।

## ବିଜେପିର ବିଜୟ ଉତ୍ସବ



ପଟ୍ଟାମୁଣ୍ଡାଇ,୫।୫ (ସଂଚାର ବ୍ୟୁରୋ)ଃ ବହୁ ଚର୍ଚ୍ଚିତ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳକୁ ନେଇ ବିଜେପି କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବରିଷ୍ଠ କାଉନସିଲର ବିଦ୍ୟାଧର ସେଠୀଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ପୁରୁଣା କେନାଲ ପୋଲ ଛକଠାରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏଥିରେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ନଗର ସଭାପତି ପଦ୍ମନାଭ ପଣ୍ଡା, ବିଶ୍ୱରଂଜନ ପାତ୍ର, ଉପେନ୍ଦ୍ର ନାୟକ, ଶଶିକାନ୍ତ ସ୍ୱାଇଁ, ଆଡଭୋକେଟ୍ ସଞ୍ଜୟ ସାହୁ, ସୁଧାଂଶୁ ଶେଖର ଜେନାଙ୍କ ସମେତ ରବୀନ୍ଦ୍ର ପାତ୍ର, ଚନ୍ଦନ ପାତ୍ର, ରବୀନ୍ଦ୍ର ବିଶ୍ୱାଳ,ଅଭୟ ପାତ୍ର, ସମର ସାହୁ, ସମୀର ପାତ୍ର, କ୍ଷୀରୋଦ ପାତ୍ର, ପାରେଶ୍ୱର୍ ପାତ୍ର, କାଉନସିଲର ପ୍ରତିନିଧି ହୃଷିକେଶ ମଲିକ,ବିମଳ ରଞ୍ଜନ ତ୍ରିପାଠୀ, ଶୈଳେନ୍ଦ୍ର ପାତ୍ର, ସନ୍ତୋଷ ସ୍ୱାଇଁ, ବିଦ୍ୟାଧର ମଲିକ,ପୂର୍ବତନ ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ସାହୁ, ତୁଳସୀ ବିଶ୍ୱାଳ, ମମତା ସେଠୀ ପ୍ରମୁଖ ବିଜେପିର ବହୁ ପୁରାତନ କାର୍ଯ୍ୟକର୍ତ୍ତା,ୱାର୍ଡ ସଭାପତି, ବହୁ କର୍ମୀ ଓ ମହିଳା କର୍ମୀ ଯୋଗଦେଇ ବାଣ ଫୁଟାଇ ବିଜୟ ଉତ୍ସବ ପାଳିବା ସହିତ ଝାଲମୁଢ଼ି ଓ ମିଠା ବାଣ୍ଟି ଥିଲେ।

## ମା’ ମଙ୍ଗଳା ଯୁବକ ସଂଘର ସେବା କାର୍ଯ୍ୟ



ଯାଜପୁର,୫।୫ (ସଂଚାର ବ୍ୟୁରୋ)ଃ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ମାନତୀରା ଗ୍ରାମର ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ସ୍ୱେଚ୍ଛାସେବୀ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ଏହି ଯୁବକମାନେ ସମାଜରେ ନିଷ୍ପେସିତ, ଅବହେଳିତ, ଅସହାୟ ଲୋକଙ୍କ ସେବା କାର୍ଯ୍ୟ ପାଇଁ ଆଜି ଯାଜପୁର ବିରଜାମନ୍ଦିର ରେ ପହଞ୍ଚି ପୂଜାକାର୍ଯ୍ୟ ସମ୍ପନ୍ନ କରି କ୍ଲବ ଟିର ଶୁଭାରମ୍ଭ କରିଛନ୍ତି ।

ସଂଘର ସଭାପତି ଶିବାନନ୍ଦ ଦାସ ଓ ଉପସଭାପତି ଦୁଷ୍ମନ୍ତ ବେହେରା ଙ୍କର ନେତୃତ୍ୱ ରେ ବିରଜା ମନ୍ଦିର ନିକଟରେ ଖାଦ୍ୟ ବଣ୍ଟନ ସହ କିଛି ପୋଷାକ ବଣ୍ଟନ କରି ଥିଲେ। ଆଗକୁ ଏପରି ସେବା କାର୍ଯ୍ୟ ଚାଲୁ ରହିବ ବୋଲି ମା ମଙ୍ଗଳା କ୍ଲବର ସଭାପତି ଠାରୁ ଜଣାପଡିଛି ।

## ରେମୁଣା ମେଡିକାଲକୁ ସ୍ଥାନାନ୍ତର ହେଲେ ଦୁଇ ଗୁରୁତର



ନୀଳଗିରି, ୫।୫ (ସଂଚାର ବ୍ୟୁରୋ)ଃ ମହୁମାଛି ଆକ୍ରମଣରେ ଦୁଇ ଜଣ ଗୁରୁତର ଅବସ୍ଥାରେ ନୀଳଗିରି ମେଡ଼ିକାଲକୁ ଆସିଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରେମୁଣା ମେଡିକାଲ କଲେଜ କୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ ବାଲେଶ୍ୱର ଅଞ୍ଚଳର ସାର୍ଥକ ରଞ୍ଜନ ଦାସ ରଞ୍ଜନ ବେହେରା ମିତ୍ରପୁରରୁ ନୀଳଗିରି ଆସୁଥିବା ବେଳେ ଧୋବାସିଳା ନିକଟରେ ଏକ ମହୁମାଛି ପଲ ଅତର୍କିତ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ପାଖ ପାଖି ଦୁଇ ଶହରୁ ତିନିଶହ ମହୁମାଛି ଆକ୍ରମଣ କରିଛନ୍ତି।

# ସମର୍ପଣ

ନିର୍ବିକାର ପ୍ରଭାତ





ଗାଳି ଭିତରର ଅନେକ ଗୃହିଣୀ ଡକାଡକି ହୋଇ ବାହାରକୁ ଚାଲିଗଲେ। ଗାଡିରେ ବିକ୍ରି ହେବାକୁ ଶାଢୀ ଆସିଛି। ଆଗକୁ ସାବିତ୍ରୀ ବ୍ରତ। ସମସ୍ତେ ନିଜ ନିଜର ପସନ୍ଦ ମୁତାବକ ଶାଢ଼ୀ, ସାୟା, ବ୍ଲାଉଜ୍ କି ଅନ୍ୟ ପୋଷାକ କିଣିବେ। ବେପାର କରିବାକୁ ଅଣଓଡିଆ ବେପାରୀମାନେ ଧାଇଁ ଆସନ୍ତି। ସେମାନେ ଶସ୍ତାରେ ଜିନିଷ ବିକି ଫେରିଗଲା ପରେ ଶାଢ଼ୀ ଖରାପ ପଡିଲେ ଗୃହିଣୀମାନେ କାନମୁଣ୍ଡା ଆଉଁସି ଆଉଁସି ରହନ୍ତି ଅଥଚ ଘରର ମୁରବୀ ଆଗରେ ପାଟି ଖୋଲି ପାରନ୍ତି ନାହିଁ। ଏ ସମ୍ପର୍କରେ ଜାଣି ବି ଝୁନା ବାହାରି ପଡିଲେ। ରବୀନ୍ଦ୍ର କହିଲେ, "ଶାଢ଼ୀ ପସନ୍ଦ ନହେଲେ ଫେରି ଆସିବ। -"ତମେ ମୋବାଇଲ ଘାଣ୍ଟୁଥାଅ। ମୁଁ ଆସୁଛି।" ସ୍ତ୍ରୀଙ୍କ କଥା ଶୁଣି ତାଙ୍କୁ ପୁନର୍ବାର ସଚେତନ କରିବାକୁ ରବି କଥା ଯୋଖିଲେ, "କହିବୋଲି ପାରିଲା ଯିଏ, ପୋଚା ଚିଙ୍ଗୁଡି ବିକିଲା ସିଏ। ହଁ ଯାଅ। କାହା ପ୍ରରୋଚନାରେ ଚକଚକିଆ ଶାଢ଼ୀ କିଣିବ ନାହିଁ।" ଝୁନା ବାହାରକୁ ତରବର ହୋଇ ଚାଲିଗଲେ।

ବେଳେବେଳେ ଏମିତି ହୁଏ କିଛି ଅନୁପ୍ରବେଶକାରୀ ଫେରିବାଲା ରୂପରେ ଆସିଛନ୍ତି। କେତେକେତେ ଯୁବତୀଙ୍କୁ ପ୍ରେମର ଜାଲରେ ଫସାଇ 'କାବୁଲିବାଲାର ବଙ୍ଗାଳୀବଧୂ' ବନାଇ ତାଙ୍କ ଜୀବନକୁ ନିଃଶେଷ କରି ଦେଇଛନ୍ତି। ସରଳ ଗରିବ ନିରିହ ମହିଳାଙ୍କୁ ସେମାନେ ଟାର୍ଗେଟ କରି ବୁଲା ବେପାର କରନ୍ତି। ଉଦ୍ଦେଶ୍ଯରେ ସଫଳ ହେଲେ ତଡିପାର୍ ହୋଇ ଯା'ନ୍ତି। ସେଦିନ ନିଶାଗ୍ରସ୍ତ ଅବସ୍ଥାରେ ଗୋଲେଇ ଛକରେ ଜଣେ ଯୁବକ ନମସ୍କାର କରି ରବୀନ୍ଦ୍ରଙ୍କୁ ଗର୍ବର ସହିତ କହିଲା, "ଏ ମୋ ସ୍ତ୍ରୀ। ଆପଣଙ୍କ ଓଡ଼ିଆ ଝିଅ..।" ରବି ପଚାରି ଦେଲେ, "କୋଉଠା ଝିଅ ?" -"ତମ ଗାଁର..।" ଏତିକି କହି ସେ ତା ସ୍ତ୍ରୀ ପିଲାଙ୍କ ପଛରେ ଡଗଡଗ ହୋଇ ଚାଲିଗଲା।

ବାହାରକୁ ଯାଇ କିଛି ସମୟ ପରେ ଦୁଇ ତିନୋଟି ଶାଢୀ ଧରି ଝୁନା ହାଜର ହେଲେ। ତରବରରେ କହିଲେ, "ଦେଖିଲ ଦେଖିଲ ମୋତେ କୋଉଟା ମାନିବ ?" ରବୀନ୍ଦ୍ର ଘରମଣିଙ୍କୁ ଚାହିଁ କହିଲେ, "ତମ ଘରୁ ସାବିତ୍ରୀ ଭାର ଆସିବ। ସେଥିରେ କଣ ଶାଢ଼ୀ ନଥିବ ଯେ ଏ ଶରଣାର୍ଥୀଙ୍କଠାରୁ କିଣି ଠକାମୀରେ ପଡିବାକୁ ଭାରି ଭଲ ଲାଗୁଛି !" ଝୁନା ଦୃଢ଼ କଣ୍ଠରେ କହିଲେ, -"ନାହିଁ ହୋ, ସେମାନେ ବାଙ୍ଗଲାଦେଶୀ କି ରୋହିଙ୍ଗ୍ୟା ନୁହଁନ୍ତି। ସେମାନେ ଆମ ଓଡ଼ିଆ ଲୋକ। କଥାବାର୍ତ୍ତାରୁ ଜଣା ଯାଉଛି ସେମାନେ ବନମାଳୀପୁରରୁ ଆସିଛନ୍ତି। ଶାଢ଼ୀରେ ପରା ଲୋଗୋ ମରା ହୋଇଛି 'ଫୁଲଦେଈ ଫେବ୍ରିକ୍'। ସେହି ଗାଉଁଲୀ ଦେଶୀ ନାମରୁ ମୁଁ ଅନୁମାନ କରୁଛି ସେମାନେ ଖାଣ୍ଟି ତନ୍ତୀ ଲୋକ।" ସେହି ନାମଟା ଶୁଣି ରବୀନ୍ଦ୍ର ଲୁଗା ଗୁଡିକର ମନୋଗ୍ରାମ ନିରେଖି ଦେଖିଲେ। ବନମାଳୀପୁରରେ ପାୱାରଲୁମ୍ ବସାଇ ଲୁଗା ବୁଣି ବିକ୍ରି କରିବାକୁ ଆସିଛନ୍ତି। ପୁଣି ନାଁ ଦେଇଛନ୍ତି - 'ଫୁଲଦେଈ ଫେବ୍ରିକ୍' !

ରବୀନ୍ଦ୍ର ବାହାରକୁ ବାହାରିଗଲେ। ପଛେ ପଛେ ଶାଢ଼ୀ ଧରି ଝୁନା ରାସ୍ତାରେ ଛିଡା ହୋଇଥିବା ଗାଡି ପାଖରେ ପହଁଞ୍ଚିଲେ। ପଡୋଶୀ ମହିଳାମାନେ ମୂଲଚାଲ କରୁଥାନ୍ତି। ଫେରିବାଲା ଓଡ଼ିଶା ଲୋକ।

ରବୀନ୍ଦ୍ରଙ୍କ ମନେ ପଡିଗଲା ବହୁ ବର୍ଷ ତଳର କଥା। ଦାମଚାନ୍ଦ୍ ନାମକ ଜଣେ ବେପାରୀ ବିଭିନ୍ନ କିସମର ଶାଢ଼ୀ ଝୁଡିରେ ଧରି ଗାଁକୁ ଗାଁ ବୁଲି ବିକନ୍ତି। ହଠାତ୍ ଦିନେ ଖେଳ ପଡିଆ ଡେଇଁ ତାଙ୍କ ନୁଆଁଣିଆ ଚାଳଘର ବାରଣ୍ଡାରେ ସେ ବସି ପଡିଲେ। ବୈଶାଖ ମାସର ଉତ୍ତପ୍ତ ପରିବେଶରେ ପୋଡି ଯାଉଥାଏ ତାଙ୍କ ମୁହଁ ଦେହ। ରବିବୋଉ ଘରୁ ବାହାରି ଆସି ଦେଖିଲେ ଫେରିବାଲାଙ୍କ ଅବସ୍ଥା। ଆଖିକାନ ପଶି ଯାଉଥାଏ। ଡହ ଡହ ଖରାରେ କଳାକାଠ ଦିଶୁଥିଲେ ବେପାରୀ ଜଣକ। ଖାଦ୍ୟ ପାନୀୟ ଅଭାବରେ ତାଙ୍କର ହଂସା ଉଡି ଯିବା ଉପରେ। ପେଟ ଚାଖଣ୍ଡକ ପାଇଁ ଖରା ତରାରେ ବୁଲି ବୁଲି ଲୁଗାପଟା ବିକିବାକୁ ଆସି ଦାମଚାନ୍ଦ୍ ସୂର୍ଯ୍ୟ କିରଣରେ ଆଘାତପ୍ରାପ୍ତ ହୋଇ ପଡିଥାନ୍ତି। ରବିବୋଉ ବିକଳରେ ପାଣି ଢାଳେ ଆଣି ଦେବାରୁ ସେ ଢକ ଢକ କରି ପିଇ ଦେଲେ। ସାମାନ୍ୟ ବଳ ପାଇଲା ପରେ ସେ କହିଲେ, "ଭୋକ ସୁଆଦ।"

ରବି ବୋଉ କଥାର ରହସ୍ୟ ବୁଝି ଚମକି ପଡିଲେ। ଗ୍ରୀଷ୍ମ ଋତୁର ଝାଞ୍ଜିଖରାରୁ ନିସ୍ତାର ପାଇବା ପାଇଁ ଘରେ ସମସ୍ତେ ପଖାଳ ଖାଇ ବିଶ୍ରାମ ନେଇଛନ୍ତି। ଖରାର ତହକରେ ଜୀବଜନ୍ତୁ କଲବଲ ହୋଇ ଆଶ୍ରୟ ନେଉଛନ୍ତି। ବେପାରୀଟି ଭୋକରେ ଆଉଟୁ ପାଉଟୁ ହେଉଛନ୍ତି। ହାଣ୍ଡିରେ ଆଉ ଭାତ ଅଛି କି ନାହିଁ ତାଙ୍କର ମନେ ପଡିଲା ନାହିଁ। ଘର ଭିତରକୁ ପଶି ମାଟି ହାଣ୍ଡି ଦରାଣ୍ଡି କଂସେ ପଖାଳ ଭାତ ପାଇଲେ। ପୋଇ ରାଇ ଆଉ ବଡିଚୂରା ଆଣି ତାଙ୍କ ସାମାନାରେ ଥୋଇ ଧୀର ସ୍ୱରରେ କହିଲେ, "ଭାଇ ଆଉ ଆମ ଘରେ କିଛି ନାହିଁ। ସମସ୍ତେ ଖାଇ ସାରିଛନ୍ତି। ଏତିକି ଅଛି....।" ଭୋକବେଳେ ଆମ୍ବିଳା ଆମ୍ବ ସୁଆଦ। କଥା ଶେଷ କରିବାକୁ ନଦେଇ, ଜାତି ଧର୍ମ ଗୋତ୍ର ନବୁଝି ଭୋକ ବିକଳରେ ସେ ବେଲାକଜାକ ଭାତ ଖାଇ ତୃପ୍ତ ହେଲେ। ପଖାଳ ପାଣି ଉଦରସ୍ତ କରି ସେହି ପିଣ୍ଡା ଉପରେ ଦାମଚାନ୍ଦ୍ ଗଡ଼ି ପଡିଲେ।

ଦିନ ଚାରିଟା ବେଳେ ଘର ଛାଡିବା ପୂର୍ବରୁ ଜୋର କରି ରବିବୋଉ ହାତରେ ଫେରିବାଲା ଲୁଗାଟିଏ ଧରାଇ ଦେଲେ। ରବିବୋଉ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁବାରୁ ଦାମଚାନ୍ଦ୍ କହିଲେ, -"ଦେଈ ଏହି ଖଣ୍ଡକ ରଖ। ସାବିତ୍ରୀ ପର୍ବରେ ପିନ୍ଧିବ।" ବିସ୍ମିତ ହେଲେ ରବିବୋଉ। କେଉଁ ପୂର୍ବ ପୁରୁଷରୁ ତାଙ୍କ ଘରେ ସାବିତ୍ରୀ ପର୍ବ ପାଳନ ହୋଇ ଆସୁନାହିଁ। କେତେ ଶତାବ୍ଦୀ ତଳେ କୌଣସି ଏକ ବୋହୂ ସାବିତ୍ରୀ ବ୍ରତ ବେଳେ ମୃତ୍ୟୁବରଣ କରିଥିଲା ବୋଲି ଶୁଣାଯାଏ। ସେଥିପାଇଁ ଶାଁଶୁଘରେ ପର୍ବ ପାଳନ ହୁଏ ନାହିଁ କି ବାପଘର ଲୋକେ ସାବିତ୍ରୀ ବୋଝ ଉଠାନ୍ତି ନାହିଁ। ଘର ଭିତରକୁ ଯାଇ ବେତ ନିର୍ମିତ ପେଟରାରୁ ଦରାଣ୍ଡି କେତୋଟି ନୋଟ୍ ଆଣି ଦାମଚାନ୍ଦଙ୍କ ହାତରେ ଧରାଇ ଦେଲେ।

ଫେରିବାଲା ପ୍ରଥମେ କୁଣ୍ଠାବୋଧ ହେଲେ। ପରେ ପ୍ରଥମ ବହିନି ଭାବି କହିଲେ, "ଦେଈ ତମେ ପେଟ ଚିହ୍ନି ଆହାର ଦେଇ ମତେ ଋଣୀ କରି ଦେଲ। ହେଲେ ଶାଢ଼ୀ ବଦଳରେ ଟଙ୍କା ଏତେ ମୁଁ ରଖିବିନି। କେବଳ କିଣା ଦର ରଖିବି। ଦାମଚାନ୍ଦ୍ ବଳକା ଟଙ୍କା ରବିବୋଉ ହାତରେ ଗୁଞ୍ଜିଦେଇ ଫେରିଗଲେ। ତା ପରଠାରୁ ଦୁହେଁ ଭାଇ ଭଉଣୀ ସମ୍ପର୍କରେ ବାନ୍ଧି ହୋଇଗଲେ।

ପ୍ରତିବର୍ଷ ଦାମଚାନ୍ଦ୍ ଆସି କମ୍ ଦାମରେ ଶାଢ଼ୀଟିଏ ପ୍ରଦାନ କରି ମୁଠାଏ ଖାଇ ଫେରନ୍ତି। ସମ୍ପର୍କ ଗଭୀର ହେବାରୁ ଦାମଚାନ୍ଦ୍ ଓ ରବିବୋଉ ତୁ ତା ଲଗାଇ କଥାବାର୍ତ୍ତା ହୁଅନ୍ତି। ଆଖପାଖ ଗାଁ ସ୍ତ୍ରୀଲୋକଙ୍କୁ ଦାମଚାନ୍ଦଙ୍କ ଲୁଗାପଟା ଉନ୍ନତ ଓ ଅଳ୍ପ ମୂଲ୍ୟର କହି ରବିବୋଉ ଗୁଡାଏ ଜିନିଷ ବିକାଇ ଦିଅନ୍ତି। ସେଥିରେ ଦାମଙ୍କ ଲାଭ ହୁଏ ଆଉ ଦୁହିଁଙ୍କ ଭିତରେ ଆତ୍ମୀୟତା ବୃଦ୍ଧିପାଏ।

ବେଳେବେଳେ ଫେରିବାଲା ଦାମଚାନ୍ଦ୍ କୁହନ୍ତି, "ଦେଈଲୋ, ତୁ ଯୋଉ ଦିନ ବହିନି କରୁଛୁ ସେଥର ଭଲ ବେପାର ହଉଛି। ତୋ ଋଣ ମୁଁ କେବେ ସୁଝି ପାରିବିନି।" ବର୍ଷ ବର୍ଷ କରି ଦାମଚାନ୍ଦଙ୍କ ଶାଢ଼ୀରେ ରବିବୋଉ ସାବିତ୍ରୀ ଓଷା କରି ଆସୁଥିଲେ। ପରିବାର ଭିତରେ ସାବିତ୍ରୀ ପର୍ବ ପାଳନର ପରମ୍ପରା ସେଇଠୁ ଆରମ୍ଭ ହେଲା ଓ ଜାରି ରହିଲା।

କିଛିଦିନ ପରେ ଦାମଚାନ୍ଦଙ୍କ ଆଉ ଦେଖା ଦର୍ଶନ ମିଳିଲାନି। ରବିବୋଉ ମନେ ମନେ ଖୋଜି ହେଲେ। ତାପରେ ତାଙ୍କୁ ଭୁଲିବାକୁ ଲାଗିଲେ।

"ଦେଖିଲ ଦେଖିଲ, କୋଉଟା ରଖିବି ? ଆମେ ଶାଢ଼ୀଟେ କିଣି ଦେଲେ ସୁକାନ୍ତ ପରେ ଟଙ୍କା ପଠାଇବ। ମାଆ କହୁଥିଲା, କମ୍ପାନୀ ତାକୁ ଛୁଟି ଦଉନି। ସେ ଆସି ପାରିବନି।" ଝୁନା କଥାରେ ପ୍ରକୃତିସ୍ଥ ହେଲେ ରବି।

ରବୀନ୍ଦ୍ର ବେପାରୀ ଦୁହିଁଙ୍କୁ ପଚାରିଲେ, "ତୁମ ଗାଁର ଦାମଚାନ୍ଦ୍ ବୋଲି ଜଣେ ଫେରିବାଲା ଥିଲେ କି ? ଆଗେ ସେ ଭଲ ଭଲ ଶାଢ଼ୀ ଆଣି ଦଉଥିଲେ। ଆମ ବୋଉ ତାଙ୍କ ଲୁଗା ପିନ୍ଧି ସାବିତ୍ରୀ ପର୍ବ ଆରମ୍ଭ କରିଥିଲା।"

ଯୁବକ ଜଣେ ପାଖକୁ ଲାଗି ଆସି କହିଲେ, "ଆମେ ତାଙ୍କ ପୁଅ। ବାପା ଯିବା ପୂର୍ବରୁ କହିଥିଲେ, ତାଙ୍କୁ ମନେ ରଖିବାକୁ ହେଲେ ତନ୍ତକଳର ନାମ 'ଫୁଲ ଦେଈ' ରଖିବ। ଫୁଲଦେଈ ତାଙ୍କର ଗୋଟିଏ ଭଉଣୀ। ଅନେକ ବର୍ଷ ତଳେ ଗ୍ରୀଷ୍ମ ଋତୁରେ ସେ ପାଣି ପିଆଇ ବାପାଙ୍କୁ ଅଂଶୁଘାତରୁ ବଞ୍ଚାଇଥିଲେ। ସେ ପ୍ରଥମେ ଲୁଗା କିଣିଲେ ବାପାଙ୍କର କୁଆଡ଼େ ବେପାର ଅଧିକ ହୁଏ। ତାଙ୍କରି କଲ୍ୟାଣରୁ ଆଜି ଆମର ଉନ୍ନତି ହୋଇଛି। ତାଙ୍କ ନାମକୁ ସମ୍ମାନ ନଦେଲେ ସବୁ ଧୂଳିସାତ ହୋଇଯିବ ବୋଲି ସେ ସତର୍କ କରାଇ ଦେଇଥିଲେ। ବାପା ଆଉ ନାହାଁନ୍ତି କିନ୍ତୁ ତାଙ୍କ ପରାମର୍ଶ ଅନୁସାରେ ଆମ ଲୁମର ନାମ 'ଫୁଲଦେଈ ଫେବ୍ରିକ୍' ଦେଇଛୁ। ଅନଲାଇନ୍ ବେପାର ଯୋଗୁ ଅନେକ ସଂସ୍ଥା ଭୁଷୁଡ଼ି ଗଲାଣି। ଖୁଚୁରା ବ୍ୟବସାୟୀ ହାତ ବାନ୍ଧି ଦାଦନ ଖଟିବାକୁ ଚାଲି ଗଲେଣି। ଅଥଚ ବାପାଙ୍କ ଆଶୀର୍ବାଦ ଆଉ ଫୁଲଅପାଙ୍କ ମହନୀୟତାରୁ ଆମେ ବେପାର କରି ଭଲରେ ଅଛୁ। କେବଳ ସେତିକି ନୁହେଁ, ଫୁଲଅପା ନାମରେ ଗୋଟିଏ ପାୱାର ଲୁମ ଆମେ ସମର୍ପଣ କରି ଦେଇଛୁ।"

ସାନଭାଇ କଥା ଯୋଡିଲେ, "ଫୁଲଦେଈ ଅପା କଥାରେ ବେଣୁ ପିଇସା ବ୍ୟାଙ୍କରେ ଗ୍ୟାରେଣ୍ଟର ପଡିଥିଲେ। ବାପା ଲୋନ୍ କରି ତନ୍ତକଳ ସ୍ଥାପନ କଲେ। ଆମ ପରିବାରର ଆର୍ଥିକ ସ୍ଥିତି ସୁଦୃଢ ହୋଇ ପାରିଲା। ତେଣୁ ସେ ଦୁହେଁ ଆମ ପାଇଁ ଦେବତା ସଦୃଶ।" ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦୁଇଭାଇ ହାତ ଯୋଡିଲେ।

ଝୁନା ସେମାନଙ୍କ କଥା ଶୁଣି କହିଲେ,"ଫୁଲଦେଈ ପରା ଆମ ଶାଶୁଙ୍କ ନାଁ .....।" ଶାଶୁଙ୍କ ନାମକୁ ପାଟିରେ ଧରି ପକାଇ ଥିବାରୁ ସେ ଜିଭ କାମୁଡି ସ୍ୱାମୀଙ୍କୁ ଅନେଇଲେ। ଫେରିବାଲା ଦୁହେଁ ଆଶ୍ଚର୍ଯ୍ୟ ହୋଇ ଦମ୍ପତିଙ୍କୁ ଚାହିଁଲେ। କଣ ଭାବିଲେ କେଜାଣି ସେମାନେ 'ଭାଇ ଭାଉଜ' ସମ୍ବୋଧନ କରି ପ୍ରଣାମ କଲେ। ଝୁନା ବୋକୀ ଭଳି ଆବାକାବା ହୋଇଗଲେ।

ହାପିକଲୋନୀ, ଗୋପ, ପୁରୀ
ମୋବାଇଲ୍:୭୯୭୮୭୩୫୨୭୬

# ସିଷ୍ଟମ



ସତ୍ୟନାରାୟଣ ପ୍ରଧାନ

ବୁଢ଼ା ବାପାଟା ଜୀବନରେ କିଛି କରି ପାରିଲା ନାହିଁ କାହିଁକି ନା ଦଇବ ତାକୁ ଅଦିନରେ ଦାଉ ସାଧିଲା। ଝିଅ ପୁଅ ଦିଇଟା ଜନ୍ମ ଦେଇ ହସ ଖୁସିରେ ସଂସାର କରିବା ତା ମାଆ ଭାଗ୍ୟରେ ବୋଧେ ଲେଖା ହୋଇ ନ ଥିଲା। ସେଇ ପୁଅକୁ ପାଇବ ବୋଲି ମାଆ ତାର କେତେ ଦିଅଁ ଦେବତାଙ୍କୁ ଡାକି ଅନେକ ବର୍ଷ ପରେ ପାଇଥିଲା। ସେ କିନ୍ତୁ ହସ ଖୁସି ଦେଖିବା ଆଗରୁ ଅଜଣା ରୋଗରେ ପୀଡ଼ିତ ହୋଇ ଆରପାରିକୁ ଚାଲିଗଲା। ସେମାନଙ୍କ ଘର ନିହାତି ମଫସଲ ଆଉ ସଭ୍ୟତାର ଅପହଞ୍ଚ ଇଲାକାରେ ଥିବାରୁ ସେ ସମୟରେ ପାଠ ବୋଲି କିଛି ଅଛି ସେଠାକାର ଲୋକମାନେ ଜାଣି ନ ଥିଲେ। ବୁଢ଼ା ବାପା ଘରର ସବୁ ହାନି ଲାଭ ଝିଅ ଉପରେ ଛାଡି ଦେଇଥିଲା। ବାପା ଝିଅ ଦିନରାତି ପରିଶ୍ରମ କରି କୁନି ପୁଅଟା ପାଇଁ ସ୍ୱପ୍ନ ଦେଖିବା ଆରମ୍ଭ କରି ଦେଇଥିଲେ। ବଡ଼ ଭଉଣୀ ପର ଘରେ ବାସନ ମାଜିବା ସହିତ ବୋଲ ହାକ କରି ଯାହା ଟଙ୍କା ରୋଜଗାର କରେ ତାକୁ ସଞ୍ଚୟ କରିବା ଲାଗି ଖାତାଟିଏ ଖୋଲି ସାରା ଜୀବନ ଅବିବାହିତ ରହିବାକୁ ବାଛି ନେଇ ଥିବାରୁ ବାପାର ନାମକୁ ସେଥିରେ ସଂଯୋଗ କରିଥିଲା। ପରିବାର ଅଭାବ ଅସୁବିଧା ଭିତରେ କଟି ଯାଉଥିଲା। ସାନଭାଇ ବାହା ହୋଇ ଘର ସଂସାର କରିବା ଭିତରେ ସୁଖ ହେଉ କି ଦୁଃଖରେ ବିତାଇ ଦେଉଥିଲା।

ବାପା ବୃଦ୍ଧ ହୋଇ ଯିବାରୁ ଅଚାନକ ହୃଦଘାତରେ ପୀଡ଼ିତ ହୋଇ ସେ ମଧ ବାଟ କାଟିଦେଲେ। ବଡ଼ ଭଉଣୀ ବାପାର ଯିବା ପରେ ଝୁରି ହୋଇ ସେ ବି ଆରପାରିକୁ ଚାଲିଗଲା। ତା ପାଖରେ ସେତିକି ସମ୍ବଳ ନ ଥିବାରୁ ଭଲ ଭାବରେ କ୍ରିୟା କର୍ମ ନ ପାରି ଜୀବନ ଠାରୁ ଅଧିକ ଭଲ ପାଉଥିବା ଭଉଣୀକୁ ପୋତି ଦେବାକୁ ବାଛି ନେଇଥିଲା।

ତାର ଯିବାର ପନ୍ଦର ଦିନ ବିତି ଯାଇଗଲା। ଘର ପରିବାର ଚଳିବାର ସବୁ ବୋଝ ତାକୁ ଏବେ ମୁଣ୍ଡେଇବା ପାଇଁ ପଡିଲା। ଭଉଣୀ ଖାତାରେ ଟଙ୍କା ଥିବାର ଅଛି ବୋଲି ଜାଣିଥିବାରୁ କିପରି ପାଇ ପାରିବ ବୁଝିବାକୁ ଗଲା। ସେ ବି ଏତେ ଜାଣିବାର ହୋଇ ନ ଥିବାରୁ ତାକୁ କିପରି ହାସଲ କରିବାକୁ ହେବ କେହି ତାକୁ ସହଯୋଗର ହାତ ବଢ଼ାଇଲେ ନାହିଁ। ସେ ଯେତେ ଥର ବୁଝିବାକୁ ଗଲା ଟଙ୍କା ଥିବା ଲୋକଟିର ପ୍ରମାଣ ନିହାତି ଦରକାର ଶୁଣିବାକୁ ପଡିଥିଲା।

ଗରିବ ଭାଇଟା କେତେ ଆଉ ଗୁହାରି କରିବ ସେଥିପାଇଁ ପ୍ରମାଣ ଦେଖାଇବା ପାଇଁ ପୋତିଥିବା ମଲା ଶବଟା କାନ୍ଧରେ ବୋହି ହାଜର ହୋଇ ଯାଇଥିଲା। ଏ ସବୁ ଘଟଣା ଚାରିଆଡେ ପ୍ରଚାର ହୋଇଯିବା ପରେ ହଜି ଯାଇଥିବା ମାନବିକତା ପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଙ୍କି ମାରିବା ପରେ ସେଇ ପରିବେଶରେ ଜଡିତ ଥିବା ଲୋକଙ୍କର ଉତ୍ତର କେବଳ ଥିଲା ଆମ ସମସ୍ତେ ପରା ସିଷ୍ଟମରେ ବନ୍ଧା।

ଅଣ୍ଡିଆ, ଯାଜପୁର, ମୋବାଇଲ୍:୯୧୭୮୩୧୩୬୪୪



## ବିଶ୍ୱସ୍ତ ମଣିଷ ସିଏ

ଡଃ ତାନଶ୍ରୀ ପାଣିଗ୍ରାହୀ

ଯାହାର ହୃଦୟେ ନିଃସ୍ୱାର୍ଥପରତା
ସଦା ହୁଏ ପ୍ରତିଭାତ
ଦୟା କ୍ଷମା ସ୍ନେହ ତା ପାଖରେ ଥାଏ
ସବୁବେଳେ କୁହେ ସତ
ଆଚରଣ ସଦା ନମ୍ର ସଂଯମ
କଥାରେ ବିନୟୀ ଯିଏ
ବିଶ୍ୱସ୍ତ ମଣିଷ ସିଏ...

ବିଶ୍ୱାସକୁ ଯିଏ ଆପଣାର ଭାବି
 କରେ ସେ ଯାହାକୁ ମିତ
ସରଳ ମନ ଯା କପଟ ବିହୀନ
ଗାଏ ଜୀବନ ସଂଗୀତ
ତ୍ୟାଗ ମନୋଭାବ ପରୋପକାରୀତା
ତା ପାଖରେ ସଦା ଥାଏ
ବିଶ୍ୱସ୍ତ ମଣିଷ ସିଏ...

ଧର୍ମପଥେ ସଦା ବଞ୍ଚିବା ଶିଖାଏ
ବିଶ୍ୱସ୍ତତା ନିଜେ ଶିଖେ
ଭରସା ଯୋଗାଏ ବିଶ୍ୱାସ ଜନ୍ମାଏ
ଆପଣା ବଚନ ରଖେ
ପ୍ରତିଶ୍ରୁତି ଦେଇ ପାଳନ କରେ ଯେ
ନୀତି ନିୟମରେ ରହେ
ବିଶ୍ୱସ୍ତ ମଣିଷ ସିଏ...

ଦୁଃଖ ବିପଦରେ ସାହା ହୁଏ ପାଖେ
ଆହା ପଦଟିଏ କହେ
ଲୁହ ପୋଛି ଦେଇ ସାନ୍ତ୍ୱନା ଦିଏ
କରୁଣା ତା ହୃଦେ ବହେ
ବିଶ୍ୱାସେ ରଖେ ସେ ଗୋପନୀୟ କଥା
କାହାକୁ କେବେ ନ କହେ
ବିଶ୍ୱସ୍ତ ମଣିଷ ସିଏ...

ହିଂସା ଦ୍ୱେଷ ଅହଂ ନାହିଁ ଯାହା ପାଖେ
ନିଜ କର୍ତ୍ତବ୍ୟରେ ଧ୍ୟାନ
ଈଶ୍ୱରଙ୍କ ଠାରେ ଭରସା ରଖେ ସେ
ସମର୍ପିତ ତାର ମନ
ତା ଶୁଦ୍ଧ ଚରିତ୍ର ସୁବର୍ଣ୍ଣପରିକା
ସର୍ବଦା ଝଟକୁଥାଏ...
ବିଶ୍ୱସ୍ତ ମଣିଷ ସିଏ ॥

ବାଲେଶ୍ୱର
ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବାଲିଆ, ବାଲେଶ୍ୱର





## ବ୍ୟଥା

ଡ.ଚନ୍ଦ୍ରକଳା ନାୟକ

କିଛି କଥା ଅଛି
ମୁଁ ତୁମକୁ ହିଁ କହିପାରେ
ଯାହା କହି ପାରେନା
ମୋ ନିଜର ମଣିଷ ମାନଙ୍କୁ
ଅବା ମୋ ଅନ୍ତରକୁ ।
ତୁମେ କଣ ଜାଣିଛ, କି କଥା ?
ସେ କଥା ମୋ ଅବ୍ୟକ୍ତର
ତାଳଗଛ ପରି ଖୁବ ବକ୍ର
ନଦୀ ପରି ଗଭୀର
ସ୍ରୋତ ପରି ତେଜ
ମା ପରି ଅତି କୋମଳ
ଅଥଚ ସେ ମୋର ସାଧା କାଗଜ ତଳର
ଅବ୍ୟକ୍ତ ଅନାଶକ୍ତ
କହି ପାରୁ ନଥିବା ବ୍ୟଥା ।
ବେଳେବେଳେ ସେ କହେ
ଖରାର କିରଣକୁ ଯିବାକୁ
ଶୀତର ପରଶକୁ ମାପିବାକୁ
ବସନ୍ତରେ ମହୁଆଲା ହେବାକୁ
ଝିପଝିପ ବର୍ଷାରେ ଭିଜିବାକୁ
ସବୁ କ୍ଳାନ୍ତି ପରେ ବି
ସମୟ ସହ ଏକଲା ଚାଲିବାକୁ ।
ଅନେକ ବେଳେ ମନର ବ୍ୟଥାଟା
ଦେବନାର ପରଶରେ ତରଳି ଯାଏ
ଆଗ୍ନେୟଗିରୀର ଲାଭା ପରି ନୁହେଁ
ଶିତଳ ସ୍ପର୍ଶର ଭାବରେ ନୁହେଁ
ଶୂନ୍ୟତାର ପଦଚିହ୍ନରେ
ପୁଣି ଉଲଗ୍ନ ଆଲିଙ୍ଗନର
ଶେଷ ପରଶର ଚୁମ୍ବନରେ ।
ସେ ବ୍ୟଥା କଥା ମୁଁ କାହାକୁ କହିପାରେନା
ତତେ ତାକୁ ସେମାନଙ୍କୁ
କହେ କେବଳ ସ୍ରଷ୍ଟାକୁ
ଗଢ଼ିଥିବା ପୃଥିବୀର ସ୍ରଷ୍ଟ
ଚେତନାର ପଥିକ ଗୁଡାକୁ ।
ତୁ କିନ୍ତୁ ଆସୁ ବେଳ ଅବେଳରେ
ଆପଣାର ମାନଙ୍କର ଆକ୍ରୋଶରେ
ମୋ ଛାଇର ଶେଷଚିତ୍ର ପରି
ଭିଡ ଭିତରୁ ଧକ୍କା ଖାଇ
ଆଖିକୁ ମଳି ମଳି କାନ୍ଦିବା ପାଇଁ
ପୁଣି ଫେରାଇ ନେବାକୁ
ଭିନ୍ନ ଏକ ଦୁନିଆକୁ
ଯେଉଁଠି ଆଖିର ଲୁହଟାବି ପ୍ରତାରଣା କରି
ବ୍ୟଥାର ଶେଷ ସନ୍ତକଟିକୁ
ଗୁଡେଇ ତୁଡେଇ ଖୋଜୁଥାଏ ଅନବରତ ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର
ମୋବାଇଲ୍: ୯୪୩୭୯୫୭୬୧୭





## ଉଠ କଙ୍କାଳ

ଡ. ଶୁଭେନ୍ଦୁ ମେହେର

ଆଜିପରି.......
ଏଇମିତି ଯେତେଦିନ ଲୋଡ଼ିବି
ସବୁଦିନ ତୁଇ ଉଠିବୁ ଗାତରୁ ଆଜିଭଳି !
ନିର୍ବସ୍ତ୍ର ହୋଇ ଅସ୍ତ୍ର ସାଜିବୁ
ସାକ୍ଷୀ ସାଜିବାପାଇଁ ସଜେଇ ହେବୁ
ଅସ୍ଥି ଆଉ ପଚା ମାଂସର ଗନ୍ଧରେ ଜଗତ ଜିତିଯିବୁ
ଦୁର୍ବଳକୁ ଜଗେଇବାର ମହାମନ୍ତ୍ର ସାଜିବୁ
ନିର୍ଦ୍ଦୟ ବ୍ୟବହାର ପାଇଁ ନୀରବ ପ୍ରତିବାଦ ସାଜିବୁ
ସମାଜ ଆଉ ସଂସ୍କାରକୁ ଫୁ କରିବୁ ।
ତୁ ହିଁ ମୋତେ
ସଡ଼କ ଦେବୁ, ସୁରକ୍ଷା ଦେବୁ,
ପାଣି, ଲାଇଟ୍, ଇସ୍କୁଲ ଦେବୁ,
ଡାକ୍ତରଖାନା ଦେବୁ,
ମୋ' ଗାଁର ଯୁବକ ଯୁବତୀଙ୍କୁ ଚାକିରୀ ଦେବୁ !
ଜାଣିଛୁ... ଆଗକୁ କେତେ ନାଲି ବତିଆ ଗାଡ଼ି
ମୋ' ଗାଆଁକୁ ଆସିବ ଯେ'
ଟିଭି ବାଲା, ଖବର କାଗଜ ବାଲା ଧାଡ଼ି ଧରିବେ ।
ଏବେ ପା' ପଲ୍ଲୀରୁ ଦିଲ୍ଲୀ
ସବୁଠି ତୋ'ର ମୋ'ର ଚର୍ଚ୍ଚା,
ଯେଉଁ ମାନଙ୍କୁ ମୁଁ ଲୋଡୁଥିଲି.....
ସେମାନେ ଏବେ ଗୋଡ଼ ଭାଙ୍ଗି ମୋ' ଦୁଆରେ ଠିଆ
ତୁ' ଆସିବା ଜାଣି
ପାଣି ଫାଟିଗଲା ସେମାନଙ୍କ ଦେହର ଉଷୁମ ରକ୍ତ
ପଥର ହୃଦୟ ନରମ ହୋଇଗଲା
ଅଳନ୍ଧୁ ଲଗା ସ୍ୱପ୍ନସବୁ
ଫୁଲ ପରି ଫୁଟିଲା ପରେ
ଦରଭଙ୍ଗା ଛାତିରେ ଛାତେଇଛି ତୋ' କଙ୍କାଳ ।
ଜାଣିଛୁ, ଝଡ଼ ଆସିବାର ଥିଲେ
ଦିନ ଦୁଇପହରେ ଆସେ,
ଗରିବର ସ୍ୱପ୍ନ ମାନଙ୍କୁ
ନିଃସନ୍ଦେହରେ ବଳି ଚଢେଇପାରେ
ଦାମୀ ଚଷମା ତଳର ଆଖି !
ଥରେ ପାରିଲୁ ବୋଲି
ମୋ'ର ଆୟୁଷ ଆକାଶେ ବଢ଼ିଲା
ଜୀବନ ଯୌବନ ପାଇଲା !
ବାହାର ପାଣି ପାଇଁ....
ଢାଳେ ପାଣି ଆଉ ପାହାଡ଼ ତଳ ଶାଳ ବଣ
ଦିହ ଧୋଇବା ପାଇଁ ଝରଣା ପୋଖରୀ
ମୁଣ୍ଡ ଗୁଞ୍ଜିବା ପାଇଁ ଆମର ଝୁପୁଡ଼ି
ଦୁର୍ଗମ ଗିରି ହେଉ କି' ଦୁର୍ଗ ପ୍ରାଚୀର
ଜୀର୍ଣ୍ଣ ଦୁଆର ବି ଏବେ କଂକ୍ରିଟ ହୋଇଯିବ ।
ସେ' ଦିନ ମହାପାତ୍ରେ ଯେମିତି ଉଠାଇଥିଲେ
ମୁଁ ଠିକ ସେମିତି ଉଠାଇଲି
ତୋତେ ତନ୍ତ୍ର ସଜେଇ ତାନ୍ତ୍ରିକ ହେଲି
ବିଶ୍ୱବାସୀ ଜାଗ୍ରତ ହେବାକୁ ସାଧନା କରିଲି ।
ମୁଇଁ ପାଠ ପଢ଼ିନାଇଁ
କିଶ ପ୍ରମାଣ ଦେବି ଯେ'
ଅସହାୟ କାନ୍ଧରେ ହିଁ
କୋହଭରା ବୋଝ ସବାର ହୁଏ
ତେଣୁ ତୋତେ ଉଠାଇଲି ।
ମୋ' ଚାଲିବା ରାସ୍ତା ଯେଉଁଠି ବନ୍ଦ ହୋଇଯିବ
ତୋତେ ଜଗେଇ ଆଣିବି
ଏ ସଂସାରର ସବୁ ନିୟମକୁ ବେନିୟମ କରିବାକୁ
ତୁ' ବାରମ୍ବାର ଉଠିବୁ ।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: 9938433664

## ବିଶ୍ୱସ୍ତ ମଣିଷ ସିଏ

କବିଭାରତୀ
ବାସନ୍ତୀ ଲତା ଜେନା



କପଟ ଛଳନା ଯା ପାଖରେ ନାହିଁ
   ସତ୍ୟ ବାଣୀ କହୁ ଥାଏ
ସମ୍ମୁଖରେ ସତ୍ୟ ଉନ୍ମୋଚନ କରେ
   ବିଶ୍ୱସ୍ତ ମଣିଷ ସିଏ ।୦।
ସରଳ ଜୀବନ ଈଶ୍ୱର ବିଶ୍ୱାସୀ
   ସତ୍ୟକୁ କରେ ଆଦର
ସତ୍ୟବାଦୀ ହୋଇ ଜୀବନ ବିତାଇ
   କରେ ପରଉପକାର
ସାହାଯ୍ୟ କରଇ ଭରସା ଦିଅଇ
   ସ୍ନେହ ଶ୍ରଦ୍ଧା ବାଣ୍ଟୁ ଥାଏ
   ସମ୍ମୁଖରେ ସତ୍ୟ.... ।୧।
ମିଥ୍ୟାର ପଥ ଯେ ଅଙ୍କାବଙ୍କା ରାସ୍ତା
   ସେ ପଥରେ ଯାଅ ନାହିଁ
ସତ୍ୟର ପଥ ଯେ କଣ୍ଟକିତ ପଥ ଆଦର ତାର ବଢ଼ଇ
ବିଶ୍ୱାସ ଭରସା ଯା ପାଖରେ ଥାଏ
   ମହତ ମଣିଷ ସିଏ
   ସମ୍ମୁଖରେ ସତ୍ୟ.... ।୨।
ବନ୍ଧୁର କଥାକୁ ଗୋପନ ରଖଇ
   ମିଥ୍ୟାବାଦୀ ହୁଏ ନାହିଁ
ଆତ୍ମୀୟ ସ୍ୱଜନ ଉନ୍ନତି ଚାହେଁ ସେ
   ହିଂସା ଈର୍ଷା କରେ ନାହିଁ
ବିପଦ ବେଳରେ ପାଖେ ଠିଆ ହୁଏ
   ଆଦର୍ଶ ମଣିଷ ସିଏ
   ସମ୍ମୁଖରେ ସତ୍ୟ.... ।୩।
ବିଶ୍ୱାସ ଭରସା ଭାଙ୍ଗ ନାହିଁ ବନ୍ଧୁ
   ପ୍ରିୟ ହୁଅ ସଭିଙ୍କର
ମିଥ୍ୟାକୁ ଛାଡିଣ ସତ୍ୟ ସୁଧା ପିଅ
   କୃପା କରିବେ ଶଙ୍କର
ନିଷ୍କପଟ ହୋଇ କର୍ମ କରିଗଲେ
   ସ୍ୱଚ୍ଛ ମଣିଷଟେ ସିଏ
   ସମ୍ମୁଖରେ ସତ୍ୟ..... ।୪।

ଗାନ୍ଧୀନଗର, ନବରଙ୍ଗପୁର

# ଲୋ-ଭୋଲଟେଜ୍ ସମସ୍ୟା
# ଅନ୍ଧାରରେ ଦିନ କାଟୁଛନ୍ତି ୨୦୦ରୁ ଅଧିକ ପରିବାର

**ଢେଙ୍କାନାଳ,୫।୫(ସଂଚାର ବ୍ୟୁରୋ):** ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକରୁ ଆସିଛି ଏକ ସଂଗୀନ ଚିତ୍ର। ଜଗନ୍ନାଥପୁର ପଞ୍ଚାୟତର କଂଛିଆ ଗାଁରେ ବିଦ୍ୟୁତ ସମସ୍ୟା ଓ ଜଳକଷ୍ଟ ଲୋକଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ଦେଢ଼ ମାସ ହେଲା ଟ୍ରାନ୍ସଫର୍ମର ଅଚଳ ହୋଇ ପଡ଼ିଥିବା ବେଳେ ବିଭାଗୀୟ ଉଦାସୀନତା ଯୋଗୁଁ ଅନ୍ଧାରରେ ଦିନ କାଟୁଛନ୍ତି ୨୦୦ରୁ ଅଧିକ ପରିବାର। ଲୋ-ଭୋଲଟେଜ୍ ପାଇଁ ମିଞ୍ଜି ମିଞ୍ଜି ଆଲୁଅ ଆଉ ପ୍ରବଳ ଗୁଳୁଗୁଳି। ଏହା ହେଉଛି କାମାକ୍ଷାନଗର ବ୍ଲକ କଂଛିଆ ଗାଁର ଦୈନନ୍ଦିନ ଚିତ୍ର। ପ୍ରାୟ ଦେଢ଼ ମାସ ହେଲାଣି ଗାଁର ମୁଖ୍ୟ ଟ୍ରାନ୍ସଫର୍ମରଟି ପୋଡ଼ି ଯାଇଛି। ବାରମ୍ବାର ଅଭିଯୋଗ ପରେ ବି ନୂଆ ଟ୍ରାନ୍ସଫର୍ମର ଲାଗିଲା ନାହିଁ, ବରଂ ପ୍ରାୟ ୧ କିଲୋମିଟର ଦୂରରେ ଥିବା ଅନ୍ୟ ଏକ ଟ୍ରାନ୍ସଫର୍ମରରୁ ଅସ୍ଥାୟୀ ସଂଯୋଗ ଦିଆଯାଇଛି। ଫଳରେ ଲୋ-ଭୋଲଟେଜ୍ ସମସ୍ୟା ଏବେ ଉତ୍କଟ ହୋଇଛି। ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୃଦ୍ଧବୃଦ୍ଧା, ସମସ୍ତେ ହାତ ବିଞ୍ଚଣା ଧରି ଗଛମୂଳେ ଆଶ୍ରୟ ନେଉଛନ୍ତି। କେବଳ ବିଦ୍ୟୁତ ନୁହେଁ, ପାଣି ପାଇଁ ମଧ୍ୟ ଏଠାରେ ହାହାକାର ପଡ଼ିଛି। ପାଇପ୍ ଯୋଗେ ଜଳ ଯୋଗାଣ କରାଯାଉଥିଲେ ମଧ୍ୟ ମାତ୍ର ୧୫ ମିନିଟ୍‌ରେ ପାଣି ବନ୍ଦ ହୋଇଯାଉଛି। ଗାଁରେ ଥିବା ନଳକୂପରୁ ଆଇରନ୍ ମିଶା ପାଣି ବାହାରୁଛି। ଫଳରେ ଗାଁ ଠାରୁ ୨ କିଲୋମିଟର ଦୂର ରାମିଆଳ ନଦୀ ପଠାରେ ଚୁଆ ଖୋଳି ପାଣି ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି ଗ୍ରାମବାସୀ। ପିଇବା ପାଣି ମୁନ୍ଦାଏ ପାଇଁ ଏହି ପ୍ରବଳ ଖରାରେ ନଦୀ ପଠାକୁ ଯିବା ପାଇଁ ନିଇତି ସଂଘର୍ଷ ଚାଲିଛି। ବିଦ୍ୟୁତ ବିଭାଗ ଓ ପ୍ରଶାସନର ଦାୟିତ୍ୱହୀନତାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ନୂଆ ଟ୍ରାନ୍ସଫର୍ମର ବସାଇବା ସହ ଜଳକଷ୍ଟ ଦୂର କରିବାକୁ ଦାବି ହୋଇଛି। ଯଦି ଶୀଘ୍ର ସମସ୍ୟାର ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ଗାଁ ଲୋକେ ।

# ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବ୍ଲକ ଅଧ୍ୟକ୍ଷାଙ୍କୁ ଭେଟିଲେ ଗ୍ରାମବାସୀ



**ଅମରପାଲି,୫।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣୀ ଗ୍ରାମ ପଞ୍ଚାୟତର ଭୁତିଆପାଲି ଗ୍ରାମବାସୀ ଗ୍ରାମର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗୋଟିଏ ୱାର୍ଡ ବିଶିଷ୍ଟ ଭୁତିଆପାଲି ଗ୍ରାମରେ ପ୍ରାୟ ୮ ଶହ ଲୋକ ବସବାସ କରନ୍ତି। ଗ୍ରାମରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରୁ ନାହିଁ। ଏଣୁ ଭୁତିଆପାଲି ଗ୍ରାମବାସୀ ମଙ୍ଗଳବାର ପୂର୍ବାହ୍ନରେ ଦାବିପତ୍ର ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷାଙ୍କ ଅନୁପସ୍ଥିତିରେ ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ସମସ୍ୟା ଗୁଡିକର ସମାଧାନ କରିବାକୁ ଦାବି କରିଛନ୍ତି। ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ ଗ୍ରାମରେ ପାନୀୟ ଜଳର ସମସ୍ୟା ଦେଖାଦେଇଛି। ପାଣି ପାଇଁ ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ତେଣୁ ଏହାର ତୁରନ୍ତ ସମାଧାନ ପାଇଁ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହା ସହିତ ଦୀର୍ଘ ଦିନ ହେଲା ଗ୍ରାମରେ ଆମ ଗାଁ ଆମ ବିକାଶ ଅଧୀନରେ ଆରମ୍ଭ ହୋଇଥିବା କାମ ସମ୍ପୂର୍ଣ୍ଣ ହୋଇ ପାରୁ ନାହିଁ। ତେଣୁ ଏହି କାମକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବି କରିଛନ୍ତି। ଏହା ସହିତ ଗ୍ରାମ୍ୟ ରାସ୍ତା କଂକ୍ରିଟ କାରଣ ଓ ଆହୁରି ଅନ୍ୟ କେତେକ ଦାବିକୁ ତୁରନ୍ତ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବିଷାକ୍ତ ଖାଦ୍ୟ ଖାଇ ୨୧ ଛେଳି ମୃତ
## ସରକାରଙ୍କୁ କ୍ଷତିପୂରଣ ଦାବି କଲେ ଗୋପୀନାଥ



**ମୋହନା,୫।୫(ସଂଚାର ବ୍ୟୁରୋ):** ବିଷାକ୍ତ ଖାଦ୍ୟ ଖାଇ ୨୧ ଛେଳି ମୃତ, ୫ ଗୁରୁତର । ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ମୁଣ୍ଡୁମୁଡ଼ିଆ ଗାଁରେ। ସୋମବାର ଗାଁର ଗୋପୀନାଥ ଗୌଡ଼ ନାମକ ଜଣେ ଚାଷୀ ଜଙ୍ଗଲକୁ ଛେଳି ଚରାଇ ନେଇ ସନ୍ଧ୍ୟାରେ ଆଣି ଗୁହାଳ ଘରେ ରଖିଥିଲେ । ଆଜି ସକାଳେ ଗୁହାଳ ଘରେ ୨୧ ଛେଳି ମରି ପଡିଥିବା ସହ ୫ ଛେଳି ଗୁରୁତର ଅବସ୍ଥାରେ ଥିବା ଦେଖିଥିଲେ । ଘଟଣାସ୍ଥଳରେ ମୋହନା ପ୍ରାଣୀଧନ ଚିକିତ୍ସା ଟିମ ପହଞ୍ଚି ଗୁରୁତର ୫ ଗୋଟି ଛେଳିକୁ ଚିକିତ୍ସା କରିଛନ୍ତି ଏବଂ ୨୧ ଗୋଟି ଛେଳିକୁ ବ୍ୟବଚ୍ଛେଦ କରାଯିବାପରେ କୌଣସି ବିଷକ୍ରିୟା ଜନିତ ଖାଦ୍ୟ ଖାଇ ମୃତ ହୋଇଥିବା ସୂଚନା ଦେଇଛନ୍ତି । ଅପରପକ୍ଷେ ମୃତ ୨୧ ଗୋଟି ଛେଳିର ମୂଲ୍ୟ ପ୍ରାୟ ୨ ଲକ୍ଷରୁ ଅଧିକ ହେବ । ଗୋପୀନାଥ ଅତି ଗରିବ ପରିବାରର ହୋଇଥିବା ହେତୁ ସରକାରଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରିଛନ୍ତି ।

## ରାଜ୍ୟସ୍ତରୀୟ ପ୍ରାଥମିକ ଆଚାର୍ଯ୍ୟ ପ୍ରଶିକ୍ଷଣ
# ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା ଓ ପ୍ରତିଭା ବିକାଶକୁ ଗୁରୁତ୍ୱ



**ଦିଗପହଣ୍ଡି,୫।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଜ୍ୟ ବିଦ୍ୟା ଭାରତୀ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ମଙ୍ଗଳବାରଠାରୁ ୧୦ ଦିନବ୍ୟାପୀ ରାଜ୍ୟ (ସମ୍ଭାଗ) ସ୍ତରୀୟ ପ୍ରାଥମିକ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ପ୍ରଧାନାଚାର୍ଯ୍ୟ ଭଗବତୀ ପ୍ରସାଦ ମିଶ୍ର ଏବଂ ଷଷ୍ଠୀ ପ୍ରସାଦ ବିଷୋୟୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିର ଉଦଘାଟନୀ ସଭାରେ ଶିକ୍ଷା ବିକାଶ ସମିତିର ସମ୍ପାଦକ ଡ. କିଶୋର ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜାତୀୟ ଫାର୍ମାସି କାଉନସିଲ ମୁଖ୍ୟ ପଦ୍ମଚରଣ ବେହେରା, ବର୍ଗ ପ୍ରମୁଖ ଆଶିଷ କୁମାର ରଥ, ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ବିଷୋୟୀ, ସମ୍ପାଦକ ପ୍ରହ୍ଲାଦ ଡାକୁଆ, ପୂର୍ବତନ ସଭାପତି ରାମଚନ୍ଦ୍ର ସାହୁ, ସଂକୁଳ ବିଭାଗୀୟ ଜିଲା ନିରୀକ୍ଷକ ସରୋଜ କୁମାର ପଟ୍ଟନାୟକ, ପଦ୍ମନାଭ ସାମଲ, ଅରୁଣ ବାଗ, କୈଳାସ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କ ପଞ୍ଚପଦୀ ଶିକ୍ଷଣ, ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା ଏବଂ ସେମାନଙ୍କ ଲୁକ୍କାୟିତ ପ୍ରତିଭା, ବ୍ୟକ୍ତି ବିକାଶରେ ଆଚାର୍ଯ୍ୟା ଆଚାର୍ଯ୍ୟମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟର ବିଭିନ୍ନ ପ୍ରାନ୍ତର ଅଧୀନ ୯ ଟି ସମ୍ଭାଗରୁ ସମୁଦାୟ ୧୪୦ ଜଣ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କୁ ୨୦ ଜଣ ପ୍ରଶିକ୍ଷକ ଓ ଶିକ୍ଷା ବିକାଶ ସମିତିର ବରିଷ୍ଠ କାର୍ଯ୍ୟକର୍ତ୍ତା ବୃନ୍ଦ ତାଲିମ ପ୍ରଦାନ କରିବା କାର୍ଯ୍ୟକ୍ରମ ରହିଛି। ଦିଗପହଣ୍ଡି ସରସ୍ୱତୀ ବିଦ୍ୟାମନ୍ଦିର ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା ବୃନ୍ଦ ଏବଂ ବରିଷ୍ଠ ଆଚାର୍ଯ୍ୟା ଆଚାର୍ଯ୍ୟ ବୃନ୍ଦ ଉପସ୍ଥିତ ରହିସ୍ କାର୍ଯ୍ୟକ୍ରମ ପରିଚାଳ ପରିଚାଳନାରେ ସହଯୋଗ କରିଥିଲେ।

# ବୈତରଣୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ପାଟଣା,୫।୫(ସଂଚାର ବ୍ୟୁରୋ):** କେନ୍ଦୁଝରର ଜିଲା ପାଟଣା ଥାନା ଅନ୍ତର୍ଗତ କେନ୍ଦୁଯୋଡା ଗ୍ରାମ ନିକଟସ୍ଥ ବୈତରଣୀ ନଦୀ କୂଳରୁ ମଙ୍ଗଳବାର ଜଣେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ କେନ୍ଦୁଯୋଡା ଗ୍ରାମର ପ୍ରମିଳା ମହାନ୍ତ । ସୂଚନା ଅନୁସାରେ ପ୍ରମିଳା ସୋମବାର ଠାରୁ ନିଖୋଜ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ। ମଙ୍ଗଳବାର ସକାଳେ ଗ୍ରାମବାସୀମାନେ ବୈତରଣୀ ନଦୀ କୂଳରେ ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି । ପୋଲିସ ମୃତଦେହକୁ ଜବତ କରି ମୃତ୍ୟୁର କାରଣ ଖୋଜିବା ସହିତ ପୋଷ୍ଟମର୍ଟମ ପାଇଁ ପଠାଇଛି ।

# ଅବସରପ୍ରାପ୍ତ ଶିକ୍ଷକଙ୍କୁ ୨ ବର୍ଷ ଜେଲ୍‌ଦଣ୍ଡ

**ଗୁଣପୁର,୫।୫(ସଂଚାର ବ୍ୟୁରୋ):** ରାୟଗଡା ଜିଲା ଡୁକୁମ କଲ୍ୟାଣ ବିଭାଗର ପୂର୍ବତନ ଶିକ୍ଷକ ୟୁ.ରାଜେନ୍ଦ୍ର ପାତ୍ରଙ୍କୁ ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ବିଚାରପତି ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ୨ ବର୍ଷ ଜେଲ ଦଣ୍ଡ ସହ ୫୦ ହଜାର ଟଙ୍କାର ଜରିମାନା ରାୟ ଶୁଣାଇଛନ୍ତି। ପୂର୍ବରୁ ଅବସର ପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ପାତ୍ରଙ୍କ ବିରୋଧରେ ଓଡ଼ିଶା ଭିଜିଲାନ୍ସ କେଶ ନଂ.୧୩(୨).୧୩(୧) ପି.ଏ. ଧାରା ୧୯୮୮ ରେ ମାମଲା ରୁଜୁ କରିଥିଲା । ସମୋବାର ଜୟପୁର ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ବିଚାରପତି ଏହି ରାୟ ଶୁଣାଇଛନ୍ତି । ଏଥି ସହିତ ଭିଜିଲାନ୍ସ ବିଭାଗ ତରଫରୁ କଲ୍ୟାଣର ବିଭାଗକୁ ତାଙ୍କ ପେନଶନ ବନ୍ଦ କରିବା ନିମନ୍ତେ ଅବଗତ ମଧ୍ୟ କରିଛନ୍ତି ।

# ମାଛ ମାର୍କେଟରେ ମରଣାନ୍ତକ ଆକ୍ରମଣ, ୪ ଗିରଫ



**ପିପିଲି,୫।୫(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ମାଛ ମାର୍କେଟରେ ନୃଶଂସ ଆକ୍ରମଣ ମାମଲାରେ ୪ ଗିରଫ । ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ପନିକିରେ ହାଣିବା ପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ମାମଲାରେ ୪ ଜଣଙ୍କୁ ଗିରଫ କରିଛି ପୋଲିସ । ମରଣାନ୍ତକ ଆକ୍ରମଣର ଶିକାର ଯୁବକଙ୍କ ନାଁ ମୃତ୍ୟୁଞ୍ଜୟ ଭାରିମଳ । ଘର କଣାସ ଥାନା ଦୋକନ୍ଦା ଗାଁରେ । ଗୁରୁତର ମୃତ୍ୟୁଞ୍ଜୟଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଛି । ସେ ଏବେ ଜୀବନ ସହ ସଂଗ୍ରାମ କରୁଛନ୍ତି। ପ୍ରାଥମିକ ତଦନ୍ତରୁ ପୂର୍ବ ଶତ୍ରୁତାରୁ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ମାଛ ବଜାରରେ ସ୍ପଷ୍ଟ ଦିବାଲୋକରେ ୩ରୁ ୬ ଜଣ ଦୁର୍ବୃତ୍ତ ଏକ ଧାରୁଆ ପନିକିରେ ମୃତ୍ୟୁଞ୍ଜୟଙ୍କୁ ନିର୍ମମ ଭାବେ ହାଣିବା ପରେ ତାଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତ୍ୟୁଞ୍ଜୟ ପଡ଼ି ରହିଥିବା ବେଳେ ବଜାରରେ ଆତଙ୍କ ଖେଳାଇଥିଲେ ଅପରାଧୀ । କଣାସ ପୋଲିସ ଏବଂ ସ୍ପେଶାଲ ସ୍କ୍ୱାଡ୍ ତୁରନ୍ତ ତଦନ୍ତ ଆରମ୍ଭ କରି ଏହି ବର୍ବରକାଣ୍ଡରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏଥିରେ ସଂପୃକ୍ତ ଅନ୍ୟ ଅପରାଧୀଙ୍କୁ ଧରିବା ପାଇଁ ଜନସାଧାରଣଙ୍କ ସହଯୋଗ ମଧ୍ୟ ଲୋଡ଼ିଛିପୋଲିସ ।

# ମହୁଲି ମଦ, ଗଞ୍ଜେଇ ଜବତ: ୩ ଅଭିଯୁକ୍ତଙ୍କୁ ଗିରଫ



**ସୁବର୍ଣ୍ଣପୁର,୫।୫(ସଂଚାର ବ୍ୟୁରୋ):** ଗତକାଲି ମଧ୍ୟ ରାତ୍ର ପ୍ରାୟ ୦୨.୦୦ଟା ସମୟରେ, ଉଲୁଣ୍ଡା ଥାନା ଅଧୀନସ୍ଥ ଗୁଜା ଗ୍ରାମରୁ ବେଆଇନ ଦେଶୀ ରନ୍ଧା ମହୁଲି ମଦ ଓ ଗଞ୍ଜେଇ ପରିବହନ ସମ୍ପର୍କରେ ଗୁଇନ୍ଦା ସୂଚନା ଆଧାରରେ, ସୁବର୍ଣ୍ଣପୁର ପୋଲିସ ଅଧୀକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ, ଆଇଆଇସି ଉଲୁଣ୍ଡା ଥାନା କର୍ମଚାରୀଙ୍କ ସହିତ ଗୁଜା ଗ୍ରାମକୁ ଯାଇଥିଲେ, ଭରଦ୍ୱାଜ କର୍ଣ୍ଣ (୩୬), ଗୋପବନ୍ଧୁ କର୍ଣ୍ଣ(୩୪) ଅଭିଯୁକ୍ତଙ୍କ ଅବୈଧ କବଜାରୁ ୦୧ କ୍ୱିଣ୍ଟାଲ ୫୮ କେଜି ୫୦୦ ଗ୍ରାମ ଚୋରା ଗଞ୍ଜେଇ ଚିହ୍ନଟ କରି ଜବତ କରିଥିଲେ। ଏହା ପରେ, ଏନଡିପିଏସ ଆଇନର ପ୍ରଚଳିତ ନିୟମ ଅନୁସରଣ କରି, ସାକ୍ଷୀ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉପରୋକ୍ତ ଗଞ୍ଜେଇ ଜବତ କରାଯାଇଥିଲା ଏବଂ ତଲାସୀ କରାଯାଇଥିଲା । ତଲାସୀ ସମୟରେ ମୋଟ ୦୭ ଟି ବଡ଼ ବ୍ୟାଗ ଚିହ୍ନଟ ହୋଇଥିଲା । ଉକ୍ତ ୦୭ ଟି ବଡ଼ ବ୍ୟାଗ ଖୋଲିବା ପରେ, ପଲିଥିନରେ ଗୁଡ଼ାଯାଇଥିବା ୧୬୦ ଟି ଛୋଟ ପକେଟ ମିଳିଥିଲା। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫,୮୫,୦୦୦ ଟଙ୍କା। ଏହି ସମ୍ପର୍କରେ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ଏବଂ ଗଞ୍ଜେଇର ଉତ୍ସ ଏବଂ ଅପରାଧୀମାନଙ୍କ ବିଷୟରେ ଅଧିକ ତଥ୍ୟ ଖୋଜିବା ପାଇଁ ତଦନ୍ତ ଜାରି ରହିଛି। ଦେଶୀ ରନ୍ଧା ମହୁଲି ମଦ ପ୍ରସ୍ତୁତି କରୁଥିବାର ସୂଚନା ଆଧାରରେ, ଆଇଆଇସି ଉଲୁଣ୍ଡା ଥାନା କର୍ମଚାରୀଙ୍କ ସହିତ ଅବକାରୀ ବିଭାଗର ଉପସ୍ଥିତିରେ ୨୦୦ ଲିଟର ଦେଶୀ ମହୁଲି ରନ୍ଧା ମଦ ଜବତ କରିଥିଲେ ଏବଂ ପ୍ରାୟ ୫୦୦୦ ଲିଟର ମହୁଲି ପୋଚ ନଷ୍ଟ କରିଥିଲେ ।

# ବିଜେପି ନଗର ମଣ୍ଡଳ ପକ୍ଷରୁ ବିଜୟ ଉତ୍ସବ ପାଳନ



**ସୁବର୍ଣ୍ଣପୁର,୫।୫(ସଂଚାର ବ୍ୟୁରୋ):** ଭାରତ ବର୍ଷ ର ତିନୋଟି ରାଜ୍ୟ ରେ ଆସାମ, ପୁଡୁଚେରୀ, ପଶ୍ଚିମବଙ୍ଗ, ବିଧାନସଭା ନିର୍ବାଚନ ବିଜୟ ପାଇଁ ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମା ବିଜୁପଟ୍ଟନାୟକ ଛକ ଠାରେ ବିଜେପି ନଗର ମଣ୍ଡଳ ପକ୍ଷରୁ ବିଜୟ ଉତ୍ସବ ପାଳନ କରାଯାଇଛି। ନଗର ମଣ୍ଡଳ ସଭାପତି ସୁରେଶ ବିଶ୍ୱାଳ ଙ୍କ ନେତୃତ୍ୱ ରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ମହାପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ସନ୍ତୋଷ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ, ପୂର୍ବତନ କାଉନସିଲର ତ୍ରିଲୋଚନ ତରିଆ, ସାନନ୍ଦ ବାରିକଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଓ ନେତା ଯୋଗ ଦେଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅମିତ ଶାହ ଙ୍କ ନାରାବାଜି ଦେଇ ବାଣ ଫଟକା ଫୁଟାଇ ସହର ପ୍ରକମ୍ପିତ କରିଥିଲେ। କର୍ମୀ ଓ ଜନସାଧାରଣ ଙ୍କୁ ଝାଳମୁଢ଼ି, ମିଷ୍ଟାନ ବଣ୍ଟନ କରିଥିଲେ।

# ୫ ବର୍ଷ ହେବ ଅଧାରେ ଅଟକିଛି ଶ୍ମଶାନ କାମ



**ଗଜପତି,୫।୫(ସଂଚାର ବ୍ୟୁରୋ):** ଜିଲ୍ଲା ପାରଳାଖେମୁଣ୍ଡି ସହରରେ ବିପର୍ଯ୍ୟସ୍ତ ଶ୍ମଶାନ ସେବା। ସରକାର ଅର୍ଥ ତ ଖର୍ଚ୍ଚ କରୁଛନ୍ତି, ହେଲେ ତାର ସୁଫଳ ଲୋକଙ୍କୁ ମିଳୁନି। ୫ ବର୍ଷ ବିତିଯାଇଥିଲେ ବି ଶ୍ମଶାନ ନିର୍ମାଣ କାର୍ଯ୍ୟ ସରିବାର ନାଁ ଧରୁନି। ଫଳରେ ଏହା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। କେବେ ସରିବ ଏହି କାର୍ଯ୍ୟ? ୨୦୧୯ରେ ପାରଳାଖେମୁଣ୍ଡି ସହର ଉପକଣ୍ଠ ମହେନ୍ଦ୍ରତନୟା ନଦୀ ତଟରେ ଆରମ୍ଭ ହେଲା ଶ୍ମଶାନ ଘାଟ ନିର୍ମାଣ। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ପୁରୁଣାପାଟଣା ପୋଲ ନିକଟରେ ଥିବା ପୁରୁଣା ଶ୍ମଶାନର ସମସ୍ୟାକୁ ଦୃଷ୍ଟିରେ ରଖି ନୂଆ ନିର୍ମାଣର ପଦକ୍ଷେପ ନେଇଥିଲେ ସରକାର। ହେଲେ ଠିକାଦାରଙ୍କ ଅବହେଳା ପାଇଁ କାମ ଅଧାରେ ଅଟକି ରହିଥିବା ଅଭିଯୋଗ ହୋଇଛି। ଶବଦାହ ଗୃହ, ଆଶ୍ରୟ ସ୍ଥଳ ଓ ପାଚେରି କାର୍ଯ୍ୟ ତ' ଆରମ୍ଭ ହୋଇଛି, କିନ୍ତୁ ସବୁ ଅଧପନ୍ତରିଆ। ଯେତିକି ହୋଇଛି ତା' ବି ନଷ୍ଟ ହୋଇଗଲାଣି। ଶ୍ମଶାନ ପରିସର ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ମଦୁଆଙ୍କ ଆଡ୍ଡା ପାଲଟିଛି ପାରଳାଖେମୁଣ୍ଡିର ନୂତନ ଶ୍ମଶାନ ଘାଟ। ସେପଟେ ଗୋଷାଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ କହିଛନ୍ତି, ପର୍ଯ୍ୟାୟ କ୍ରମେ ୨୦ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି। ଆଲୋକୀକରଣ, ନଦୀ ଘାଟକୁ ପାହାଚ ଓ ରାସ୍ତା ଆଦି ନିର୍ମାଣ ପାଇଁ ଅତିରିକ୍ତ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଅନୁଦାନ ପାଇଁ ବିଭାଗକୁ ଅନୁମୋଦନ ମିଳିଛି ଯଥା ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏମିତି ପ୍ରତିଶ୍ରୁତି ଥରେ ନୁହେଁ ଅନେକ ଥର ମିଳିଛି କିନ୍ତୁ ନିର୍ମାଣ କାର୍ଯ୍ୟ ଆଗେଇପାରୁନି। ଯାହା ସାଧାରଣରେ ଜନ ଅସନ୍ତୋଷର କାରଣ ପାଲଟିଛି। କେବେ ବାକି ଅର୍ଥ ପାଇଁ ଅନୁମୋଦନ ମିଳିବ ଆଉ ଶ୍ମଶାନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ତାକୁ ଅପେକ୍ଷା।

# ଆଧାର କାର୍ଡରେ ଜୀବିତ ବି ମୃତ

**ଗଞ୍ଜାମ,୫।୫(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ବହୁ ଆଧାରକାର୍ଡ ହିତାଧିକାରୀଙ୍କ ତ୍ରୁଟି ପୂର୍ଣ୍ଣ ଆଧାର କାର୍ଡ ହୋଇଥିଲେ ମଧ୍ୟ ଏ ଧରଣର ତ୍ରୁଟି ଥିବା କାର୍ଡଧାରୀ ମାନେ ଆବଶ୍ୟକ ପ୍ରମାଣ ପତ୍ର ଧରି ଭୁବନେଶ୍ୱର ଆଞ୍ଚଳିକ ଆଧାର କେନ୍ଦ୍ରକୁ ବାରମ୍ବାର ଦୌଡିଲେ ମଧ୍ୟ ତାହା ସଂଶୋଧନ ହୋଇପାରୁନି। ଦିଗପହଣ୍ଡି ଡାକଘରେ ଡାକସେ୍ୱକ ରୂପେ କାର୍ଯ୍ୟରତ ସାନଖେମୁଣ୍ଡି ସାହସପୁର ଗାଁ ର କେ. ରକିକୁମାର ଦୋରାଙ୍କ ଆଧାର କାର୍ଡ ପୋର୍ଟାଲରେ ସେ ଜୀବିତ ଥିଲେ ମଧ୍ୟ ମୃତ ଉଲ୍ଲେଖ ରହିଛି। ସେ ବାରମ୍ବାର ସମସ୍ତ ପ୍ରମାଣ ପତ୍ର ଧରି ଭୁବନେଶ୍ୱର କାର୍ଯ୍ୟାଳୟକୁ ଗଲେ ମଧ୍ଯ ତାଙ୍କର ଆଧାର କାର୍ଡ ସଂଶୋଧନ ହୋଇପାରୁନି। ସେହିପରି ଶେରଗଡ଼ ବ୍ଲକ ର ପିତଳର ହୃଷୀକେଶ ମହାନ୍ତିଙ୍କ ଆଧାର କାର୍ଡ଼ରେ ତ୍ରୁଟିପୂର୍ଣ୍ଣ ଜନ୍ମ ତାରିଖ ରହିଛି, ଫଳରେ ଆଧାର କାର୍ଡରେ ସେ ବୃଦ୍ଧ ବଦଳରେ ଯୁବକ ବୋଲି ଦର୍ଶାଯାଇଛି।

# ଶୀତଳ ଭଣ୍ଡାରର ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉ ନାହିଁ



**ବୈଶିଙ୍ଗା,୫।୫(ସଂଚାର ବ୍ୟୁରୋ):** ବିକାଶ ବିକାଶ ବିକାଶ ଚାରିଆଡେ ଚାଲିଛି ବିକାଶର ନାରା । ପୂର୍ବ ସରକାର ଯେମିତି ଚାଷୀଙ୍କୁ ଭଣ୍ଡେଇ ଚାଲିଥିଲେ, ନୂଆ ବିଜେପି ସରକାର ମଧ୍ୟ ସେଇ ଧାରାରେ ଚାଲିଥିବାର ଅଭିଯୋଗ ହେଉଛି। ମାତ୍ର ଚାଷୀ, ଚାଷ ଓ କୃଷି ଉତ୍ପାଦିତ ସାମଗ୍ରୀର ବିକ୍ରୀ କରିବା ପାଇଁ ବଜାର ସୃଷ୍ଟି କରିବା ଏବଂ କୃଷି ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ଶୀତଳ ଭଣ୍ଡାର ସରକାର ନିର୍ମାଣ ନ କରାଇବା ଚାଷୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି । କାଳିଆ, ବଳିଆ ଯୋଜନା ସହିତ ଟଙ୍କିକିଆ ଚାଉଳ ପାଇଁ କୃଷି ଶ୍ରମିକ ମାନେ କ୍ଷେତରେ ଶ୍ରମ କରିବା ପରିବର୍ତ୍ତେ ବୁଲି ବୁଲି ସମୟକୁ ବିତାଇ ଦେଉଛନ୍ତି। ଏଥିପାଇଁ କୃଷି ଉତ୍ପାଦନ କମୁଛି , ମାତ୍ର ଜନସଂଖ୍ୟା ବଢ଼ି ବଢ଼ି ଚାଲୁଛି। ଋତୁ ଉପଯୋଗୀ ହେଉଥିବା ପନିପରିବା ଚାଷରୁ ଉତ୍ପାଦିତ ସାମଗ୍ରୀ ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ଆବଶ୍ୟକତାକୁ ଗୁରୁତ୍ୱ ଦେବାକୁ ଦାବି ହେଉଛି। ଦରଦାମ ବୃଦ୍ଧିକୁ ନେଇ ଉପୁଜିଥିବା ସମସ୍ୟାକୁ ନେଇ ସାଧାରଣ ଓ ମଧ୍ୟବିତ୍ତ ପରିବାର ଏବେ ଜର୍ଜରିତ । ମୁଖ୍ୟତଃ ଆଳୁ, ବାଇଗଣ, ବିଲାତି, ଭେଣ୍ଡି, ଜହ୍ନି ଆଦି ପରିବା ଅଧିକ ଦାମ ରେ ବିକ୍ରି ହେଉଛି । ବୈଶିଙ୍ଗା ଠାରେ ଶୀତଳ ଭଣ୍ଡାର ନିର୍ମାଣ ହୋଇଥିଲେ ବୁଢ଼ାବଳଙ୍ଗ, ଗଙ୍ଗାହାର ଅବବାହିକାରୁ ଉତ୍ପାଦିତ ହେଉଥିବା ପନିପରିବା ଜିଲ୍ଲା ଏବଂ ଜିଲ୍ଲା ବାହାରକୁ ଯୋଗାଇବା ପରେ ମଧ୍ୟ ବଳକା ପନି ପରିବା ସାଇତା ଯାଇ ପାରନ୍ତା । ମାତ୍ର ଶୀତଳ ଭଣ୍ଡାର ଅଭାବରୁ ବଳକା ପନିପରିବା ପଚି ସଢ଼ି ନଷ୍ଟ ହୋଇଯାଉଛି। ଏଥି ପାଇଁ ଚାଷୀ ମାନଙ୍କୁ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିବାକୁ ପଡୁଛି। ଯାହା ଫଳରେ ଚାଷୀ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ବିଭିନ୍ନ ଯୋଜନାରେ ପୂର୍ବ ସରକାର କୋଟି କୋଟି ଟଙ୍କାର ଅଯଥା ଖର୍ଚ୍ଚ କରିଥିବା ବେଳେ ଚାଷୀ ଙ୍କ ସୁବିଧା କୁ ଭୁଲି ଯାଇଥିଲେ ।

# ଦୁଇ ବର୍ଷ ଧରି ନିଖୋଜ ଥିବା ନାବାଳିକା ଉଦ୍ଧାର ହେଲେ

**ବୈଶିଙ୍ଗା,୫।୫(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ମେରଦା ପଞ୍ଚାୟତର ଜନୈକା ୧୫ ବର୍ଷୀୟା ନାବାଳିକା ୨୦୨୪ ମସିହା ସେପ୍ଟେମ୍ବର ମାସରେ ଗ୍ରାମରେ ଥିବା ନିଜ ସାଙ୍ଗ ଘରକୁ ଯାଉଛି କହି ଯାଇଥିଲେ। ହେଲେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ସମସ୍ତ ସମ୍ପର୍କୀୟମାନଙ୍କୁ ପଚରାଉଚରା କରି ମଧ୍ୟ ବିଫଳ ହେବାପରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ୧୫୪ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥଲା। ତେବେ ସୋମବାର ନାବାଳିକା ଜଣକ ଘରକୁ ଫେରି ଆସିଥିବା ସୂଚନା ପାଇ ପୋଲିସ ପହଞ୍ଚି ନାବାଳିକାଙ୍କୁ ଆଣି ପଚରାଉଚରା କରି ଜାଣିବାକୁ ପାଇଥିଲେ ଯେ ଗ୍ରାମର ଅନ୍ୟ କିଛି ଲୋକଙ୍କ ସହ ସମ୍ବଲପୁର ଠାରେ ଏକ କାରଖାନାରେ କାମ କରିବାକୁ ଯାଇଥିଲେ ବୋଲି ପ୍ରକାଶ କରିଛନ୍ତି। ମଙ୍ଗଳବାର ତାଙ୍କର ଡାକ୍ତରୀ ପରୀକ୍ଷା ପରେ ଜେଏମଏଫସିଙ୍କ ଅଦାଲତରେ ହାଜର କରାଯାଇଥିଲା। ତେବେ କୋର୍ଟଙ୍କ ଅନୁମତି ପରେ ତାଙ୍କୁ ପରିବାର ଲୋକଙ୍କ ହେପାଜତରେ ଛଡ଼ା ଯାଇଥିବା ଥାନାଧିକାରୀ ବାରିଣୀ ଦାସଙ୍କ ସୂତ୍ରରୁ ପ୍ରକାଶ।

# ରୁପ୍ରାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା: ବାଇକ ଆରୋହୀ ମୃତ



**କଳାହାଣ୍ଡି, ୫।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ରୁପ୍ରା ଜଗନ୍ନାଥ ମନ୍ଦିର ଛକ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ ଓ ବାଇକ ଧକ୍କା ହେବାରୁ ଘଟଣାସ୍ଥଳରେ ହିଁ ବାଇକ ଚାଳକଙ୍କ ଜୀବନ ଚାଲି ଯାଇଛି। ମୃତ ବ୍ୟକ୍ତି ଜଣକ ରୁପ୍ରାରୋଡର ସାନବାବୁ ନାଗ ବୋଲି ଜଣାପଡ଼ିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ ସିଜି ୧୫ଏ ୩୪୨୦ ନମ୍ବର ବିଶିଷ୍ଟ ଟ୍ରକ ସାନବାବୁଙ୍କ ବାଇକ (ଓଡି ୦୮ ଏମ ୫୭୯୦) କୁ ପ୍ରାୟ ପାଞ୍ଚଫୁଟ ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ତାଙ୍କ ମୁଣ୍ଡ ଓ ସାରା ଶରିରରେ ଆଘାତ ଯୋଗୁଁ ପ୍ରବଳ ରକ୍ତସ୍ରାବ ହେଉଥିଲା। ସ୍ଥାନୀୟ ଲୋକେ ଆହତ ସାନବାବୁଙ୍କୁ ଉଦ୍ଧାର କରି ରାସ୍ତା ପାର୍ଶ୍ୱକୁ ନେବାର କିଛି ସମୟ ପରେ ହିଁ ତାଙ୍କ ଜୀବନ ଚାଲିଯାଇଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ପଲମ ଫାଣ୍ଡି ଓ କେସିଙ୍ଗା ପୋଲିସ ପହଞ୍ଚି ତଦନ୍ତ କରୁଛନ୍ତି। ଅନ୍ୟପକ୍ଷରେ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଛନ୍ତି ଉତ୍ୟକ୍ତ ଜନତା। ଖବର ଲେଖାଯିବା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଛି।

# ବିଜେପି ବିଜୟକୁ ନେଇ ବିଜୟ ଉତ୍ସବ

**ବଲାଙ୍ଗିର,୫।୫(ସଂଚାର ବ୍ୟୁରୋ):** ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ଭାରତୀୟ ଜନତା ପାର୍ଟି(ବିଜେପି)ର ବୃହତ ବିଜୟକୁ ନେଇ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ବିଜୟ ଉତ୍ସବ ପାଳନ ହୋଇଛି। ଏହି ଅବସରରେ ସ୍ଥାନୀୟ ନେତୃବୃନ୍ଦ ଓ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଅତ୍ୟନ୍ତ ଉତ୍ସାହର ସହ ଏହି ସଫଳତାକୁ ପାଳନ କରିବା ସହ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀର ଜନସାଧାରଣ ଓ ବିଜେପି କାର୍ଯ୍ୟକର୍ତ୍ତା ମାନଙ୍କୁ ସେମାନେ ଶୁଭେଚ୍ଛା ଜଣାଇଛନ୍ତି। ସମଗ୍ର ଦେଶ ମୋଦିଙ୍କ ନେତୃତ୍ୱକୁ ସମର୍ଥନ କରୁଥିବାରୁ ଦେଶ ଆଗେଇ ଥିବା କର୍ମକର୍ତ୍ତା କହିଛନ୍ତି।

## ସଂକଟରେ ବରଗଡ଼ ସିମେଣ୍ଟ ଫ୍ୟାକ୍ଟ୍ରି
# ଅନ୍ଧାରରେ ୧୩୫ ଶ୍ରମି ପରିବାର, ମାସେ ହେବ ମିଳିନି ଦରମା



**ବରଗଡ଼,୫।୫(ସଂଚାର ବ୍ୟୁରୋ):** ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲା ଏବେ କଣ ଶିଳ୍ପ ଶୂନ୍ୟ ହେବାକୁ ଯାଉଛି? ଗୋଟିଏ ପରେ ଗୋଟିଏ କାରଖାନା ବନ୍ଦ ହେବା ପରେ ଏବେ ବିପଦରେ ଏସିସି ସିମେଣ୍ଟ ଫ୍ୟାକ୍ଟ୍ରି। ଦୀର୍ଘ ୫୮ ବର୍ଷର ପରିଚୟ ଏବେ ସଙ୍କଟରେ। କାମ ନାହିଁ କି ଦରମା ନାହିଁ, ରାସ୍ତାକୁ ଓହ୍ଲାଇଲେଣି ଶ୍ରମିକ। ବରଗଡ଼ର ଶିଳ୍ପ ସମୃଦ୍ଧିର ପ୍ରତୀକ ଥିଲା ଏସିସି ସିମେଣ୍ଟ । ଦୀର୍ଘ ୫୮ ବର୍ଷ ଧରି ଶହ ଶହ ପରିବାରକୁ ରୋଜଗାର ଦେଇ ଆସୁଥିଲା। ଜିଲ୍ଲାର ଅର୍ଥନୀତିକୁ ଗତି ଦେଉଥିଲା। ହେଲେ ଆଜି ଏଠାରେ ଶୂନ୍ୟତା। ସରକାରୀ ସ୍ତରରୁ ଆରମ୍ଭ ହୋଇଥିବା ଏହି ଫ୍ୟାକ୍ଟ୍ରି ଘରୋଇ କମ୍ପାନି ହାତକୁ ଯିବା ପରେ ଦୁର୍ଦ୍ଦଶା ଚରମସୀମାରେ। ଫ୍ୟାକ୍ଟ୍ରି ଚଳାଇବା ପାଇଁ ଆବଶ୍ୟକ ସାମଗ୍ରୀ ଆସୁନାହିଁ। ପରିଣାମ ସ୍ୱରୂପ ଜୀବିକା ହରାଇବାକୁ ବସିଲେଣି ୧୩୫ଟି ଶ୍ରମିକ ପରିବାର। ମାସେ ହେଲା କାମ ଦେଉନଥିବା ସହ ଶ୍ରମିକଙ୍କୁ ଦରମା ଦେଉନାହିଁ ଏସିସି ସିମେଣ୍ଟ। ନିଜ ଜୀବିକା ବଞ୍ଚାଇବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଫ୍ୟାକ୍ଟ୍ରି କର୍ମଚାରୀ। ଗୋଟିଏ ପଟେ ଓଡ଼ିଶାରେ ଶିଳ୍ପାୟନ ପାଇଁ ବଡ଼ ବଡ଼ କମ୍ପାନିକୁ ପ୍ରସ୍ତାବ ଦିଆଯାଉଛି। କନ୍‌କ୍ଲେଭ୍ ଆୟୋଜନ ହେଉଛି। କିନ୍ତୁ ଯାହା ଅଛି ତାକୁ ବଞ୍ଚାଇବା ପାଇଁ କାହାରି ତତ୍ପରତା ନାହିଁ। ଚିନିକଳ, ସୂତାକଳ ଏବଂ ସାର କାରଖାନା ଭଳି ଏସିସି ସିମେଣ୍ଟ ମଧ୍ୟ ଇତିହାସ ପାଲଟିଯିବ କି? ପରିସ୍ଥିତି ଏପରି ହୋଇଛି ଯେ, ଶ୍ରମିକମାନେ ଭୋକ ଉପାସରେ ଦିନ କାଟୁଛନ୍ତି। ଅନ୍ୟପଟେ ଜିଲ୍ଲା ଶ୍ରମ ଅଧିକାରିଣୀ କହିଛନ୍ତି ଯେ, ଏସିସି କମ୍ପାନୀକୁ ଏ ବାବଦରେ ସମସ୍ତ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୁବଶୀଘ୍ର ସମସ୍ୟାର ସମାଧାନ ହେବ। ଏସିସି କେବଳ ଏକ କମ୍ପାନୀ ନଥିଲା, ବରଗଡ଼ବାସୀଙ୍କ ଭରସା ଥିଲା। କିନ୍ତୁ ଆଜି ସେହି ଭରସା ଭାଙ୍ଗିବାକୁ ବସିଛି। ଯଦି ଜିଲ୍ଲା ପ୍ରଶାସନ ଏବଂ ସରକାର ତୁରନ୍ତ ହସ୍ତକ୍ଷେପ ନକରନ୍ତି, ତେବେ ଶହ ଶହ ଶ୍ରମିକଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବ।

# ପିଇଟିଙ୍କୁ ଆର୍ଟ୍ସ ଆଣ୍ଡ ଲିଭିଂ ଆୱାର୍ଡ

**ବଲାଙ୍ଗିର,୫।୫(ସଂଚାର ବ୍ୟୁରୋ):** ସଇଁତଳା ସରକାରୀ ବାଳିକା ବିଦ୍ୟାଳୟ, ସଇଁତଳାରେ କାର୍ଯ୍ୟରତ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର ରାଜ୍ୟ ଆର୍ଟ୍ସ ଆଣ୍ଡ ଲିଭିଙ୍ଗ ଉନସଙ୍ଗ ଏଭେରୀ ଡେ ହିରୋସ ଆୱାର୍ଡ ଗୁରୁଦେ୍ୱ ରବିଶଙ୍କରଙ୍କ ସତୁରି ତମ ଜନ୍ମଦିନରେ ଭୁବନେଶ୍ୱର ୟୁନିଟ- ୯ ରେ ଅବସ୍ଥିତ ବୁଦ୍ଧ ମନ୍ଦିର ସ୍ପୋର୍ଟ୍ସ ଏକ୍ସେଲେନ୍ସି ଆୱାର୍ଡ ପାଇଛନ୍ତି। ୩୦ ବର୍ଷ ହେଲା ବିଦ୍ୟାଳୟର ଖେଳ ଶିକ୍ଷୟତ୍ରୀ ଦାୟିତ୍ୱ ତୁଲାଇ ଅନେକ ରାଜ୍ୟ ସ୍ତରୀୟ ଖେଳାଳି ବାହାର କରିବା ସହ ସଇଁତଳା ବ୍ଲକ ସମ୍ପାଦିକା ଭାବରେ ଦୀର୍ଘ ୧୩ ବର୍ଷ ହେଲା ଦାୟିତ୍ୱ ନେଇ ବ୍ଲକରେ ଖେଳର ପରିବେଶ ସୃଷ୍ଟି କରିବା ସହ ଅନେକ ବିଦ୍ୟାଳୟରୁ ଜାତୀୟ ଓ ରାଜ୍ୟ ସ୍ତରୀୟ ଖେଳାଳି ବାହାର କରିବାରେ ବିଦ୍ୟାଳୟ ମାନଙ୍କୁ ସାହାଯ୍ୟ କରି ବ୍ଲକ ର ନାମକୁ ଖେଳ ଜଗତରେ ପରିଚିତ କରି ଜିଲ୍ଲା ଓ ରାଜ୍ୟରେ ପହଞ୍ଚାଇ ପାରିଛନ୍ତି।